ପ୍ରତିଷ୍ଠାତା - ରାମକୃଷ୍ଣ ନନ୍ଦ

ଉପଦେଷ୍ଟାମଣ୍ଡଳୀ

ଶ୍ରୀ ସହଦେବ ସାହୁ
ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ
ଇଂ ପ୍ରଭାତ କୁମାର ନନ୍ଦ

ସମ୍ପାଦିକା

ଅନସୂୟା ନନ୍ଦ

୬୬ ବର୍ଷ, ଦ୍ୱାଦଶ ସଂଖ୍ୟା
ଜୁଲାଇ, ୨୦୧୭
ବାର୍ଷିକ ମୂଲ୍ୟ--୧୨୦ ଟଙ୍କା
ପ୍ରତିଖଣ୍ଡ-- ୧୫ ଟଙ୍କା

ଯୋଗାଯୋଗ

ତଳତେଲେଙ୍ଗା ବଜାର,
କଟକ-୭୫୩୦୦୯
ଦୂରଭାଷ : ୯୮୬୧୦୬୪୮୯୧,
୯୭୭୬୩୨୬୫୬୩,୨୪୨୦୦୭୫
email :
nandaanasuya@hotmail.com
www:odisha publication.com

ଅନ୍ୟାନ୍ୟ ବିଭାଗର ଲେଖକ--
ଡା. ନିମାଇଁ ଚରଣ ପରିଡା,
ଡା. ଅଜିତାନନ୍ଦ ଗୋସ୍ୱାମୀ ।

ଗଳ୍ପ ଓ ଜୀବନୀ

ଚୁମାଭରା ବାକ୍ସ	ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ	୫
ଜଙ୍ଗଲ ରାଜକୁମାର ପଟ୍‌ଲା	ଡା: ମହାପାତ୍ର ଆନନ୍ଦଶଙ୍କର ମିଶ୍ର	୮
ଅପୂର୍ବ ସାହସିକତା	ନଟବର ସାହୁ	୧୪
ଚକ୍ର ସୁଦର୍ଶନ	ଉମାକାନ୍ତ ମହାନ୍ତି	୨୧
ଧୂପକାଠି	ସୁରେଶ କୁମାର ପଣ୍ଡା	୨୬
ମାଆଙ୍କର ଚୁଡ଼ି ପିନ୍ଧା	ଶାନ୍ତି ସାମଲ	୨୯
କାନ୍ଧରେ ଲକ୍ଷ୍ମୀ,କଣ୍ଠରେ ସରସ୍ୱତୀ	ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ	୩୧
ପରିବର୍ତ୍ତନ	ରମେଶ ଚନ୍ଦ୍ର ଦାଶ	୩୫
ଆମ ଢଗଢମାଳି	ଅନ୍ତର୍ଯ୍ୟାମୀ ଲେଙ୍କା	୩୭
ମୂର୍ଖ ବାଳକ ଓ ଚତୁର ବିଲୁଆ	(ଅନୁବାଦ- ମାୟା ମିଶ୍ର)	୪୧
ଦରଦୀ ସନ୍ତୁ	ବଙ୍ଗାଳି ଚରଣ ଯତି	୪୪
ବେଙ୍ଗବେଙ୍ଗୁଲୀ	ରାଜଲକ୍ଷ୍ମୀ ତ୍ରିପାଠୀ	୫୦

କବିତା

ଫେରିଆଇଲେ ଗୋଡ଼େ	ନଗେନ୍ଦ୍ରନାଥ ପଟ୍ଟନାୟକ	୭
ଜଗତେ ନାହିଁ	ଦେବାଶିଷ ଚକ୍ରବର୍ତ୍ତୀ	୧୩
କମିଯିବ ପରା ଖରା	ଦିଲ୍ଲୀପ କୁମାର ତ୍ରିପାଠୀ	୧୬
ପରିଶ୍ରମର ମୂଲ୍ୟ	ପବିତ୍ର କବି	୨୦
ବାହାଘର ଗଲା ଭାଙ୍ଗି	ମନୋରମା ସାହୁ	୨୫
ବାପା	ନୀଳମଣି ଚାନ୍ଦ	୨୮
ଆଜିଠୁ କରିବା ପଣ	ପୀତାମ୍ବର ମିଶ୍ର	୩୩
କିଏ ପାରିବ କହି ?	ମାଧବାନନ୍ଦ ପଣ୍ଡା	୩୪
ଓଲେଇ ବୁଢ଼ୀ	ମାଧବ ଚନ୍ଦ୍ର ସ୍ୱାଇଁ	୪୩

ଜ୍ଞାନବିଜ୍ଞାନ

ଅଭିନବ ପ୍ରୟାସ	କାଳିକିଙ୍କର	୧୭
ଚାଇନାର ସେହି କୁହୁକ	ଡ ଶୁଭେଂଦ୍ର ମୋହନ ଶ୍ରୀଚଂଦନ ସିଂହ	୧୯

ମନୋରଞ୍ଜନ

ସାଧାରଣଜ୍ଞାନ ପରୀକ୍ଷା	ଜ୍ୟୋତିରଂଜନ ବିଶ୍ୱାଳ	୧୮
ଲେଖନୀର ପାଠଶାଳା	ରାମକୃଷ୍ଣ ନନ୍ଦ	୨୭
ଭାବି ଦେଖନ୍ତୁ	ଅନସୂୟା ନନ୍ଦ	୪୫
ଚିତ୍ର ଓ ମଞ୍ଚ	କାଞ୍ଚି ନାରାୟଣ ମହାନ୍ତି	୪୮
ଶବ୍ଦଧନ୍ଦା	ପ୍ରିୟଦର୍ଶୀ ଶତପଥୀ	୫୩



ଆମ ଚିଠି ମୁଣିରୁ

ଆନନ୍ଦପୁର, ଜାଭିୟରସ୍ ହାଇସ୍କୁଲରୁ ଶ୍ରୀ ଉତ୍କଳ କେଶରୀ ସାହୁ-- ଏ ମାସ ସଂସାରରୁ ଦେଖି ଜାଣିଲି ଏହା ୬୬ ବର୍ଷର ପତ୍ରିକା । ବଡ଼ ଆଶ୍ଚର୍ଯ୍ୟ ହେଲି । ଏହି ପତ୍ରିକାଟି ଚିରଦିନ ପାଇଁ ଜୀବିତ ରହୁ– ଏହା ହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ବାଲିସାହି, ନରସିଂହପୁରରୁ ସୌମ୍ୟରଂଜନ ମହାପାତ୍ର-- ଏ ମାସ ପତ୍ରିକା ସବୁଥର ଭଳି ମନଛୁଆଁ ହୋଇପାରିଛି । ରାମକୃଷ୍ଣ ନନ୍ଦଙ୍କର ମାନସ ସନ୍ତାନ କାୟା ବିସ୍ତାର କରି ଚାଲିଛି । ଏହାର ଦୀର୍ଘ ଜୀବନ ତଥା ଉତ୍ତରୋତ୍ତର ଉନ୍ନତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ଚରଣାବିନ୍ଦରେ ପ୍ରାର୍ଥନା କରୁଛି ।

ଶୈଳଶ୍ରୀ ବିହାର, ଭୁବନେଶ୍ୱରରୁ ଡ. କୃତ୍ତିବାସ ନାୟକ-- ସଂସାରରେ ଲେଖାଟିଏ ପ୍ରକାଶ ପାଇଲେ ଗୁରୁ ରାମକୃଷ୍ଣ ନନ୍ଦଙ୍କର ପାଦ ତଳେ ବାରମ୍ବାର ପ୍ରଣାମ ଜଣାଏ ।

ପୁରୁଣା ବଜାର, କେନ୍ଦୁଝରରୁ ବ୍ରହ୍ମେଶ୍ୱର ସାହୁ-- ଏ ମାସ ପତ୍ରିକାରୁ ବିଶେଷ କରି ମତେ ଭଲ ଲାଗିଲା 'ମୁଁ କିଏ' କବିତାଟି । ଏହି କବିତାଟି ସବୁ ବିଭାଗକୁ ଛୁଇଁପାରିଛି । ଏଭଳି କବିତା ଲେଖିଲେ ପିଲାମାନଙ୍କ ପାଇଁ ଏକ କୌତୁକପୂର୍ଣ୍ଣ ଶିକ୍ଷଣୀୟ କଥାବସ୍ତୁ ହୋଇପାରିବ । ଲେଖକଙ୍କୁ ଅଶେଷ ଧନ୍ୟବାଦ ।

ଫକୀରପୁର, ସେଣ୍ଟ୍ ଜାଭିୟରସ୍ ସ୍କୁଲରୁ ରୁଦ୍ର ନାରାୟଣ ସାହୁ (୯ମ)-- ଏହି ପତ୍ରିକାରେ କାହାଣୀ, କବିତା, ଜ୍ଞାନବିଜ୍ଞାନ, ଚିତ୍ର ଯେଭଳି ଭାବରେ ପ୍ରକାଶିତ ହୋଇଛି, ତାହା ଓଡ଼ିଆ ସାହିତ୍ୟ ଜଗତରେ ଜୀବନ୍ତ, ଏ କଥାରେ ଦ୍ୱିରୁକ୍ତି ନାହିଁ ।

ଚମ୍ପୁଆରୁ ରାସେଶ୍ୱର ମହାନ୍ତ-- ଏ ମାସରେ ପ୍ରକାଶିତ 'ଚାଷୀ' କବିତାଟି ଏକ ଅନନ୍ୟ କବିତା । କବିତାରେ କବି ସରଳ ଚାଷୀ ଜୀବନର ଅହେତୁକ ବେଦନା, ସରକାରୀ ଅବହେଳାର ଶିକାର ଆଉ ଆଗାମୀର ସମ୍ଭାବନାକୁ ନିଖୁଣ ଭାବେ ଉପସ୍ଥାପନା କରିଛନ୍ତି । କବିଙ୍କୁ ଧନ୍ୟବାଦ ।

ଓଡ଼ଗାଁ, ନୟାଗଡ଼ରୁ ରାଜକିଶୋର ସାହୁ ଲେଖିଛନ୍ତି-- ପ୍ରତିମାସରେ ଅନୁରୋଧ କଲେ ବି ଲେଖନୀର ପାଠଶାଳା ଓ ବୁଦ୍ଧିପରୀକ୍ଷା ସ୍ଥାନ ପାଉନାହିଁ କାହିଁକି ?

ଅଭିନନ୍ଦନ

ଆମର ପରିଚିତ ଲେଖକ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ **ଡ. କୃତ୍ତିବାସ ନାୟକଙ୍କୁ** 'ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ', ପଣ୍ଡୁଆ, ଜଗତସିଂହପୁର ତରଫରୁ ତାଙ୍କର ଶିଶୁ ସାହିତ୍ୟରେ ସାଧନା ଓ ଉଲ୍ଲେଖନୀୟ କୃତି ପାଇଁ ବାଲିଘର ଶିଶୁ ସାହିତ୍ୟ ସମ୍ମାନ-୨୦୧୭ ପ୍ରଦାନ କରାଯାଇଛି ।

ଏବଂ

ଆମର ପରିଚିତ ଲେଖକ ବିଶିଷ୍ଟ ବୈଜ୍ଞାନିକ, ସାହିତ୍ୟିକ **ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ** ତାଙ୍କ ପୁସ୍ତକ 'ଶିଶୁ ଓ କିଶୋରମାନଙ୍କ ପାଇଁ କଥା ଓ ଚିତ୍ର ବିଜ୍ଞାନ' ପାଇଁ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ସମ୍ମାନଜନକ 'ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ପୁସ୍ତକ ପୁରସ୍କାର- ୨୦୧୫' ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଏଥିପାଇଁ ଆମେ ଗର୍ବିତ । ଏହି ଗୌରବମୟ କୃତି ପାଇଁ ସେମାନଙ୍କୁ ଆମର ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛୁ ।

--'ସଂସାର' ପରିବାର

ଏ ମାସ ପ୍ରଚ୍ଛଦରେ 'ଚକ୍ର ସୁଦର୍ଶନ' ବିଷୟରୁ ଚିତ୍ର ପ୍ରଦତ୍ତ ହୋଇଛି ।

ଉ– ପ୍ରତିମାସରେ ଏକ ପ୍ରକାରର ବୁଦ୍ଧି ଖଟେଇବାର ପ୍ରଶ୍ନ ଓ ଉତ୍ତର ଦେଲେ ପିଲାମାନଙ୍କୁ ସ୍ପୃହଣୀୟ ହେବ ନାହିଁ । ସେଥିପାଇଁ ପର୍ଯ୍ୟାୟକ୍ରମେ ଦେଉଛୁ ।

ପତ୍ରାପାଲି, ସୁନ୍ଦରଗଡ଼ରୁ ଡିଲେନ୍ଦ୍ର ବୋଡ଼ା-- ପ୍ରତିମାସର ପ୍ରତିକାରେ ଖୁବ୍ ସୁନ୍ଦର ଗଳ୍ପ, କବିତା, ଧନ୍ଦା, ପ୍ରଶ୍ନାବଳୀ ଆଦିରେ ଏହାର କଳେବର ମଣ୍ଡିତ ହେଉଛି । ପିଲାଙ୍କର ବୌଦ୍ଧିକ ବିକାଶ ନିମନ୍ତେ ଏହା ସବୁ ଦୃଷ୍ଟିରୁ ବଢ଼ିଆ ହେଉଛି ।

ଚୁମାଭରା ବାକ୍ସ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

କିଛି ବର୍ଷ ତଳର କଥା । ଜଣେ ବ୍ୟକ୍ତି ତାଙ୍କ ପାଞ୍ଚ ବର୍ଷର ଝିଅକୁ ଖୁବ୍ ଗାଳିଦେଲେ ।ଏପରିକି କଷିଦେଲେ ଚଟକଣିଟିଏ ତା' ଗାଲରେ । ମାତ୍ର କଅଣ ଥିଲା ଝିଅଟିର ଅପରାଧ ? କି ଦୋଷ କରି ପକାଇଥିଲା ସେ ?

ଦୋଷଟି ହେଲା– ତା'ର ବାପା ଘରେ ରଖିଥିଲେ ଫର୍ଦେ ଅତି ଦାମିକା ସୁନେଲି କାଗଜ । ଝିଅଟି ସେ କାଗଜଖଣ୍ଡଟିକୁ ନେଇଯାଇ ତା'ପାଖରେ ଥିବା ଗୋଟିଏ ଛୋଟ ବାକ୍ସ ଉପରେ ଗୁଡ଼େଇ ପକାଇଥିଲା । କୌଣସି ଜିନିଷକୁ ଉପହାର ଦେବାବେଳେ ଆମେ ଯେପରି ତା' ଉପରେ ରଙ୍ଗିନ୍ କାଗଜ ମଡ଼େଇଦେଇଥାଉ । ଠିକ୍ ସେହିଭଳି ଭାବରେ ସୁନେଲି କାଗଜଟିକୁ ବ୍ୟବହାର କରିଥିଲା ଝିଅ । ତା'ପରେ ସୁନେଲି କାଗଜ ଗୁଡ଼ା ହୋଇଥିବା ବାକ୍ସଟିକୁ ନେଇ ରଖିଦେଇଥିଲା 'ଖ୍ରୀଷ୍ଟମାସ ଟ୍ରି' ତଳେ ।

ତୁମମାନଙ୍କ ଭିତରୁ କେହି କେହି ଜାଣିଥିବ ଯେ ପ୍ରତିବର୍ଷର ଡିସେମ୍ବର ୨୫ ତାରିଖରେ ପାଳିତ ହୋଇଥାଏ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ଉତ୍ସବ । ଏହି ଉତ୍ସବ ପାଳନ ନିମନ୍ତେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନିଜ ନିଜ ଘରେ 'ଖ୍ରୀଷ୍ଟମାସ ଟ୍ରି' ପୋତି ସେହି ଡାଳକୁ ରଙ୍ଗବେରଙ୍ଗ ଆଲୋକରେ ସଜେଇ ଥାଆନ୍ତି ଓ ସେଥିରେ ବାନ୍ଧିଥାଆନ୍ତି ପରିବାରର ସଦସ୍ୟମାନଙ୍କ ନିମନ୍ତେ ବିଭିନ୍ନ ଉପହାର ସାମଗ୍ରୀ ।

ପରଦିନ ସକାଳ । ଝିଅଟି ସୁନେଲି କାଗଜରେ ଆବୃତ ସେହି ବାକ୍ସଟିକୁ ନେଇଆସି ତା' ବାପାଙ୍କ ହାତକୁ ବଢ଼ାଇଦେଲା । କହିଲା, "ବାପା ! ମୋ ତରଫରୁ ଏହା ତୁମକୁ ସ୍ନେହ ଓ ଶ୍ରଦ୍ଧାର ଉପହାର ।" ସୁନେଲି କାଗଜରେ ଆବୃତ ଉପହାରଟି ତାଙ୍କ ପାଇଁ ବୋଲି ଜାଣିନେବା ପରେ ଝିଅ ପ୍ରତି ପୂର୍ବ ଦିନର ଆଚରଣ କଥା ତାଙ୍କର ମନେପଡ଼ିଗଲା । ବଡ଼ ଲଜ୍ଜିତ ହୋଇପଡ଼ିଲେ ସେ । ଝିଅକୁ ଖୁସି କରେଇବା ପାଇଁ ସେହି ସୁନେଲି କାଗଜଟିକୁ କାଢ଼ି ପକାଇ ବାକ୍ସଟିକୁ ଖୋଲିଦେଲେ । ବାକ୍ସଟିକୁ ଖୋଲିଦେବା ମାତ୍ରେ ତାଙ୍କର ରାଗ ପୁଣି ପଞ୍ଚମକୁ ଉଠିଗଲା । ସେ ଗର୍ଜିଉଠି କହିଲେ, "ତୋର ଏତିକି ଟିକେ ବୁଦ୍ଧି ନାହିଁ ? ଯେତେବେଳେ କାହାକୁ କିଛି ଉପହାର ଦିଆଯାଏ, ସେହି ପ୍ୟାକେଟ୍ ଭିତରେ କିଛି ଜିନିଷ ଭରିଦିଆଯାଏ ନାଁ ବଢ଼େଇ ଦିଆଯାଏ ଫାଙ୍କା ଥିବା ପ୍ୟାକେଟ୍‌ଟିଏ ?"

ବାପାଙ୍କ ଗର୍ଜନତର୍ଜନ ପୁଣି ଝିଅଟିର ଆଖିରୁ ଥପ୍ ଥପ୍ ଲୁହ ଗଡ଼ିପଡ଼ିଲା । ତଥାପି ସେ କୋହ ସମ୍ଭାଳି ନେଇ ଥଙ୍ଗେଇ ଥଙ୍ଗେଇ କହିଲା, "ବାପା ! ମୁଁ ତୁମକୁ ଯେଉଁ ବାକ୍ସଟି ଦେଲି, ତାହା ଆଦୌ ଖାଲି ବାକ୍ସ ନୁହେଁ । ମୁଁ ସେହି ବାକ୍ସଟି ଭତରେ ମୋ'ର ଚୁମା ରଖି ରଖି ବାକ୍ସଟି

ଚୁମ୍ମାରେ ପୂରାପୂରି ଭର୍ତ୍ତି ହୋଇଗଲା ପରେ ବାକ୍ସଟିର ଘୋଡ଼ଣି ବନ୍ଦ କରିଦେଲି । ଘୋଡ଼ଣି ବନ୍ଦ କରି ସେଥିରେ ମଢ଼େଇଦେଲି ତୁମେ ଘରେ ରଖିଥିବା ସୁନେଲି କାଗଜ ଖଣ୍ଡଟି ।"

ଝିଅଠାରୁ ଏହି କଥା ଶୁଣି ବାପାଙ୍କ ପାଟିରୁ ବଚନ ବାହାରିଲାନି । ସେ ନିଜର ସେହି ଛୋଟ ଝିଅଟି ସାମନାରେ ଆଣ୍ଠେଇ ପଡ଼ି ତା'କୁ କୋଳେଇନେଲେ ଓ ତାଙ୍କର ନିଷ୍ଠୁର ଆଚରଣ ନିମନ୍ତେ ଝିଅଠାରୁ କ୍ଷମା ପ୍ରାର୍ଥନା କଲେ ।

ବଡ଼ ଦୁଃଖର କଥା, ଏହି ଘଟଣାର ଅଳ୍ପ କିଛି ଦିନ ଉତ୍ତାରୁ ଗୋଟିଏ ଦୁର୍ଘଟଣାରେ ପଡ଼ି ଝିଅଟି ମରିଗଲା । ସେହିଦିନଠାରୁ ବ୍ୟକ୍ତିଜଣଙ୍କ ଝିଅ ଦେଇଥିବା ଉକ୍ତ ଉପହାର ବାକ୍ସଟିକୁ ନିଜ ଶୋଇବା ତକିଆ ପାଖରେ ରଖି ଆସିଥିଲେ । ରଖିଆସିଥିଲେ ଜୀବନସାରା ।

ଯେତେବେଳେ ତାଙ୍କ ଜୀବନରେ କିଛି ସମସ୍ୟା ଉପୁଜୁଥିଲା, ସେତେବେଳେ ସେ ବାକ୍ସଟିକୁ ଖୋଲି ସେଥିରୁ ସେ କାଳ୍ପନିକ ଚୁମ୍ମା କିଛି ମିଛିମିଛିକା ଗ୍ରହଣ କରିନେଉଥିଲେ । ସେହି ମୁହୂର୍ତ୍ତରେ ତାଙ୍କର ମନେପଡ଼ି ଯାଉଥିଲା ବାକ୍ସ ଭିତରେ ଚୁମ୍ମା ତଥା ସ୍ନେହ, ଶ୍ରଦ୍ଧା ଭରି ରଖିଥିବା ତାଙ୍କର ସେହି କୁନି ଝିଅଟିର କଥା । ଏହା ତାଙ୍କର ମନକୁ ଖୁବ୍ ହାଲୁକା କରିଦେଉଥିଲା ।

ପ୍ରକୃତରେ ଦେଖିଲେ, ଆମେ ସମସ୍ତେ ପାଖରେ ରଖିଛେ ଦାମିକା ସୁନେଲି କାଗଜରେ ଆବୃତ ହୋଇଥିବା ଗୋଟିଏ ଗୋଟିଏ ବାକ୍ସ । ସେହି ବାକ୍ସରେ ଭରପୂର ହୋଇ ରହିଛି ଆମ ବାପା, ମାଆ, ପୁଅଝିଅ, ପରିବାରର ସଦସ୍ୟ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଏବଂ ସର୍ବୋପରି ଈଶ୍ୱରଙ୍କ ସ୍ନେହ, ଶ୍ରଦ୍ଧା ତଥା ପ୍ରେମର ଅସରନ୍ତି ଚୁମ୍ମା । ଏହାଠାରୁ ବଳି ମୂଲ୍ୟବାନ ସମ୍ପଦ ଆମ ପାଇଁ ଆଉ କଅଣ ଥାଇପାରେ ?

ବାସ୍ ଏଣିକି ଆମମାନଙ୍କ ପସନ୍ଦ । ଆମ ପାଇଁ ରହିଛି ଦୁଇଟି ପସନ୍ଦ ମାତ୍ର । ହୁଏତ ଆମେ ସେହି ସ୍ନେହ, ଶ୍ରଦ୍ଧା ଓ ପ୍ରେମଭିଜା ଚୁମ୍ମାକୁ ଖୁସି ମନରେ ବାଣ୍ଟି ଚାଲିବା କିମ୍ବା ଏହାକୁ ଉପେକ୍ଷା କରି ସେହି ସ୍ନେହ, ଶ୍ରଦ୍ଧା ଇତ୍ୟାଦିର ଧାର ଧାରିବାନି କି ନିଜ ଅନ୍ତରକୁ ଛୁଇଁବା ପାଇଁ ବି ଦେବାନି ।

ମନେରଖ ଯେ ଜଳନ୍ତା ଧୂପକାଠି ଅଧାରୁ ଲିଭି ନ ଗଲେ ଏହା ପୂରା ଜଳି ନ ଯିବା ପର୍ଯ୍ୟନ୍ତ ତା'ର ସୁବାସ ବିତରଣ କରିଚାଲିଥାଏ ଓ ସମସ୍ତଙ୍କୁ ଆମୋଦ ଦେଉଥାଏ । ଠିକ୍ ସେହିପରି ସ୍ନେହ, ଶ୍ରଦ୍ଧା ଭଲପାଇବା କେବେ ସରିଯାଏନି କି କାହାରି କିଛି କ୍ଷତି କରି ନ ଥାଏ । ଯିଏ ସ୍ନେହଶ୍ରଦ୍ଧା ଦିଏ, ସିଏ ଖୁସି ହୁଏ । ଯିଏ ସ୍ନେହ, ଶ୍ରଦ୍ଧା ପାଏ, ସିଏ ମଧ୍ୟ ଖୁସି ହୁଏ । ସ୍ନେହ, ଶ୍ରଦ୍ଧା ଦେବା ଓ ସ୍ନେହ, ଶ୍ରଦ୍ଧା ପାଇବା ଦ୍ୱାରା ଆମର ସବୁ ସମସ୍ୟା ଲାଘବ ହୋଇଯାଏ ।

'ଅଭୀପ୍ସା', ସେକ୍ଟର-୬, ପ୍ଲଟ୍.ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୭୫୩୦୧୪

ରାଗିଯିବା ଭାରି ସହଜ । ଯେ କୌଣସି ଲୋକ ଏହା କରିପାରେ । କିନ୍ତୁ ଯଥାସମୟରେ, ଉଚିତ ପରିମାଣରେ ଠିକ୍ ଲୋକ ଉପରେ ଏବଂ ପ୍ରକୃତ କାରଣ ପାଇଁ ରାଗିବା ମୋଟେ ସହଜ କଥା ନୁହେଁ । -- ଆରିଷ୍ଟଟଲ୍

ରୋଗ, ଶୋକ, ପରିତାପ, ବନ୍ଧନ; ବିଚ୍ଛେଦ --ଏଗୁଡ଼ିକ ପ୍ରାଣୀମାନଙ୍କର ନିଜର ଅପରାଧ-ରୂପକ ବୃକ୍ଷର ଫଳ ।

(ନୀଳକଣ୍ଠ ମିଶ୍ରଙ୍କ ଚରିତ୍ରସୁଧା ବହିରୁ ଉଦ୍ଧୃତ)

ଫେରି ଆଇଲେ ଗୋଡ଼େ

ଶ୍ରୀ ନଗେନ୍ଦ୍ର ନାଥ ପଟ୍ଟନାୟକ

ଆକାଶ କୋଳୁ କାକର ବୁନ୍ଦା
ପଡିଲା ଧୀରେ ଖସି
ଘାସ ଫୁଲରେ ଥିରିକିନା
ଖୁସିରେ ଗଲା ବସି ।
ପବନ ତା'ର ଯାନରେ ବସି
ବହିଲା ଶିରିଶିରି
ଘାସ ଫୁଲଟି ହଲିଲା ଯହୁଁ
ହସ ତା କିରିକିରି ।
ଚହଟିଗଲା ଘାସ ଫୁଲଟି
ବାଆ ଦୋଳିରେ ଝୁଲି
କାକର ବୁନ୍ଦା ଥରି ଉଠିଲା
ତହିଁରେ ଢଳି ଢଳି ।
ଖଣ୍ଡେ ଦୂରରୁ ଝିଙ୍କାରୀଟିଏ
ଦେଖିଲା ବୁନ୍ଦା ଲୁଚି
ଭାବିଲା ମୁଇଁ ଏଇଲେ ଯାଇ
ପିଇବି ତାକୁ ସଂଚି ।

ତେଣେ ଧୁଳିଆ ଜନ୍ଦା ବିଚରା
ଦେଖି ଭାବିଲା ତାକୁ
ଏଇନେ ଯାଇ ତିନ୍ତିବ ବୋଲି
ଦେଖାଇ ତାର ବୁକୁ ।
ସାଙ୍ଗ ହୋଇକି ଚାଲିଲେ ଦୁହେଁ
କାକର ବୁନ୍ଦା ଆଡେ
ଦେଖିଲେ ତାକୁ ସେଇଠି ନାଇଁ
ଫେରି ଆଇଲେ ଗୋଡ଼େ ।

କୋଷାଗାର ଅଧିକାରୀ, ପୁରୀ

ସବୁଠାରୁ କଷ୍ଟ କଥା କଣ !

★ ସବୁଠାରୁ ଅଧିକ ଗତିଶୀଳ କ'ଣ ?

ଚିନ୍ତାଶକ୍ତି ବା ମନ ! କାରଣ ଏହା ଏକ ସେକେଣ୍ଡ୍ ଭିତରେ ବିଶ୍ୱର ଶେଷସୀମାରେ ଉଡ଼ି ପହଞ୍ଚିପାରେ । ଏହାଠାରୁ ଆଉ କିଛି ଅଧିକ ବେଗଶାଳୀ ହୋଇପାରେନା ।

★ ସବୁଠାରୁ ଶକ୍ତିଶାଳୀ କ'ଣ ?

ଆବଶ୍ୟକ ! ଯାହା ଫଳରେ ମନୁଷ୍ୟ ସମସ୍ତ ପ୍ରକାର ବିପଦର ସମ୍ମୁଖୀନ ହୋଇଥାଏ । ଆବଶ୍ୟକ ହେଉଛି ସମସ୍ତ ପ୍ରକାର ଉଦ୍‌ଭାବନା ଓ ଆବିଷ୍କାରର ମୂଳମନ୍ତ୍ର ।

★ ସବୁଠାରୁ ଅଧିକ ସହଜ କ'ଣ ?

ଉପଦେଶ ! ଉପଦେଶ ଦେବାରେ କଷ୍ଟ ନଥାଏ ।

★ ସବୁଠାରୁ କଷ୍ଟ କଥା କ'ଣ ହୋଇପାରେ ?

ତୁମେ ତୁମ ନିଜକୁ ଜାଣିବା ! ଏହା ହିଁ ଭଗବତ୍ ଗୀତାର ଗୂଢ଼ତତ୍ତ୍ୱ, ବେଦ ଓ ଉପନିଷେଦର ଦିବ୍ୟବାଣୀ ।

--ଡା. ନିମାଇଁ ଚରଣ ପରିଜା,
ଅରୁଣୋଦୟ ନଗର, କଟକ-୯

ଜଙ୍ଗଲ୍ ରାଜକୁମାର୍ ପଟ୍‌ଲା

ଡା: ମହାପାତ୍ର ଆନନ୍ଦଶଙ୍କର ମିଶ୍ର

ବାଲେଶ୍ୱରଠାରୁ ପ୍ରାୟ ୨୫ କି.ମି ଦୂରରେ ଥିବା ନୀଳଗିରିର କୁଲଡିହା ଜଙ୍ଗଲ ଏକ ବିସ୍ତୀର୍ଣ୍ଣ ଜଙ୍ଗଲ । କ୍ଷେତ୍ରଫଳ ପ୍ରାୟ ୨୭୨ ବର୍ଗ କିଲୋମିଟର । ଜଙ୍ଗଲକୁ ଲାଗି ଆଦିବାସୀ ଗାଆଁ କେତୋଟି ରହିଛି । ହାତୀ, ଗୟଳ, ହରିଣ, ଭାଲୁ, ଖୁରାଣ୍ଟି ଆଦି ବହୁ ପ୍ରକାରର ଜନ୍ତୁ ଏ ଜଙ୍ଗଲରେ ଅଛନ୍ତି । ବାଘ ବି କେତୋଟି ଅଛନ୍ତି ବୋଲି ଏବେ ବାଘ ଗଣନା ବେଳେ ଜଣାପଡ଼ିଛି । ବର୍ଷା ଓ ଖରାଦିନ ଛାଡ଼ିଦେଲେ ବର୍ଷସାରା ଏଠାକୁ ପର୍ଯ୍ୟଟକମାନେ ଆସନ୍ତି । ସେମାନଙ୍କ ପାଇଁ ଗୋଟିଏ ସୁନ୍ଦର ବଙ୍ଗଳା ମଧ୍ୟ ଏଠି ଅଛି ।

କିଛି ଦୂରରେ ଥିବା ଆମ୍ବଝର ଗାଆଁର ସନିଆ ସିଂହ ଏଇ ଡାକବଙ୍ଗଳାର ଚୌକିଦାର । ଗାଆଁରେ ସନିଆ ସିଂହର ଛୋଟ କୁଡ଼ିଆ ଘରେ ତା' ସ୍ତ୍ରୀ ଓ ପୁଅ ପଟ୍‌ଲା ଏକୁଟିଆ ରହନ୍ତି । ପଟ୍‌ଲା ଦୁଇ କିଲୋମିଟର ଦୂରରେ ଥିବା ମହିଷାପଟାଠାରେ ଥିବା ପ୍ରାଥମିକ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢ଼େ । ପଟ୍‌ଲାକୁ ଯେବେଠୁ ମେଲେରିଆ ଜ୍ୱର ହେଲାଣି, ସେବେଠୁ ନୟମିତ ସ୍କୁଲକୁ ଯାଇପାରେ ନାହିଁ । ମହିଷାପଟାଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଦିଦି ଆସି କୁଇନାଇନ୍ ଔଷଧ ଦେଇଯାଇଥିଲେ । ତାକୁ ଖାଇ କିଛି ମାସ ଭଲ ଥିଲା, ପୁଣି ଏବେ ଜ୍ୱର ଧରିଛି ।

ବାପା ରାତିରେ ନ ଆସିଲେ ବି ଦିନବେଳା ଦିନେ ଛଡ଼ା ଦିନେ ଘରକୁ ଆସେ । ମା' ତାକୁ ନେଇ ନୀଳଗିରି ଡାକ୍ତରଖାନାକୁ ଯିବାକୁ ବାପାଙ୍କୁ କହିଲା । ବାପା କହିଲା, "ହଉ ମୁଁ ଫରେଷ୍ଟବାବୁଙ୍କୁ କହି ଦିନେ ଛୁଟି ନେଇ ପଟଲାକୁ ନେଇ ନୀଳଗିରି ଯିବି ।

ପଟଲାର ସାଙ୍ଗ ସୁଖୁ । ସୁଖୁ କିନ୍ତୁ ନିୟମିତ ସ୍କୁଲ ଯାଏ । ଛୁଟି ଦିନରେ ପଟ୍‌ଲା ଓ ସୁଖୁ ଜଙ୍ଗଲ ଭିତରେ ଘୂରିବୁଲନ୍ତି । ଜଙ୍ଗଲର ଗଳିକନ୍ଦି ଏମାନଙ୍କୁ ଜଣା । ଜଙ୍ଗଲ ଭିତରକୁ କେହି ଗଲେ ତାକୁ ଡର ମାଡ଼ିବା କଥା । ଏ ଦୁହେଁ କିନ୍ତୁ ଜଙ୍ଗଲର ରାଜକୁମାର ଭଳି ବୁଲନ୍ତି । ଜଙ୍ଗଲର ସବୁ ପଶୁପକ୍ଷୀ ଏମାନଙ୍କୁ ଚିହ୍ନିଯାଇଛନ୍ତି । ଛୋଟ ଛୋଟ ଜୀବ–ଗୁଣ୍ଡୁଚି, ନେଉଳ, ଜଙ୍ଗଲି ମୂଷା ପ୍ରଭୃତି ଏମାନଙ୍କୁ ଦେଖିଲେ ଖୁସିରେ ଡିଆଁ ମାରନ୍ତି । ମାଙ୍କଡ଼ମାନେ ମଧ୍ୟ ଏ ଦୁହିଁଙ୍କୁ ଭଲପାଆନ୍ତି । ଏମାନେ ଭିତରକୁ ଗଲେ ଏମାନଙ୍କ ପାଇଁ ଜାମୁଗଛରୁ କୋଳି ଝଡ଼ାନ୍ତି । ମାଆ ପଟ୍‌ଲାକୁ ସାବଧାନ କରିଦେଇଥାଏ ଜଙ୍ଗଲର ବେଶୀ ଭିତରକୁ ନ ଯିବା ପାଇଁ, କାରଣ ସେଠି ଭାଲୁ ଅଛନ୍ତି । ସେମାନଙ୍କ କବଳରେ ପଡ଼ିଲେ ଆଉ ନିସ୍ତାର ନାହିଁ । ଏ ଜଙ୍ଗଲରେ ବାଘ ନାହାନ୍ତି ସତ, କିନ୍ତୁ ଗଭୀର ଜଙ୍ଗଲରେ ହାତୀ ଅଛନ୍ତି ।

ନୀଳଗିରି ଡାକ୍ତରଖାନାରେ ଔଷଧ ଖାଇବା ପରେ ଏବେ ଆଉ ପଟ୍‌ଲାକୁ ଜ୍ୱର ଆସୁନାହିଁ । ସେ ନିୟମିତ ସ୍କୁଲକୁ ଯାଉଛି । ସେଦିନ ସ୍କୁଲରେ ସୁଖୁ କହିଲା, "ପଟ୍‌ଲା ! ମକର ପାଇଁ ସ୍କୁଲ କାଲି, ପଅରଦିନ ଦୁଇଦିନ ବନ୍ଦ । କାଲି ସକାଳେ ମୁଁ ତମ ଘରକୁ ଯିବି । ସାଥୀ ହୋଇ ଜଙ୍ଗଲକୁ ଯିବା ।"

ପରଦିନ ସକାଳୁ ସୁଖୁ ଆସି ପଟ୍‌ଲା ଘରେ ହାଜର । ତା' ପାଖରୁ ସେମାନେ ଜଙ୍ଗଲ ଭିତରକୁ ଯିବେ ଶୁଣି ପଟ୍‌ଲାର ମା' କହିଲେ, "ଖବରଦାର୍ ! ବେଶୀ ଭିତରକୁ ଯିବନି । ପଟ୍‌ଲାର ବାଆ କାଲି କହୁଥିଲେ– ଝାଡ଼ଖଣ୍ଡରୁ ଆସିଥିବା ଦନ୍ତା ହାତୀଟା ଜଙ୍ଗଲ ଭିତରେ

କେଉଁଠି ଲୁଚି ରହିଛି ।'' ପେଡ଼ା ଡାଳରେ ତିଆରି କରିଥିବା ଦୁଇଟା ଧନୁଶର ଧରି ସୁଖୁ ଓ ପଟ୍‌ଲା ଜଙ୍ଗଲ ଆଡ଼କୁ ଚାଲିଲେ । କୁଲଡିହା ଜଙ୍ଗଲର ତଳେ ଆମ୍ବଝର, ଟିଆକଟା, ସୁଟିଂସାହି । ଟିକିଏ ଦୂରରେ ବଡ଼ ଗାଆଁ ଯୋଡ଼ାଚୁଆ । କୁଲଡିହାର ନୂଆ ଡାକବଙ୍ଗଳାରୁ ଯୋଡ଼ାଚୁଆ ରାସ୍ତାରେ ଅଛି ବିରାଟ ଏକ ଗଛ । ଗଛର ବୟସ ଚାରିଶହ ବର୍ଷରୁ ବେଶୀ । ଏ ଗଛକୁ ସମସ୍ତେ 'ଭୂତଗଛ' କହନ୍ତି ।

ପଟ୍‌ଲା କହିଲା, "ଜଙ୍ଗଲରୁ ଫେରିବାବେଳେ ଯୋଡ଼ାଚୁଆ ରାସ୍ତାରେ ଆସିବା, ଭୂତଗଛଟା ଦେଖିବା । ଆମ ସାର୍ ତ କହିଥିଲେ– ଭୂତ, ଫୁତ ମିଛ କଥା । ଖାଲି ଗପରେ କୁହାଯାଏ ।"

ଯୋଡ଼ାଚୁଆ ଆଉ ପୁରୁଣାପାଣି ବଡ଼ ବଡ଼ ଗାଆଁ । କେତେବର୍ଷରୁ ଝାଡ଼ଖଣ୍ଡରୁ ଆସୁଥିବା ହାତୀଙ୍କ ଯୋଗୁଁ ଏ ଦୁଇଟା ଗାଆଁର ଶିରୀ ତୁଟିଯାଇଛି । ଏ ବର୍ଷ ବି କେତେଦିନ ହେଲା ଦନ୍ତାଟା ଆସି ଉତ୍ପାତ ଆରମ୍ଭ କରିଛି । ଦିନବେଳେ ବଣ ଭିତରେ ଲୁଚିଯାଏ, ରାତି ହେଲେ ଗାଆଁ ଭିତରକୁ ପଶେ ।"

ପଟ୍‌ଲା କହିଲା, "ବାଆ କହୁଥିଲା– ଦନ୍ତାଟା ହାଣ୍ଡିଆ ଖାଇବା ପାଇଁ ଏ ଘର ସେ ଘର ଭାଙ୍ଗେ ।''

ଆମ୍ବଝର ଗାଆଁଟା ପାହାଡ଼ର ପାଦଦେଶରେ । ୨୦-୩୦ଟି କୁଡ଼ିଆଘର ଅଛି । ପାହାଡ଼ଠାରୁ କିଛି ଦୂରରେ ଥିବା ବଡ଼ ଗାଆଁ, ଯୋଡ଼ାଚୁଆ ଓ ପୁରୁଣାପାଣି ପାଖରେ ଅଛି ନୂଆ ଡାକବଙ୍ଗଳା । ସେଇଠାକୁ ବଡ଼ିଭୋରୁ ମୁହଁ ଅନ୍ଧାର ବେଳେ ପାହାଡ଼ ଉପରୁ ଜନ୍ତୁମାନେ ଆସନ୍ତି ଲୁଣିମାଟି ଖାଇବା ପାଇଁ । ଆଲୁଅ ଫିଟିଲେ ଉପରକୁ ଫେରିଯାଆନ୍ତି । ସେତିକିବେଳେ ଟୁରିଷ୍ଟ୍ ବଙ୍ଗଳା ପର୍ଯ୍ୟଟକମାନେ ସେମାନଙ୍କୁ ସହଜରେ ଦେଖିପାରନ୍ତି ।

ପଟ୍‌ଲା ଓ ସୁଖୁ ଗପି ଗପି ଜଙ୍ଗଲ ଉପରକୁ ଉଠୁଛନ୍ତି । ସୂର୍ଯ୍ୟ ଟିକିଏ ଆଗରୁ ଉଠିଛନ୍ତି । ଏଣୁ ବଙ୍ଗଳା ଭିତରଟା ଫର୍ଚ୍ଚା ଦେଖାଯାଉଥାଏ । ଚଢ଼େଇମାନଙ୍କର କିଚିରିମିଚିରି ଶବ୍ଦ ଶୁଭୁଥାଏ । ଏମାନେ ଧୀରେ ଧୀରେ ଗହଳ ଜଙ୍ଗଲ ଭିତରକୁ ଚାଲିଲେ । ଚୋରା ବେପାରୀମାନେ ଗୁଡ଼ାଏ ଗଛ କାଟି ନେଇଗଲେଣି, ଏଣୁ ବେଶୀ ଗହଳ ନାହିଁ ।

ପଟ୍‌ଲା କହିଲା, "ପାହାଡ଼ ଉପରକୁ ଯିବା କି ?"

ସୁଖୁ କହିଲା, "ବେଶୀ ଉପରକୁ ଯିବାନି । ସେ ଦନ୍ତାଟାକୁ ଡର । କେଉଁଠି ଲୁଚିକି ଥିବ । ଭାଲୁମାନଙ୍କୁ ବି ଡର ।"

ପଟ୍‌ଲା କହିଲା, "ମତେ ଅଳ୍ପ ଜ୍ୱର ଥିବାବେଳେ ମୁଁ ଟିକିଏ ଉପରେ ଥିବା ଝରଣା ପାଖକୁ ବହୁତ ଥର ଯାଇଛି । ସବୁ ମୋ ନଖଦର୍ପଣରେ । ଝରଣାକୁ ରାତିବେଳେ ଜନ୍ତୁମାନେ ପାଣି ପିଇବାକୁ ଆସନ୍ତି ବୋଲି ବାଆ କହୁଥିଲା । ଏବେ କେହି ନ ଥିବେ ।"

ସୁଖୁ କହିଲା, "ତା'ହେଲେ ଆ' ଝରଣା ପାଖକୁ ଯିବା । ସେଠି ଟିକିଏ ବସିବା । ଆଉ ଉପରକୁ ଯିବାନି । ଦନ୍ତାଟା କେଉଁଠି ବସିଥିବ ଯଦି ।"

ଦୁହେଁ ଉପରକୁ ଗଲେ । ଜଙ୍ଗଲ ଏଠି ଗହଳ । ଦଳେ ଚଢ଼େଇ କ'ଣ ଖୁଣ୍ଟିଖୁଣ୍ଟି ଖାଉଥିଲେ । ଏମାନଙ୍କୁ ଦେଖି ହୁସ୍ କରି ଉଡ଼ିଗଲେ । ଟିକିଏ ଦୂରରୁ ମାଙ୍କଡ଼ମାନଙ୍କର କିରିକିରି ଶବ୍ଦ ଶୁଭିଲା । ପଟ୍‌ଲାକୁ ସେମାନେ ଚିହ୍ନନ୍ତି ।

ପଟ୍‌ଲା କହିଲା, "କିଛି କରିବେନି ଚାଲି ଆ ।

କିଛି ଦୂରରେ ଥିବା ଝରଣାର କଳକଳ ଶବ୍ଦ ଭାସିଆସିଲା । ଦୁହେଁ ସେଇ ଆଡ଼କୁ ଚାଲିଲେ । ଝରଣା ନିକଟରେ ବଡ଼ ବଡ଼ ପଥର ଥାଏ । ତାହାରି ଉପରେ ବସି ଚାରିଆଡ଼କୁ ଚାହିଁଲେ । ଖୁବ୍ ଶାନ୍ତ ସକାଳ । କୌଣସି ଜନ୍ତୁଙ୍କର ସ୍ୱରଶବ୍ଦ ନ ଥାଏ । ଝରଣା କଡ଼ରେ ପଡ଼ିଥିବା ହାତୀ ଗୋବରକୁ ଦେଖାଇ ସୁଖୁ କହିଲା, "ଦନ୍ତାଟା ରାତିରେ ଏଠି ପାଣି ପିଇଛି ନିଶ୍ଚେ । ତା'ମାନେ ଏଠିକି ସେ ଆସୁଛି ରାତିରେ । ଭିତରେ କେଉଁଠି ଲୁଚୁଛି ଦିନବେଳେ ।"

"ହଉ, ଏଥର ଚାଲ୍ ଯିବା ସେ ଛୋଟିଆ ପଥର କୁଦ ଆଡ଼କୁ । ସେଠି ଗୋଟିଏ ବଢ଼ିଆ ଚୁଆ ଅଛି ।" ଟିକେ ଦୂରରୁ ହାତ ଦେଖାଇ ପଟ୍‌ଲା କହିଲା, "ମୁଁ କମ୍ ଜ୍ୱର ଥିବାବେଳେ ଏଠିକି ଆସିଥିଲି । ସଫା ବି କରି ଦେଇଥିଲି । ବର୍ଷା ହେବାବେଳେ ସେଠି ରହି ହୁଏ । ପଟ୍‌ଲାର କଥା ସରିଛି କି ନାହିଁ, ଜୋର୍‌ରେ କୁଁ କୁଁ ଶବ୍ଦ ସେ ଗୁମ୍ଫା ଆଡୁ ଭାସିଆସିଲା ।

"କିଏ କାନ୍ଦୁଛି ?"

ଦୁହେଁ ହାତରେ ଶରକୁ ବୋଗେଇ ଧରି ଗୁମ୍ଫା ଆଡ଼କୁ ଦୌଡ଼ିଲେ । ଚାହିଁ ଦେଖିଲେ ଗୁମ୍ଫା ବାହାରେ ଗୋଟିଏ ଛୋଟିଆ ଭାଲୁଛୁଆ । କୁଁ କୁଁ ହୋଇ ଏପଟସେପଟ ଗଡୁଛି । ଆଖପାଖରେ ତା' ମାଆ ଦେଖାଯାଉନାହିଁ । କୁଆଡ଼େ ଖାଇବା ପାଇଁ ଯାଇଛି ବୋଧହୁଏ ।

ସୁଖୁ କହିଲା, "ଭାଲୁଛୁଆ । ତା' ପାଖକୁ ଗଲେ ତା' ମାଆ ଯଦି କାମୁଡ଼ିବ !" ସେତେବେଳକୁ ପଟ୍‌ଲା ଯାଇ ଭାଲୁଛୁଆ ପାଖରେ ପହଞ୍ଚିଗଲାଣି । ଦେଖିଲା ଜଙ୍ଗଲି ରଙ୍ଗା ପିମ୍ପୁଡ଼ିମାନେ ଛୁଆଟାକୁ କାମୁଡ଼ି କଲବଲ କରୁଛନ୍ତି । ଧୀର ଭାବରେ ତାକୁ ଉଠାଇନେଲା, ତା' ଦେହରୁ ପିମ୍ପୁଡ଼ିଗୁଡ଼ିକ କାଢ଼ିଦେଲା ଆଉ ସୁଖୁକୁ କହିଲା, "ମା' ଭାଲୁ କିଛି କରିବନି । ତା' ଛୁଆକୁ ଯେ ଆମେ ରକ୍ଷା କରୁଛେ !"

ଦୁହେଁ ମିଶି ତା ଦେହରୁ ସବୁ ପିମ୍ପୁଡ଼ିଙ୍କୁ ବାହାର କରିବାରେ ଲାଗିଲେ । ମା'ଭାଲୁଟା କେତେବେଳୁ ଆସି ଟିକିଏ ପଛରୁ ଏମାନଙ୍କୁ ଲକ୍ଷ୍ୟ କରୁଥାଏ । ଆଶ୍ଚର୍ଯ୍ୟର କଥା, ଚୁପ୍‌ଚାପ୍ ଠିଆ ହୋଇଥାଏ । ଛୁଆଟାର କାନ୍ଦ ବି ବନ୍ଦ ହୋଇଯାଇଥାଏ । ଏମାନେ ତାକୁ ନେଇ ଗୁମ୍ଫା ଭିତର ସଫା କରି ସେଠି ଛାଡ଼ିଦେଲେ । ଗୁମ୍ଫା ବାହାରକୁ ଫେରିବା ବେଳକୁ ମା' ଭାଲୁ ଗୁମ୍ଫା ମୁହଁରେ ଠିଆ ହୋଇଥାଏ । ଏମାନଙ୍କୁ ଶାନ୍ତ ଭାବରେ ଦେଖୁଥାଏ । ସତେକି ତା'ର କୃତଜ୍ଞତା ଜଣାଉଥାଏ ।

ତଳକୁ ଓହ୍ଲାଉ ଓହ୍ଲାଉ ପଟ୍‌ଲା କହିଲା, "ଦେଖିଲୁ ତ ହିଂସ୍ରପ୍ରାଣୀ ବି ସବୁକଥା ବୁଝନ୍ତି ।" ସୂର୍ଯ୍ୟ ପ୍ରାୟ ମୁଣ୍ଡ ଉପରକୁ ଉଠି ସାରିଥିଲେ । ଉପରକୁ ଚାହିଁ ପଟ୍‌ଲା କହିଲା, "ଆଜି ଆଉ 'ଭୂତଗଛ' ପାଖକୁ ଯାଇ ହେବ ନାହିଁ । ବହୁତ ବେଳ ହେଲାଣି । ଚଞ୍ଚଳ ଘରକୁ ନ ଗଲେ ମାଆ ଗାଳିଦେବ ।"

ଶନିବାର ଦିନ ସ୍କୁଲ ଜଲ୍‌ଦି ଛୁଟି

ହେଲା । ପଟ୍‌ଲା ଘରକୁ ଆସି ଦେଖିଲା ବାଆ ଆସିଛି । ମାଆ ସହିତ କ'ଣ ଗୋଟିଏ ଭାଲୁଛୁଆ ବିଷୟରେ କଥାବାର୍ତ୍ତା କରୁଥାଏ । ହାତଗୋଡ଼ ଧୋଇ ସେ ସେମାନଙ୍କ ପାଖରେ ବସିଲା । ପଟ୍‌ଲାର ବାପା ଯାହା କହୁଥିଲା, ତାହା ଏହିପରି–

ଦଶଦିନ ଆଗରୁ ଡି.ଏଫ୍.ଓ ସାହେବ କୁଲଡିହା ପରିଦର୍ଶନରେ ଆସିଥିଲେ । ଯୋଗକୁ ସେଇଦିନ ପୁରୁଣାପାଣି ଗାଆଁର ଲେଦା ମାଝି ଘରୁ ଫରେଷ୍ଟର୍‌ମାନେ ଗୋଟିଏ ଭାଲୁଛୁଆ ଜବତ କରିଥିଲେ । ଲେଦାର ରେକର୍ଡ ଅଛି ଯେ ସେ ଜଙ୍ଗଲର ପଶୁପକ୍ଷୀଙ୍କୁ ଧରି ବେଆଇନ୍ ଭାବରେ କଲିକତାର ଦଲାଲଙ୍କୁ ଯୋଗାଏ । ଭାଲୁଛୁଆଟିକୁ ଡି.ଏଫ୍.ଓ ନିଜେ ଯାଇ ଦେଖିଲେ । ଗଲାବେଳକୁ ସେ ନିର୍ଦ୍ଦେଶ ଦେଇ ଯାଇଛନ୍ତି ଯେ ଭାଲୁଛୁଆଟାକୁ ବର୍ତ୍ତମାନ ପୁରୁଣା ଡାକବଙ୍ଗଳା ଘରେ ରଖି ହେପାଜତ୍ କରାଯିବ । ଟିକିଏ ସୁସ୍ଥ ହେଲେ ତାକୁ ନନ୍ଦନକାନନ ପଠାଇ ଦିଆଯିବ ।

ଏକଥା ଶୁଣି ପଟ୍‌ଲାର ମନଟା ଛନ୍ କରି ଉଠିଲା । ଆରେରେ ଗୁହା ଭିତରେ ଯେଉଁ ଭାଲୁଛୁଆଟା ଦେହରୁ ସେମାନେ ପିମ୍ପୁଡ଼ି ଝାଡ଼ି ଦେଇଥିଲେ, ଏଇଟା ସେଇ ଭାଲୁଛୁଆ ନୁହେଁ ତ ? ଆଉ ଘଣ୍ଟାଏ ପରେ ସଞ୍ଜ ଆସିଯିବ । "ସୁଖୁ ଘରକୁ ଯାଉଛି" ବୋଲି ମାଆଙ୍କୁ କହି ପଟ୍‌ଲା ଜଙ୍ଗଲ ଆଡ଼କୁ ଦୌଡ଼ିଲା । ହାତରେ ଟେଣ୍ଟାଟେ ଧରିଥାଏ । ପହଞ୍ଚିଲା ସେଇ ଗୁମ୍ଫା ପାଖରେ । ଚାହିଁ ଦେଖିଲା ଭାଲୁଛୁଆଟା ନାହିଁ । ମାଆ ଭାଲୁଟା ଶୋଇ ରହିଛି । ବାହାରେ ପାଦଶବ୍ଦ ଶୁଣି ରାଗରେ ଦୌଡ଼ିଆସିଲା ସେ; କିନ୍ତୁ ପଟ୍‌ଲାକୁ ଦେଖି ସ୍ଥିର ହୋଇ ତା' ପାଖରେ ବସି କୁଁ କୁଁ ହେବାକୁ ଲାଗିଲା । ଆଖିରୁ ତାର ଲୁହ ଝରିବାକୁ ଲାଗିଲା । ପଟ୍‌ଲାର ବୁଝିବାକୁ ବାକି ରହିଲା ନାହିଁ ଯେ ଲେଦା ଏଇଠିକି ଆସି ଭାଲୁଛୁଆଟାକୁ ଉଠାଇନେଇଛି । ମାଆ ଭାଲୁକୁ ଆଉଁସି ସାରି ପଟ୍‌ଲା ଫେରିଆସିଲା ।

ଯେମିତି ହେଲେ ଭାଲୁଛୁଆଟାକୁ ଆଣି ତା ମାଆ ପାଖରେ ଛାଡ଼ିବାକୁ ପଡ଼ିବ; କିନ୍ତୁ କ'ଣ କରିବ ସେ ? ଭାଲୁଛୁଆଟା ଏବେ ପୁରୁଣା ଡାକବଙ୍ଗଳା ଘରେ ଅଛି । ବାଆ କହୁଥିଲା– ଦୁଇଜଣ ଲୋକ ତାକୁ ପାଳି କରି ଦେଖାଶୁଣା କରୁଛନ୍ତି । କାଲି ରବିବାର । କାଲି ଭିତରେ ଯାହାକିଛି କରିବାକୁ ହେବ । ପୁରୁଣା ଡାକବଙ୍ଗଳାଟା ଯୋଡ଼ାଚୁଆ ରାସ୍ତାରେ ପଡ଼େ । ଭୂତଗଛଠାରୁ ପ୍ରାୟ ଅଧକିଲୋମିଟର ଦୂର ହେବ ।

ରବିବାର ବଡ଼ି ସକାଳୁ "ସୁଖୁ ଘରକୁ ପାଠ ବୁଝିବାକୁ ଯାଉଛି' କହି ପଟ୍‌ଲା ଚାଲିଲା ପୁରୁଣା ଡାକବଙ୍ଗଳା ଆଡ଼କୁ । ଭୋର୍ ସମୟ । ଚଢ଼େଇମାନେ କିଚିରିମିଚିରି କରୁଥାଆନ୍ତି । ପଟ୍‌ଲା ଏକ ଧ୍ୟାନରେ ଚାଲିଛି । ଯୋଡ଼ାଚୁଆ ଏଠାରୁ ଦୁଇ କିଲୋମିଟର ଦୂର ହେବ । ସେ ଶୀଘ୍ର ଶୀଘ୍ର ପାଦ ପକାଇଲା ।

ପୁରୁଣା ଡାକବଙ୍ଗଳା ଘର ଓ ତା'ର ଅଗଣାକୁ ପରିଷ୍କାର, ପରିଚ୍ଛନ୍ନ କରାଯାଇ ଗୋଟିଏ କୋଠରିରେ ଭାଲୁଛୁଆଟିକୁ ରଖା ଯାଇଥାଏ । ଅନ୍ୟ କୋଠରିରେ ଜଣେ ଫରେଷ୍ଟ୍ ଗାର୍ଡ ଓ ଆଉ ଜଣେ ଚୌକିଦାର ରହି ପାଳି କରି ତା' କଥା ବୁଝୁଥାନ୍ତି । ଯେତେ ଯାହା ହେଲେ ବି ମାଆ କ୍ଷୀର ଖାଇବା ଛୁଆକୁ ମାଆ ପାଖରୁ ଅଣାଯାଇଛି । ଏଣୁ ଭାଲୁଛୁଆଟା ଝିମେଇ ଯାଇଥାଏ ।

ଗତକାଲି ରାତିରେ ଫରେଷ୍ଟ୍ ଗାର୍ଡକୁ ଫୋନ୍‌ରେ ଖବର ଆସିଥିଲା ଯେ ତା' ସ୍ତ୍ରୀ ଦେହ ଖୁବ୍ ଖରାପ । ଏଣୁ ବଡ଼ିସକାଳୁ ସେ ସାଇକେଲ୍‌ରେ ମିତ୍ରପୁର ପାଖରେ ଥିବା ତା' ଗାଆଁକୁ ବାହାରିଗଲାଣି । ଚୌକିଦାର ବିଚରା

ଏକା । ସକାଳୁ ଉଠି ଭାଲୁଛୁଆକୁ କ୍ଷୀର ଖାଇବାକୁ ଦେଇଛି । ଭାଲୁଛୁଆଟା ଯେଉଁ କୋଠରିରେ ରହିଛି, ସେ କୋଠରିରେ ଝରକାର କବାଟଟା ଖସି ଯାଇଥିବାରୁ ରାତିରେ ଭିତରୁ ବାଉଁଶ ଠେସ ଦେଇ ତାକୁ ଅଟକାଯାଏ । ସକାଳେ ଖୋଲି ଦିଆଯାଏ । ଦ୍ୱାରଟା ଠିକ୍ ଥାଏ । ଚୌକିଦାର ସେ ଘରେ ଚାବି ଦେଇ ପାଖ ଗାଆଁ ମୁଣ୍ଡ ଚା'ଦୋକାନ ଆଡ଼କୁ ବାହାରିଲା ଦିନବେଳା । ଏଣୁ ଝରକାଟାରେ ଭିତରୁ ବାଉଁଶ ଠେସ ଦେଇ ନ ଥାଏ । କବାଟଟା ସେମିତି ଥୋଇଦେଇଥାଏ । ଭାବିଲା ଝରକାବାଟେ କିଏ ଆସି ବେମାରିଆ ଭାଲୁଛୁଆଟାକୁ ନେଇଯିବ । ଏଟା ଅସମ୍ଭବ କଥା !

ଚୌକିଦାର ବାହାରିଯାଇଛି । ଯୋଗକୁ ଠିକ୍ ସେହି ସମୟରେ ପଟ୍‌ଲା ଆସି ସେଠି ହାଜର । ଚାରିଆଡ଼କୁ ଚାହିଁଲା, କେହି କୋଉଠି ନାହାନ୍ତି । ବଙ୍ଗଳା ଚାରିପଟେ ବୁଲିଆସିଲା । ସକାଳବେଳା କବାଟ, ଝିଙ୍କି ବନ୍ଦ ଥିବାରୁ ଛୁଆଟା କୁଁ କୁଁ ହେଉଥିଲା । ପଟ୍‌ଲା ପାଦ ଚିପି ଚିପି ସେଇ ଭଙ୍ଗାଝରକା ପାଖରେ ଯାଇ ପହଞ୍ଚିଲା । ଭିତରୁ ଭଙ୍ଗାଝରକାର କବାଟଟା ଆଉଜେଇ ଦିଆହୋଇଥାଏ । ସେ ଝରକା ପଟାକୁ ଠେଲିଲା । ବାଉଁଶ ଠେସ ଦିଆ ଯାଇ ନ ଥିବାରୁ ପଟାଟା ଶବ୍ଦ କରି ଭିତରକୁ ଖସିପଡ଼ିଲା । ଝରକାଟା ଠିଆ ମେଲା ହୋଇଗଲା । 'ମଲୁ ଖୋଜୁଥିଲା ଯାହା'– ପଟଲା ଖୋଲା ଝରକା ବାଟେ ଭିତରକୁ ଡେଇଁପଡ଼ିଲା । ଟିକିଏ ଅପେକ୍ଷା କଲା, ପାଟି ଶୁଣି କିଏ ଆସୁଛି କି ! ନାଁ । ସୁଯୋଗ ନଷ୍ଟ ନ କରି ଭାଲୁଛୁଆକୁ କୋଳରେ ଜାକି ଧରି ସେ ଝରକା ଉପରକୁ ଉଠି ବାହାରକୁ ଡିଆଁ ମାରିଲା ।

ଜଙ୍ଗଲରେ ପହଞ୍ଚିବା ପାଇଁ ଗୋଟିଏ ପାଖ ଗଳି ରାସ୍ତା ଥିଲା । ସେଇବାଟେ ଭାଲୁଛୁଆକୁ ନେଇ ସେ ଦଉଡ଼ି ଦଉଡ଼ି ସେ ଜଙ୍ଗଲ ଉପରକୁ ଉଠିଲା । ଗୁମ୍ଫା ପାଖରେ ପହଞ୍ଚିଲାବେଳକୁ ସେ ଧଇଁସଇଁ ହେଉଥାଏ । ପଟ୍‌ଲାକୁ ଦେଖି ମାଆ ଭାଲୁ ପୋଷା କୁକୁର ଭଳି କୁଁ କୁଁ ହୋଇ ଦୌଡ଼ିଆସିଲା । ପଟ୍‌ଲା ଛୁଆଟାକୁ ମା' ଆଗରେ ରଖିଦେଲା । ମା' ଭାଲୁ ତାକୁ ପାଟିରେ କାମୁଡ଼ି ନେଇଯାଇ ତଳେ ରଖି ଚାଟି ପକାଇଲା । ଛୁଆଟି ମାଆ ଛାତିରେ ମୁହଁ ଦେଇ କ୍ଷୀର ଟାଣିବାକୁ ଲାଗିଲା ।

ପଟ୍‌ଲା ଗୋଟିଏ ପଥର ଉପରେ ବସି ଥକ୍‌କା ମେଣ୍ଟାଇଲା । ସୂର୍ଯ୍ୟଙ୍କର ପ୍ରଥମ ସୁନେଲି କିରଣ ଆସି ପଟ୍‌ଲାର ମୁହଁ ଉପରେ ପଡ଼ିଲା । ପଟ୍‌ଲାର ଖୁସିଭରା ମୁଖମଣ୍ଡଳ ସତେଯେପରି ସ୍ୱର୍ଗୀୟ ସୁଷମାଭରା ହୋଇଗଲା !

ଏହି ସମୟରେ ତା' ଚିହ୍ନା ଗୁଣ୍ଡୁଚି ମୂଷାଟିଏ ଚିଁ ଚିଁ କରି ତା ପାଖକୁ ଦୌଡ଼ି ଆସୁ ଆସୁ ଟିକିଏ ଦୂରରେ ଅଟକିଯାଇ ମୁଣ୍ଡ ଟେକି ତା'ର ସେ ସୁନେଲି କିରଣବୋଳା ମୁଖମଣ୍ଡଳ ଆଡ଼କୁ ଚାହିଁରହିଲା ।

ବୈରାମନଗର, ବାଲେଶ୍ୱର- ୩



ଜଗତେ ନାହିଁ

ଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ

ପତିତ ପାବନ ଯାହାର ନେତ
ପତିତ ପାବନ ଅଟେ ଯା' ଯାତ
ପତିତ ପାବନ ନାମ ତାହାର
ପତିତମାନଙ୍କୁ କରେ ଉଦ୍ଧାର ।

ସିନାନ ବେଦିରେ ଦେଇ ଦର୍ଶନ
ଗଜବେଶେ ହରେ ନୟନ ମନ
ରଥ ଯାତରାରେ ରଥ ଉପରେ
ଦରଶନ ଦେଇ ପାତକ ହରେ ।

ନାଲି ଅଧର ତା' ସୁନ୍ଦର ଦିଶେ
ମଣିଷ ମଣିଷ ସଦା ସେ ବାସେ
ଷାଠିଏ ପଉଟି ତା'ର ଭୋଜନ
ବେଶ ହୁଏ ପୁଣି କରେ ଶୟନ ।

ଯେଉଁଥର ପଡ଼େ ଯୋଡ଼ା ଆଷାଢ଼
ଛାଡ଼ଇ ପୁରୁଣା ଶରୀର ତା'ର
ନୂଆ ରୂପ ଧରି ହୁଅଇ ଉଭା
କଳା ଶ୍ରୀମୁଖ ତା' କି ମନଲୋଭା !

ସତ୍ୟ ଯୁଗେ କରି ଗଜ ଉଦ୍ଧାର
ତ୍ରେତାରେ ରାବଣ କଲେ ସଂହାର
ଦ୍ୱାପରେ କଂସକୁ କରି ନିହତ
କଳିରେ ସାଜିଲେ ଶାନ୍ତିର ଦୂତ ।

କାନ ନ ଥିଲେ ବି ଗୁହାରି ଶୁଣେ
ପାଦ ନାହିଁ ତା'ର ତ୍ରିପୁର ଗମେ
ହାତ ନ ଥାଇ ବି ଲୁହ ପୋଛଇ
ଏମିତିକା ଦିଅଁ ଜଗତେ ନାହିଁ ।

ମଣ୍ଡୁଆ, କେନ୍ଦୁଝରଗଡ଼- ୭୫୮୦୧୪

ହିତୋପଦେଶ

✤ ଆନନ୍ଦର ରହସ୍ୟ ହେଉଛି ସ୍ୱାଧୀନତା, ସ୍ୱାଧୀନତାର ରହସ୍ୟ ହେଉଛି ସାହସ ।

✤ ତୁମେ ସମସ୍ତଙ୍କୁ ବିଶ୍ୱାସ କରିପାର, ସେହିମାନଙ୍କ ବ୍ୟତୀତ, ଯେଉଁମାନେ ସବୁବେଳେ ତୁମ କଥାରେ ରାଜି ହୁଅନ୍ତି ।

✤ ନଈକୁ ଝରଣା ପଚାରିଲା,'' ତୋର କ'ଣ ସମୁଦ୍ର ହେବାର ଇଚ୍ଛା ନାହିଁ?''

ନମ୍ର ଭାବରେ ଝରଣା ଉତ୍ତରଦେଲା, ''ବଡ଼ ହୋଇ କରି ସ୍ୱାଦହୀନ ହେବା ଅପେକ୍ଷା ଛୋଟ ହୋଇ ମଧୁର ହେବା ଭଲ ନୁହେଁ କି ?''



ଅପୂର୍ବ ସାହସିକତା

ଶ୍ରୀ ନଟବର ସାହୁ

ଜୀବନକୁ ବାଜି ଲଗେଇ ନିଶ୍ଚିତ ମୃତ୍ୟୁମୁଖରୁ ବିପଦରେ ପଡ଼ିଥିବା ଲୋକଙ୍କୁ ରକ୍ଷା କରିଥିବା ବିଷୟ ଆମେ ଖବରକାଗଜ, ଦୂରଦର୍ଶନ ଅବା ରେଡିଓରେ ଶୁଣିଛେ । ବିପଦରେ ପଡ଼ିଥିବା ବ୍ୟକ୍ତିବିଶେଷଙ୍କୁ, ପାଣିରେ ପଡ଼ିଯାଇଥିବା, ନିଆଁରେ ପୋଡ଼ିଯାଉଥିବା ଲୋକମାନଙ୍କୁ ବେଳବେଳେ ସାହସୀ ବାଳକ-ବାଳିକାମାନେ ଉଦ୍ଧାର କରିଥାନ୍ତି । ସେମାନଙ୍କର ସାହସିକତା ପାଇଁ ରାଷ୍ଟ୍ରପତି ସାହସିକତା ପୁରସ୍କାର ପ୍ରଦାନ କରିବା ଆମେ ଜାଣିଛେ । ଯୁଦ୍ଧକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି କିଏ ଅଶୋକଚକ୍ର ସମ୍ମାନରେ ସମ୍ମାନିତ ହୋଇଛନ୍ତି । ତେବେ ଜଣେ ୨୩ ବର୍ଷର ମହିଳା ମରଣୋତ୍ତର ଭାବରେ ଅଶୋକଚକ୍ର ସମ୍ମାନରେ ସମ୍ମାନିତ ହେବାରେ ପ୍ରଥମ ଘଟଣା ଥିଲା । ଆସ ପିଲାମାନେ ସେ କିପରି ଓ କାହିଁକି ମରଣୋତ୍ତର ଭାବରେ 'ଅଶୋକଚକ୍ର' ସମ୍ମାନ ପାଇଥିଲେ ଜାଣିବା ।

୧୯୬୩ ମସିହାରେ ଚଣ୍ଡିଗଡ଼ରେ ଜନ୍ମ ହୋଇଥିଲେ ନୀରଜା ଭାନୋଟ୍ । ୧୯୮୫ ମସିହାରେ ତାଙ୍କର ବାହାଘର ହୋଇଥିଲା । ଯୌତୁକ ଦେବାନେବା ନେଇ ତାଙ୍କୁ ନିର୍ଯ୍ୟାତନା ଦେବାରୁ ବାହାହେବାର ଦୁଇ ମାସ ପରେ ଶାଶୁଘରୁ ସେ ଚାଲିଆସିଥିଲେ ତାଙ୍କ ବାପାଙ୍କ ପାଖକୁ । ସେ ପାନ୍ ଆମ୍ ବିମାନ କମ୍ପାନୀରେ ଫ୍ଲାଇଙ୍ଗ୍ ଆଟେଣ୍ଡାଣ୍ଟ୍ ଭାବରେ ଚାକିରି ପାଇଥିଲେ । ୧୯୮୬ ମସିହା ସେପ୍ଟେମ୍ବର ୫ ତାରିଖରେ ମୁମ୍ବାଇରୁ କରାଚୀ ବାଟଦେଇ ବିମାନଟି ଆମେରିକା ଯିବା ପାଇଁ ବାହାରିଲା । ସେଇ ବିମାନରେ ନୀରଜା ଭାନୋଟ୍ କାର୍ଯ୍ୟରତ ଥିଲେ । ବିମାନଟି ବମ୍ବେରୁ ଯାଇ ପାକିସ୍ତାନର କରାଚୀ ବିମାନବନ୍ଦରରେ ଅବତରଣ କଲା । ସେଇ ବିମାନରୁ କେତେକ ଯାତ୍ରୀ ଓହ୍ଲାଇଲେ ଓ କେତେକ ଯାତ୍ରୀ ବିମାନରେ ଚଢୁଥିଲେ । ତେବେ ଚାରିଜଣ ଆତଙ୍କବାଦୀ ସୁରକ୍ଷାକର୍ମୀ ବେଶପୋଷାକ ପିନ୍ଧି ଜାହାଜ ଭିତର ଯାଞ୍ଚ୍ କରିବା ବାହାନାରେ ଅସ୍ତ୍ରଶସ୍ତ୍ର ଧରି ପଶିଗଲେ ଓ ବିମାନକୁ ନିଜ କବ୍‌ଜାରେ ରଖିଲେ । ବିମାନ ଅପହରଣ ହୋଇଥିବା ଜାଣି ପାଇଲଟ୍‌ମାନେ ସେମାନଙ୍କୁ ଦିଆଯାଇଥିବା ତାଲିମ୍ ଅନୁସାରେ ବିମାନକୁ ଅଚଳ କରିଦେଇଥିଲେ । ଆତଙ୍କବାଦୀମାନେ ବିମାନଟିକୁ ଇସ୍ରାଏଲର୍ କୌଣସି ସ୍ଥାନକୁ ଉଡ଼େଇନେଇ ଆକାଶମାର୍ଗରେ ବିସ୍ଫୋରଣରେ ଉଡ଼େଇଦେବାକୁ ଯୋଜନା କରିଥିଲେ । ସେମାନଙ୍କ ଯୋଜନା ଫସରଫାଟି ଯିବାରୁ ବିମାନକୁ ସେମାନେ ପ୍ରାୟ ୧୭ ଘଣ୍ଟା ନିଜ କବ୍‌ଜାରେ ସେଇ କରାଚୀ ବନ୍ଦରରେ ରଖିଲେ । ଏଇ ସୁଯୋଗରେ ପାଇଲଟ୍‌ମାନେ କକ୍‌ପିଟ୍ ଦେଇ ଖସି ପଳାଇଲେ । ପାଇଲଟ୍‌ମାନେ ୩୬୦ଜଣ ଯାତ୍ରୀଙ୍କୁ ବିପଦରେ ପକାଇ ଖସି ପଳାଇବା ଦେଖି ନୀରଜା ଖୁବ୍ ମନଦୁଃଖ କଲେ, ତେବେ ସେ ବିମାନଯାତ୍ରୀଙ୍କ ସୁରକ୍ଷା ପାଇଁ ଯୋଜନା କଲେ ।

ଆତଙ୍କବାଦୀମାନେ ଏଇ ବିମାନରେ ଯାଇଥିବା ସମସ୍ତ ଆମେରିକୀୟ ଯାତ୍ରୀଙ୍କୁ ହତ୍ୟା କରିବା ଥିଲା

ସେମାନଙ୍କର ଯୋଜନା । ଯାତ୍ରୀମାନଙ୍କର ପାସ୍‌ପୋର୍ଟ ସଂଗ୍ରହ କରିବା ପାଇଁ ଆତଙ୍କବାଦୀମାନେ ନୀରଜାଙ୍କୁ ଆଦେଶଦେଲେ । ତେବେ ନୀରଜା ସମସ୍ତ ପାସ୍‌ପୋର୍ଟ ସଂଗ୍ରହ କଲାବେଳେ ଆମେରିକୀୟ ଯାତ୍ରୀଙ୍କ ୪୧ଟି ପାସ୍‌ପୋର୍ଟ ଲୁଚାଇଦେଲେ । ନୀରଜା ଚାଲାକ୍ କରି ଆତଙ୍କବାଦୀମାନଙ୍କୁ ଖାଦ୍ୟପୁଡ଼ିଆ ବାଣ୍ଟିଲେ । ଯାତ୍ରୀମାନଙ୍କୁ ଜରୁରୀକାଳୀନ ବାଟ ଦେଖାଇଦେଇଥିଲେ । ତେଣୁ ଯାତ୍ରୀମାନେ ସେଇବାଟ ଦେଇ ଖସି ପଳାଇଥିଲେ । ଏଥିରେ ୩୬୦ଜଣ ଯାତ୍ରୀ ଖସି ପଳାଇଥିଲେ । ନୀରଜା ଚାହିଁଥିଲେ ଜୀବନ ବଞ୍ଚାଇବା ପାଇଁ ସେ ଆଗ ଖସି ପଳାଇ ପାରିଥା'ନ୍ତେ । ତେବେ ସେ ତାହା ନ କରି ଯାତ୍ରୀମାନଙ୍କୁ ସୁରକ୍ଷା ଦେବାକୁ ଚାହିଁଥିଲେ । ଯେଉଁଠି ପାଇଲଟ୍ ଦୁଇଜଣ କାପୁରୁଷ ପରି ଖସି ପଳାଇଲେ, ସେଠାରେ ନୀରଜା ଜୀବନକୁ ବାଜି ଲଗାଇ ଯାତ୍ରୀମାନଙ୍କ ଜୀବନ ବଞ୍ଚାଇଦେଲେ । ବିମାନ ଭିତରେ ଜଣେ ପିଲା କାନ୍ଦୁଥିବା ଜାଣି ତାକୁ ନୀରଜା ନିଜର ଆଢୁଆଳରେ ନେଇ ଯାଉଥିବାବେଳେ ଆତଙ୍କବାଦୀଙ୍କ ଗୁଳିଚୋଟରେ ପ୍ରାଣ ହରାଇଲେ ।

ଏଇ ସାହସିକ କାର୍ଯ୍ୟ ପାଇଁ ନୀରଜା ବିଶ୍ୱରେ 'ଦି ହିରୋଇନ୍ ଅଫ୍ ହାଇଜାକ୍' ନାମରେ ପରିଚିତ ହୋଇଥିଲେ । ତାଙ୍କର ଏହି ଅପୂର୍ବ ସାହସିକତା ପାଇଁ ତାଙ୍କୁ ଭାରତ ସରକାର 'ମରଣୋତ୍ତର ଅଶୋକଚକ୍ର' ସମ୍ମାନରେ ସମ୍ମାନିତ କରିଥିଲେ । କୌଣସି ମହିଳା ଅଶୋକଚକ୍ର ସମ୍ମାନ ପାଇବା ଏହା ପ୍ରଥମ ଓ ସେ ସର୍ବକନିଷ୍ଠ ବ୍ୟକ୍ତି ଭାବରେ ବି ଅଶୋକଚକ୍ର ସମ୍ମାନ ପାଇଥିଲେ । ୨୦୦୪ ମସିହାରେ ନୀରଜାଙ୍କ ସମ୍ମାନରେ ଭାରତ ସରକାର ଏକ ଡାକଟିକେଟ୍ ପ୍ରଚଳନ କରିଥିଲେ । ଆମେରିକା ସରକାର ତାଙ୍କୁ 'ଜଷ୍ଟିସ୍ ଫର୍ କ୍ରାଇମ୍' ସମ୍ମାନ ପ୍ରଦାନ କରିଥିଲେ । ପାକିସ୍ତାନ ସରକାର ନୀରଜାଙ୍କୁ 'ତମଗା-ଏ-ଇନ୍‌ସାନିୟତ' ସମ୍ମାନରେ ସମ୍ମାନିତ କରିଥିଲେ ।

ଯେତେବେଳେ ଉଭୟ ଭାରତ ଓ ପାକିସ୍ତାନ ଲୋକ ଆତଙ୍କବାଦର ଶିକାର ହୋଇଥାନ୍ତି, ସେତେବେଳେ ଗୋଟିଏ ଘଟଣାକୁ ନେଇ ଅନେକ ସମୟରେ ସ୍ମୃତିଚାରଣ କରାଯାଇଥାଏ । ତେବେ ନୀରଜା ଏପରି ଏକ ଦୁଃସାହସିକ କାମ କଲେ, ଯେଉଁଥିରେ ପାକିସ୍ତାନ କ'ଣ, ସାରା ପୃଥିବୀ ତାଙ୍କ ପାଇଁ ଲୁହ ଗଡ଼ାଇଥିଲେ । ତାଙ୍କର ଅପୂର୍ବ ସାହସିକତାକୁ ସାରା ପୃଥିବୀ ପ୍ରଶଂସା କରିଥିଲେ । ନୀରଜା ଭାନୋଟ୍‌ଙ୍କ ଅପୂର୍ବ ସାହସିକତାକୁ ନେଇ ଏକ ସିନେମା କରାଯାଇଛି । ଏହି ସିନେମା, ସିନେମା ହଲ୍‌ରେ ହାଉସ୍‌ଫୁଲ୍ ହୋଇ ଚାଲିଥିଲା । ସୋନମ୍ କପୁର ନୀରୋଜା ଭାନୋଟ୍ ଚରିତ୍ରରେ ଅଭିନୟ କରି ବେଶ୍ ପ୍ରଶଂସିତ ହୋଇଛନ୍ତି ।

ଏଲ୍-୩୮, ବରମୁଣ୍ଡା, ଭୁବନେଶ୍ୱର

କମିଯିବ ପରା ଖରା

ଶ୍ରୀ ଦିଲ୍ଲୀପ କୁମାର ତ୍ରିପାଠୀ

ଖରା ଚାହିଁଲାଣି କଣେଇ
ସୂରୁଯ ପଡ଼ିଲେ ଅଣେଇ
ଗଡ଼ିଆ ପୋଖରୀ ଶୁଖିଲା ପଡ଼ିଛି
କ'ଣ କରିବୁ ଦନେଇ ।
ପାଟି ଅଠା ଅଠା ହେଲାଣି
ଗଛଟା ଝାଉଁଳି ଗଲାଣି
ପକ୍ଷୀର ଗହଳି ପଡ଼ିଲା ମଉଳି
ଚାଲିଲେଣି ନେଇ ମେଲାଣି ।
ଗାଆଁ ଦାଣ୍ଡ ଶୂନଶାନରେ
ସଭିଏଁ କବାଟ କଣରେ
ରାଧା ମାଉସୀଟା ଆମ୍ବ ତୋଟାଟାରେ
ଡାକେ 'ପାଣି ଢାଳେ ଆଣରେ' ।
ଛତାଜୋତା ହେଲେ କଥାରେ
ଓଦା ଗାମୁଛାକୁ ମଥାରେ
ପଖାଳ ତୋରାଣି ଲେମ୍ବୁଲୁଣ ପାଣି
ଦହି ସରବତ ଆଣରେ ।

ବଣରେ ଲଗାନି ନିଆଁଟି
ପୋତିଦିଅ ଗଛ ଚାରାଟି
ସବୁଜ ବଣରେ ସଭିଙ୍କୁ କିଣରେ
କମିଯିବ ପରା ଖରାଟି !

ବିଜ୍ଞାନ ଶିକ୍ଷକ, କ୍ୟାପିଟାଲ ହାଇସ୍କୁଲ, ୟୁନିଟ-୩, ଭୁବନେଶ୍ୱର

ଅଛି–ନାହିଁ

ତଳେ ଦିଆଯାଇଥିବା ଦୁଇଟି ଚିତ୍ର ମଧ୍ୟରେ ଅତି କମ୍‌ରେ ୫ଟି ପ୍ରଭେଦ ଅଛି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖୋଜି ବାହାର କରନ୍ତୁ ତ !

(ଉତ୍ତର ୩୬ ପୃଷ୍ଠାରେ)

ଅଭିନବ ପ୍ରୟାସ

କାଳିକିଙ୍କର

ଆଫ୍ରିକାର ଘନ ଜଙ୍ଗଲରେ ଶୁନା ଓ ଜୁଲୁ– ଦୁଇ ଜାତିର ଲୋକ ବସବାସ କରୁଥିଲେ । ଶୁନା ଜାତିର ଲୋକମାନେ ସେହି ଜଙ୍ଗଲର ପୂର୍ବଭାଗରେ ଗଛମାନଙ୍କର ସାହାଯ୍ୟରେ ଘର କରି ରହୁଥିଲେ ଓ ପୁଣି ଜୀବିକାର୍ଜନ ପାଇଁ ସମସ୍ତ ପରିବାରକୁ ନେଇ ଆଫ୍ରିକାର ଅନ୍ୟ ଅଞ୍ଚଳକୁ ଚାଲିଯାଉଥିଲେ । ତାଙ୍କ ଅଞ୍ଚଳକୁ କାଳେ ଜୁଲୁମାନେ ପଶିଆସି ଦଖଲ କରିନେବେ ବୋଲି ସେମାନେ ତାଙ୍କ ଅଞ୍ଚଳର ଚାରିପାଖରେ ବଡ଼ ବଡ଼ ଗାତ ଖୋଳି ଦେଉଥିଲେ । ତାହା ଥିଲା ସେମାନଙ୍କର ସୀମା । ସେ ଗାତ ଯେଉଁଠି ଆରମ୍ଭ, ସେ ସ୍ଥାନର ଆଗକୁ ପ୍ରବେଶ କରିବା ସମସ୍ତଙ୍କୁ ବାରଣ ।

ବେଳେବେଳେ ଜୁଲୁ ଜାତିର ଲୋକମାନେ ସେମାନଙ୍କର ଅନୁପସ୍ଥିତିର ସୁଯୋଗ ନେଇ ଶୁନାଙ୍କ ଅଞ୍ଚଳରେ ପଶିଯାଉଥିଲେ ଓ ସେଠାରେ ଥିବା ସୁସ୍ୱାଦୁ ଫଳଗୁଡ଼ିକ ନେଇଯାଉଥିଲେ । ଜୁଲୁମାନେ ଭାବୁଥିଲେ ଯେ ଶୁନାମାନେ ଏ କଥା ଜାଣିପାରିବେ ନାହିଁ । କାରଣ ସେମାନେ ତାଙ୍କ ଅଞ୍ଚଳରେ ଅନୁପସ୍ଥିତ ଅଛନ୍ତି; କିନ୍ତୁ ସେମିତି ହୁଏନାହିଁ । ଯେତେ ଡେରିରେ ଫେରିଲେ ମଧ୍ୟ ସେମାନେ ତାଙ୍କର ଦେବୀ ଆଜାଙ୍କ ପାଖରୁ ବୁଝିନେଉଥିଲେ । ଆଜା ଜଣେ ପ୍ରସିଦ୍ଧ ଆଫ୍ରିକୀୟ ଜନଜାତିର ଦେବୀ, ଯିଏ ବଣଜଙ୍ଗଲର ସ୍ରଷ୍ଟା ଓ ପାଳନକର୍ତ୍ତ୍ରୀ ବୋଲି ସେମାନେ ମାନୁଥିଲେ । ତାଙ୍କର ବାହନ ବଡ଼ ବଡ଼ ବଣବିଲେଇ । ଏଣୁ ଶୁନାମାନେ ବଣବିଲେଇ ଶିକାର କରୁ ନ ଥିଲେ ।

ଶୁନାମାନେ ଫେରିଲେ ପ୍ରଥମେ ବନଦେବୀ ଆଜାଙ୍କର ପୂଜା ହୁଏ । ସେ ପୂଜାରେ ସନ୍ତୋଷ ହୋଇ ଜଣେ ରମଣୀ ଦେହରେ ଆସି ବଣ ଭିତରର ସମସ୍ତ କଥା କହନ୍ତି । ଜୁଲୁମାନେ ତାଙ୍କ ଅଞ୍ଚଳକୁ ଆସି ଫଳ ଲୁଟିନେଇଥିବାର କଥା ମଧ୍ୟ କହନ୍ତି । ତା'ପରେ ଶୁନାମାନେ ଜୁଲୁମାନଙ୍କ ଅଞ୍ଚଳକୁ ଯାଇ ତା'ର ପ୍ରତିଶୋଧ ନିଅନ୍ତି । ଅନେକ ସମୟରେ ଜୁଲୁମାନଙ୍କ ସହ ତାଙ୍କର ଭୀଷଣ ଯୁଦ୍ଧ ହୁଏ । ଅନେକ ଖଣ୍ଡିଆଖାବରା ହୁଅନ୍ତି । କେତେକ ସମୟରେ ପ୍ରାଣହାନି ମଧ୍ୟ ହୁଏ ।

ପ୍ରାଣହାନି ହେଲେ ଜୁଲୁ ଓ ଶୁନା ଆଉ ଯୁଦ୍ଧ କରନ୍ତି ନାହିଁ । ସେମାନଙ୍କର ଏକ ଧାରଣା ଅଛି ଯେ ଯଦି ମଣିଷ ମଲା, ତେବେ ପାପ ହେଲା । ଯେଉଁ ଜାତି ମାରିଲା, ତା'କୁ ମହାପାପୀ ବୋଲି ଧରିନିଆଯିବ । ସେମାନେ ତା'ର ପ୍ରାୟଶ୍ଚିତ୍ତ କରିବାକୁ ବାଧ୍ୟ । ପ୍ରାୟଶ୍ଚିତ୍ତ ବୋଇଲେ ଆପଣାର ଦେବୀଙ୍କ ପାଖରେ ପୂଜା ହେବ । ସେଥିରେ ଉଭୟ ଜାତିର ଆବାଳବୃଦ୍ଧବନିତା ସମବେତ ହେବେ । ସାଥିରେ ଭୋଜନ କରିବେ । ଯେଉଁ ଜାତିର ଲୋକ ମରିଥିବେ, ସେ ଜାତିର ଲୋକ ଖାଇବେ ।

ଜୁଲୁ ଜାତିର ଲୋକମାନଙ୍କର ଦେବୀ ହେଲେ ଆବ୍ରୀୟା । ସେ ସିଂହବାହିନୀ । ସିଂହ, ବ୍ୟାଘ୍ର ଆଦି ତାଙ୍କୁ ଘେରି ରହିଥା'ନ୍ତି । ସେ ହିଁ ପ୍ରେମ ଓ ଭଲ ପାଇବାର

ଭୂଦେବୀ ବୋଲି ସମସ୍ତେ ମାନିନିଅନ୍ତି । ତାଙ୍କ ମନ୍ଦିରରେ ପୂଜା ହେଲେ ତିନି ବର୍ଷ ପାଇଁ ଯୁଦ୍ଧବିରତି ହୁଏ । କେହି କାହା ଅଞ୍ଚଳକୁ ଯିବାର ବାରଣ ନ ଥାଏ, କିମ୍ବା କିଏ କାହାର ନେଲା, ସେ ବିଷୟରେ ପ୍ରଶ୍ନ ନ ଥାଏ । ସାମାନ୍ୟ ତ୍ରୁଟି କଲେ ତା'କୁ ଦେବୀଙ୍କ ସାମ୍ନାକୁ ଆଣି କଠୋର ଦଣ୍ଡ ଦିଆଯାଏ । ଏଣୁ ତିନି ବର୍ଷ ଯାଏଁ ଜଙ୍ଗଲ ରାଜ୍ୟରେ ଶାନ୍ତି ଲାଗି ରହେ ।

ଥରେ ଜୁଲୁମାନଙ୍କ ସହ ଯୁଦ୍ଧରେ ଶୁନାଜାତିର ଜଣେ ଲୋକ ମରିଗଲା । ଏଣୁ ଜୁଲୁମାନେ ଦେବୀ ଆବ୍ରିୟାଙ୍କ ପାଖରେ ପ୍ରାୟଶ୍ଚିତ୍ତ କଲେ । ଶୁନାମାନଙ୍କୁ ଭୂରିଭୋଜନ ଦେଲେ । ତିନିବର୍ଷ ପାଇଁ ସମସ୍ତେ ମିଶିଗଲେ । ସେହି ମିଶିବା ସମୟରେ ଆଫ୍ରିକାର ଜଙ୍ଗଲରେ ପିଲାମାନେ ଏକ ଅଦ୍ଭୁତ କଥା କଲେ । ସେମାନେ ତାଙ୍କର ଅଞ୍ଚଳମାନଙ୍କରେ 'ଶିଶୁସରଗ' ନାମକ ଅନୁଷ୍ଠାନମାନ ଗଢ଼ିଲେ । ସେଥିରେ ନିୟମ କରାଗଲା ଯେ ସଭ୍ୟମାନେ କେବେ କାହା ସହିତ କଳିଗୋଳ କରିବେ ନାହିଁ । ସେମାନଙ୍କ ଜଙ୍ଗଲରେ ଯେ କୌଣସି ସ୍ଥାନକୁ ଯିବାରେ କେହି ବାରଣ କରିପାରିବେ ନାହିଁ । ସେମାନଙ୍କ ମିଳାମିଶାରେ କେହି ବାଧା ଦେବେ ନାହିଁ । ପ୍ରତ୍ୟେକ ମାସ ପିଲାମାନଙ୍କର ଏକ ମାସିକ ସଭା ହେବ, ଯେଉଁଥିରେ ସମସ୍ତେ ଉପସ୍ଥିତ ରହିବେ ଓ ଭୋଜନ କରିବେ । ଉଭୟ ଦେବୀ ଆଜା ଓ ଆବ୍ରୀୟା ନିମନ୍ତ୍ରିତ ହେବେ । ସେମାନେ ସଭାର ସଭାପତିତ୍ୱ କରିବେ ।

ପିଲାମାନଙ୍କର ଏ ଅଭିନବ ପ୍ରୟାସରେ ଆଫ୍ରିକୀୟମାନଙ୍କ ମଧ୍ୟରେ ସବୁ ଦିନର ଅନ୍ତଃକଳହ ଲୋପ ପାଇଗଲା ଓ ସେମାନେ ସମସ୍ତେ ସୁଖଶାନ୍ତିରେ ଏକାଠି ରହିବାର ଶିଖିଲେ ।

ସୌଭାଗିନୀ, ରଟିଲୋ, ରେଂଚ, ପୁରୀ- ୭୫୨୧୧୪

ସାଧାରଣ ଜ୍ଞାନ ପରୀକ୍ଷା

ଶ୍ରୀ ଜ୍ୟୋତିରଂଜନ ବିଶ୍ୱାଳ

୧ । ବିଦ୍ୟାଦେବୀ ଭଣ୍ଡାରୀ ଆମ ଦେଶର କେଉଁ ପଡ଼ୋଶୀ ରାଷ୍ଟ୍ରର ରାଷ୍ଟ୍ରପତି ?

୨ । ସପୁରୀର ଜନ୍ମସ୍ଥାନ କେଉଁଠି ?

୩ । 'Dreams from my Father' କେଉଁ ପ୍ରଖ୍ୟାତ ବ୍ୟକ୍ତିଙ୍କର ଆତ୍ମଜୀବନୀ ?

୪ । 'Can India Grow without Bharat' ପୁସ୍ତକର ରଚୟିତା କିଏ ?

୫ । ଫ୍ରାନ୍ସ୍‌ର ରାଷ୍ଟ୍ରପତିଙ୍କର ସରକାରୀ ବାସଭବନକୁ କ'ଣ କୁହାଯାଏ ?

୬ । ଶିକ୍ଷକଙ୍କୁ ଜାପାନୀ ଭାଷାରେ କ'ଣ କୁହାଯାଏ ?

୭ । କାନାଡାର ଜାତୀୟ ପତାକାରେ କେଉଁ ଗଛର ପତ୍ର ଚିତ୍ରିତ ହୋଇଛି ?

୮ । 'ବିଚିତ୍ର ରାମାୟଣ'ର ରଚୟିତାଙ୍କ ନାମ କ'ଣ ?

୯ । ମହାଭାରତର ଏକ ପ୍ରମୁଖ ଚରିତ୍ର– କର୍ଣ୍ଣଙ୍କର ସ୍ତ୍ରୀଙ୍କର ନାମ କ'ଣ ?

୧୦ । ତୀରଥ୍‌ଗଡ଼ ଜଳପ୍ରପାତ କେଉଁ ରାଜ୍ୟରେ ଅବସ୍ଥିତ ?

ଦୁର୍ଗାପୁର, ତାଳଚେର, ଅନୁଗୁଳ-୭୫୯୧୦୦

(ଉତ୍ତର ୪୫ ପୃଷ୍ଠାରେ)

ଚାଇନାର୍ ସେହି କୁହୁକ ଗୁଳ୍ମର ପତ୍ର

ଡ ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ

ପ୍ରକୃତି ପ୍ରକୃତରେ ଅନେକ ଆଶ୍ଚର୍ଯ୍ୟର ଗନ୍ତାଘର । ସେଥିରେ ସାଇତା ହେଇ ରହିଛି ଅନେକ ବିଚିତ୍ର ବସ୍ତୁ । ରହିଛି କେତେକ ଗଛ, ଲତା, ଗୁଳ୍ମ, ଉଦ୍ଭିଦ । ରହିଛନ୍ତି କେତେକ ପଶୁପକ୍ଷୀ, ସରୀସୃପ, କୀଟ, ପତଙ୍ଗ, ଜୀବ, ଜନ୍ତୁ । ପୃଥିବୀରୁ ଆକାଶ, ଆକାଶରୁ ମହାଶୂନ୍ୟ, ପୁଣି ଭୂମିତଳ, ପୃଥିବୀ ଅଭ୍ୟନ୍ତର ସାଗର– ସବୁଠି ପ୍ରକୃତି ତା'ର ଯାଦୁକରୀ ରଖିଛି । ମଣିଷ ତା' ଜନ୍ମଦିନରୁ ଆଜି ଯାଏ ଲମ୍ବା ପଚାଶ ହଜାର ବର୍ଷ ଧରି ଖୋଜି ଚାଲିଛି । ବହୁ ଆବିଷ୍କାର କରିଛି; ତଥାପି ଆବିଷ୍କାରର ଶେଷ ହୋଇନି । ଦିନକୁ ଦିନ ଆହୁରି ନୂଆ ଆବିଷ୍କାର ଚାଲିଛି । ସତେଯେମିତି ଏ ଆବିଷ୍କାରର ଅନ୍ତ ନାହିଁ ।

ଏବେ ଚାଇନାରେ ଏକ ଅଦ୍ଭୁତ ଗୁଳ୍ମ କଥା ପଡ଼ିଛି । ବୈଜ୍ଞାନିକମାନେ ତା'ର ନାଁ ରଖିଛନ୍ତି ଆରଟେମିସିଆ ଆନୁଆ (Artemisia annua) । ତା'କୁ ବି କହନ୍ତି ସ୍ୱିଟ୍‌ୱାର୍ମ ଉଡ୍ (Sweet worm wood) ।

ଏହାର ପତ୍ରକୁ ସଂଗ୍ରହ କରାଗଲା, ଶୁଖାଗଲା । ଶୁଖିଲା ପତ୍ରକୁ ଗୁଣ୍ଡ କରାଗଲା । ତିଆରି ହେଲା ଛୋଟ ବଟିକା । ତା'ପରେ ଅଠରଜଣ କ୍ଲିନିକାଲି ଭୀଷଣ ମାଲେରିଆ ରୋଗୀଙ୍କୁ ଦିଆଗଲା ସେ ବଟିକା । ଦିନକୁ ଗୋଟିଏ । ପାଞ୍ଚଦିନ ମାତ୍ର । ସମସ୍ତେ ଝାଡ଼ିଝୁଡ଼ି ହୋଇ ଭଲ । ଖାଲି ପତ୍ର ନୁହେଁ, ସମସ୍ତ ଶୁଖିଲା ଗଛକୁ ମଧ୍ୟ ଏପରି ବ୍ୟବହାର କରାଯାଇଥିଲା ।

ଯେଉଁ ଗବେଷକମାନେ ଏ ପରୀକ୍ଷା ଚଳେଇଥିଲେ, ସମସ୍ତେ ବହୁତ ଅଭିଜ୍ଞ । ସମସ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (W.H.O) ଦ୍ୱାରା ନିୟୋଜିତ । ମଧ୍ୟ-ଆଫ୍ରିକାର କଂଗୋ ଗଣରାଜ୍ୟ । ଏ ରାଜ୍ୟ ମାଲେରିଆପ୍ରବଣ । ମାଲେରିଆରେ ଏ ଦେଶର ଶହ ଶହ ଲୋକ ମରନ୍ତି । ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (W.H.O) ଏଠି ଗବେଷଣା ପାଇଁ ଏକ ଗବେଷକ ଦଳ ପଠେଇ ଏ ଗବେଷଣା ଚଳେଇଛନ୍ତି । ଏ ଦଳର ମୁଖ୍ୟ ଥିଲେ ପାମେଲା ୱେଦେରସ୍ । ପାମେଲା ଜଣେ ପ୍ରତିଷ୍ଠିତ ଜୀବବିଜ୍ଞାନୀ ଓ ପ୍ରଫେସର । କାମ କରୁଛନ୍ତି ମାସ୍‌ଚୁସେଟ୍‌ସ ପଲିଟେକ୍‌ନିକ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ।

ସେହି ରୋଗୀମାନଙ୍କୁ ପ୍ରଥମେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁମୋଦିତ ଆକ୍ଟ ପଦ୍ଧତିରେ ଚିକିତ୍ସା କରାଯାଇଥିଲା । ଆକ୍ଟ ପଦ୍ଧତିଟି ଆଟେମିସିନିନ୍ ସଂଯୋଜିତ ଥେରାପି । ଅର୍ଟେମିସିଆ ଆନୁଆରୁ ରାସାୟନିକ ପ୍ରକ୍ରିୟାରେ ରସ ଅଣାଯାଏ । ସେଥିରେ ପ୍ରସ୍ତୁତ ହୁଏ ଔଷଧ । ସେ ଔଷଧ ବହୁଳ ପ୍ରଚାରିତ ଓ ପ୍ରସାରିତ । ଏଇ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପ୍ରାୟୋଜିତ ଔଷଧରେ ରୋଗୀମାନେ ତ ଭଲହେଲେନି, ମାଲେରିଆ ଭୟଙ୍କର ଭାବରେ ବଢ଼ିଗଲା ।

ଆର୍ଟେମେସିଆ ଯେ ମାଲେରିଆ ଭଲ କରିପାରେ, ଆଗରୁ ଏମାନେ ଜାଣିଥିଲେ । କିନ୍ତୁ ଏହାର ରସ

ନେଉଥିଲେ । ଏଇ ରୋଗୀମାନେ, କିନ୍ତୁ ଆର୍ଟେମସିଆ ଆନୁଆ ବଟିକାରେ ସୁସ୍ଥ ହୋଇ ଉଠିଲେ । ସେମାନଙ୍କ ରକ୍ତ ପରୀକ୍ଷା କରାଗଲା । ଥିଲା ସମ୍ପୂର୍ଣ୍ଣ ମାଲେରିଆ ଜୀବାଣୁମୁକ୍ତ । ଫାଇଟୋମେଡିସିନ୍ (Phytomedicine) ନାମକ ସ୍ୱାସ୍ଥ୍ୟସମ୍ପର୍କିତ ଗବେଷଣା ପତ୍ରିକାରେ ଏ ପରୀକ୍ଷଣର ବିସ୍ତୃତ ବିବରଣୀ ଦିଆଯାଇଛି ।

ଗବେଷକମାନେ କହନ୍ତି ଯେ ଚୀନ୍‌ରେ ଲୋକେ ଶହ ଶହ ବର୍ଷ ଧରି ଏ ଗୁଳ୍ମର ପତ୍ର ଚୂନା କରି ଖାଇଥା'ନ୍ତି । ସେମାନେ କହନ୍ତି– ଖାଲି ମାଲେରିଆ ନୁହେଁ, ଆହୁରି ଅନେକ ରୋଗରେ ଏହାର ପ୍ରୟୋଗ ହୁଏ । ଡ୍ରଗ୍ ରେଜିଷ୍ଟେଣ୍ଟ୍ ଜୀବାଣୁକୁ ମଧ୍ୟ ଏହା ସହଜରେ ଶେଷ କରିପାରେ । ସେମାନଙ୍କ ମତରେ–This is likely due to the synergistic effect of a complex array of phytochemicals contained in the plants leaves. ଆଗରୁ କେମିକାଲ୍ ପ୍ରକ୍ରିୟାରେ ଏ ପତ୍ରରୁ ଆହୃତ ରସଠାରୁ ଆର୍ଟେମିନିଆ ଆନୁଆ ପତ୍ରର ଶୁଖିଲା ଗୁଣ୍ଡ ପ୍ରୟୋଗରେ ଏହାର ରକ୍ତରେ ଚାଳିଶଗୁଣ ଆର୍ଟେମିସିନିନ୍ ଦେଇପାରେ । ମୂଷାମାନଙ୍କ ଉପରେ ଏ ସମ୍ପର୍କିତ ସମସ୍ତ ପରୀକ୍ଷା ପରେ ମଣିଷମାନଙ୍କ ଉପରେ ପ୍ରୟୋଗ କରାଯାଇ ଏ ସତ୍ୟ ଓ ସିଦ୍ଧାନ୍ତ ମିଳିଛି ।

ପୃଥିବୀରେ ପ୍ରାୟ ଦୁଇଶହବାର ମିଲିୟନ୍ ଲୋକ ମଶାଜନିତ ରୋଗର ଶିକାର ହୋଇଥା'ନ୍ତି । ଏଇ ନୂଆ ଆବିଷ୍କୃତ ଔଷଧଟିର ପ୍ରୟୋଗ ସରଳ । ଏହା ଆଦୌ ଖର୍ଚ୍ଚିଳ ନୁହେଁ । ଏହି ନୂଆ ଔଷଧଟିକୁ DLA (Dried leaf of Artemisia) କୁହାଯାଉଛି । ଏହା ଏକ ସାଧାରଣ ଔଷଧ ନୁହେଁ– ଏକ ମହୌଷଧ । ମଣିଷ ଜାତିକୁ ମାଲେରିଆରୂପୀ ଯମଦୂତ ମୁହଁରୁ ରକ୍ଷାକରିବା ପାଇଁ ଏକ ଅମୋଘ ଅସ୍ତ୍ର । ମଣିଷ ଏବେ ବିଶ୍ୱାସ କରୁଛି ଯେ ଆହୁରି ଅନେକ ଔଷଧୀୟ ଗଛ, ଲତା, ଗୁଳ୍ମ ସାଇତି ରଖିଛି ପ୍ରକୃତି । ସେଗୁଡ଼ିକର ଆବିଷ୍କାର ଯେତେ ଶୀଘ୍ର ହେବ, ସେତେ ଭଲ । ପ୍ରକାଶ ଥାଉ କି ଆରୋମାଥେରାପି, ହୋମିଓପାଥି, ଫ୍ଲୋରାଥେରାପି, ହର୍ବାଲ୍‌ଥେରାପି ପ୍ରଭୃତି, ପ୍ରକୃତିର ଫୁଲ, ଫଳ, ପତ୍ର, ମୂଳ ସାହାଯ୍ୟରେ ଚାଲିଥାଏ !

ରେଢ଼ାଖୋଲ, ସମ୍ବଲପୁର-୭୬୮୧୦୬

ପରିଶ୍ରମର ମୂଲ୍ୟ

ଶ୍ରୀ ପବିତ୍ର କବି

ବଡ଼ି ବାଇଗଣ ବେସର ହେଲା
ଏଉଡ଼ି ମାରିଲେ ଖାଇକି ପିଲା
ବାଇଗଣ ଚାରା ଆଣିଲା ରବି
ଗଡ଼ିଆ କୂଳରେ ପୋତିଲା ଭାବି ।
ପାଣି, ସାର ଦେଲା ଘାସକୁ ମନ୍ଥି
ବାଇଗଣ ଫଳେ ପେନ୍ଥି କି ପେନ୍ଥି
ଫଳ, ଫୁଲ ଦେଖି ରବି ହସିଲା
ପରିଶ୍ରମ ତାର ସଫଳ ହେଲା ।

ଘୁଞ୍ଚିଗଲା ଦେଖ ରବିର ଦୁଃଖ
ପରିବାର ତା'ର ପାଇଲେ ସୁଖ
ପାଞ୍ଚ ପରାଣୀ ଯେ କୁଟୁମ୍ବ ତା'ର
ବାଇଗଣ ବିକି ଚଳିଲା ଘର ।
ପରିଶ୍ରମ କରି କରିଲେ ଚାଷ
ବାଇଗଣ ନାଶେ ଭୋକ ଉପାସ
ତରକାରି, ପୋଡ଼ା, ଭରତା, ଭଜା
ଯେମିତି ଖାଇଲେ ଲାଗଇ ମଜା ।

ଫୋନ୍ : ୯୬୫୮୮୫୬୩୭

ଚକ୍ର ସୁଦର୍ଶନ

ଶ୍ରୀ ଉମାକାନ୍ତ ମହାନ୍ତି

ସେଦିନ ସନ୍ଧ୍ୟାବେଳେ ମୁଁ ଆମ ପଢ଼ାଘରେ ବସିଥାଏ । ନାତିଟୋକା ସତ୍ୟ ଧାଇଁ ଆସି କହିଲା, "ଜେଜେ... ଜେଜେମ... , ତମେ ଏଡ଼େ ଠକ ବୋଲି ମୁଁ ଜାଣି ନଥିଲି । ଆଜି ଜାଣିଲି... ।"

– "ଯାହାହେଉ, ଏତେଦିନେ ତୁ' ମତେ ଗୋଟାଏ ଭଲ ଉପାଧି ଦେଲୁ । ହଇରେ, ମୁଁ ତତେ କ'ଣ ଠକିଲି ଯେ... ?"

– "ତମର ମନେନାହିଁ ? ମତେ ତ ଏ ବର୍ଷ ରଥଯାତ୍ରା ଦେଖାଇବାକୁ ନେଲନାହିଁ । କହିଲ କ'ଣ ନା' ପ୍ରବଳ ଲୋକଗହଳି; ପରେ କେତେବେଳେ ସୁବିଧା ଦେଖି ତତେ ପୁରୀ ନେଇଯିବି... । ଆଉ ପ୍ରଶ୍ନଟି ପଚାରିଥିଲି, ସେ ପ୍ରଶ୍ନର ଉତ୍ତରଟା ବି ଆଜି ଯାଏ ଦେଲ ନାହିଁ ।"

– "ଆରେ, ଆରେ ସତେତ, ମୁଁ ପୂରାପୂରି ସେ କଥା ଭୁଲିଯାଇଛି । ହଉ...ଆ' ଏଇଠି ବସ୍, ଆଜି ତୋ' ପ୍ରଶ୍ନର ଉତ୍ତର ଦେବି ।"

ସତ୍ୟର ବୟସ ୧୨-୧୩ । ସେ ଆମ ଗାଁ ହାଇସ୍କୁଲରେ ନବମ ଶ୍ରେଣୀରେ ପଢ଼େ । ଏ ବର୍ଷ ରଥଯାତ୍ରା ଦେଖିଯିବାକୁ ବହୁ ଜିଦ୍ କରୁଥିଲା । ଜଗନ୍ନାଥଙ୍କୁ ରଥରେ ଦେଖିବା ପାଇଁ ଅନ୍ୟୁନ ୮-୧୦ ଲକ୍ଷ ଲୋକ ପୁରୀ ଆସିଥାଆନ୍ତି । ଏତେ ଭିଡ଼ଭାଡ ଭିତରେ, ସତ୍ୟକୁ ନେଇ ରଥଯାତ୍ରା ଦେଖିବାକୁ ଯିବା ମୋ ପକ୍ଷରେ ସମ୍ଭବପର ନ ଥିଲା । ସତ୍ୟର ବାପା-ମାଆ ବାହାରେ ଥାଆନ୍ତି । ଏକୁଟିଆ ସତ୍ୟକୁ ନେଇ ରଥଯାତ୍ରାକୁ ଯିବାପାଇଁ ମୋର ସାହସ ହେଲାନାହିଁ । କେବଳ ଟି.ଭି. ନିକଟରେ ବସି, ଆମେ ଏ ବର୍ଷର ରଥଯାତ୍ରା ଉପଭୋଗ କଲୁ ।

ସେତିକିବେଳେ ସତ୍ୟ ଗୋଟାଏ ପ୍ରଶ୍ନ ପଚାରିଥିଲା– "ଜେଜେ... ! ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ଆଉ ସୁଦର୍ଶନ– ଏମାନଙ୍କୁ ମିଳିତ ଭାବେ ଚତୁର୍ଦ୍ଧାମୂର୍ତ୍ତି ବୋଲି କହିଥାଆନ୍ତି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ବିଗ୍ରହ ତ ପହଣ୍ଡି ବିଜେ କରି କରି ରଥ ଉପରକୁ ଆସିବାର ଦେଖିଲି; କାହିଁ ସୁଦର୍ଶନଙ୍କ ବିଗ୍ରହ ତ ରଥ ଉପରକୁ ଆସିବାର ଦେଖିଲି ନାହିଁ! କେବଳ ପାଟକନା ଗୁଡ଼ା-ହୋଇଥିବା ଏକ ସରଳ-ସଳଖ କାଷ୍ଠଦଣ୍ଡଟିଏ ଆଣି ସୁଭଦ୍ରାଙ୍କ ରଥ ଉପରେ ରଖିଦିଆଗଲା । ଏ କ'ଣ ସୁଦର୍ଶନ ଚକ୍ର ? ଚକ୍ର ତ ଗୋଲାକାର, କାହିଁ ଇଏ ତ ସେପରି ନୁହଁନ୍ତି.. ?

ମତେ କୁହ, ସୁଦର୍ଶନ ଚକ୍ର କ'ଣ... ? ଏବଂ ତାଙ୍କର ଏପରି ରୂପ କାହିଁକି ହୋଇଛି... ?''

ମୁଁ କହିଲି– "ଆରେ ସତ୍ୟ, ତୋ ପ୍ରଶ୍ନର ଉତ୍ତର ଆଜି ଶୁଣ ।

ସୁଦର୍ଶନ ଚକ୍ର ହେଉଛନ୍ତି ଭଗବାନ୍ ବିଷ୍ଣୁଙ୍କ ଆୟୁଧ । ପୁରାଣ ମତରେ– ଦେବଦେବ ମହାଦେବଙ୍କ ଆଦେଶରେ ବିଶ୍ୱକର୍ମା ସବୁ ଦେବ-ଦେବୀଙ୍କଠାରୁ ମହାତେଜ ସଂଗ୍ରହ କରି ଏହାକୁ ନିର୍ମାଣ କରିଥିଲେ । ପରେ ଏହାଙ୍କୁ ସେ ମହାଦେବଙ୍କୁ ଅର୍ପଣ କଲେ ।

ଏହାଙ୍କ ଆକାର ଚକ୍ରାକାର ଏବଂ ଏଥିରେ ଅର ସଂଖ୍ୟା ହେଉଛି ବାର । ଏହା ଷଡ଼କୋଣ ବିଶିଷ୍ଟ ଏବଂ ଏଥିରେ ପରସ୍ତ ପରସ୍ତ ହୋଇ ତିନୋଟି ବଳୟ ବି ରହିଛି । ମଧ୍ୟାହ୍ନ ସୂର୍ଯ୍ୟ ଭଳି ଏହା ସର୍ବଦା ଅତ୍ୟନ୍ତ ତେଜୋମୟ, ସତେଯେପରି ଜ୍ୱଳନ୍ତ ଅଗ୍ନିପିଣ୍ଡ !

ପରବର୍ତ୍ତୀ ସମୟରେ ଦୈତ୍ୟମାନଙ୍କୁ ବିନାଶ କରିବା ପାଇଁ ମହାଦେବ ଏହି ଚକ୍ରଟିକୁ ଭଗବାନ୍ ବିଷ୍ଣୁଙ୍କୁ ଅର୍ପଣ କରିଥିଲେ । ତୁ' ତ ଜାଣିଛୁ, ଭଗବାନ୍ ବିଷ୍ଣୁ ହେଉଛନ୍ତି ଚତୁର୍ଭୁଜ । ତାଙ୍କର ଚାରିଗୋଟି ଭୁଜରେ ଥାଏ ଶଙ୍ଖ-ଚକ୍ର-ଗଦା-ପଦ୍ମ । ଭଗବାନ୍ ବିଷ୍ଣୁ ସର୍ବଦା ଏହି ଚକ୍ରଟିକୁ ଧାରଣ କରିଥାଆନ୍ତି । ଏହି ଚକ୍ର ସାହାଯ୍ୟରେ ସେ ଦୁଷ୍ଟମାନଙ୍କୁ ଦଳନ କରିଥାଆନ୍ତି ଏବଂ ଶିଷ୍ଟ ବା ସନ୍ଥମାନଙ୍କୁ ପାଳନ କରିଥାଆନ୍ତି । ସତ୍ ପଥରେ ଚାଲୁଥିବା ବ୍ୟକ୍ତିମାନଙ୍କୁ ଭଗବାନ୍ ବିଷ୍ଣୁ ସର୍ବଦା ଚକ୍ର ଉହାଡ଼ରେ ଘୋଡ଼ାଇ ରଖିଥାଆନ୍ତି ।

ପ୍ରତ୍ୟେକ ବିଷ୍ଣୁ ମନ୍ଦିର ଚୂଡ଼ାରେ ଏହି ଚକ୍ର ପୋତା ହୋଇଥାଏ । ଏଗୁଡ଼ିକ ଅଷ୍ଟଧାତୁ ବା କୌଣସି ଗୋଟିଏମାତ୍ର ଧାତୁରେ ନିର୍ମିତ ହୋଇଥାଏ । କେଉଁଠି କେଉଁଠି କଳାମୁଗୁନି ପଥରରେ ମଧ୍ୟ ଏଇଟି ନିର୍ମିତ ହୋଇଥାଏ । ପୁରୀ ଶ୍ରୀମନ୍ଦିର ଉପରେ ପୋତାଯାଇଥିବା ସୁଦର୍ଶନ ଚକ୍ରଟି ମଧ୍ୟ ସୁନା-ରୂପା-ତମ୍ବା-ପିତ୍ତଳ-ସୀସା-କଂସା-ଲୁହା ଏବଂ ରାଙ୍ଗା ଆଦି ଆଠଗୋଟି ଧାତୁରେ ନିର୍ମିତ । ଏହାର ବର୍ଣ୍ଣ ଈଷତ୍ ନୀଳବର୍ଣ୍ଣ ହୋଇଥିବାରୁ, ଏହାକୁ 'ନୀଳଚକ୍ର' ମଧ୍ୟ କୁହାଯାଇଥାଏ ।

କବିଙ୍କ ଭାଷାରେ– 'ନୀଳଚକ୍ରେ ହୋ ଦେଖ ଉଡୁଛି ବାନା ।' ଏହି ଚକ୍ରଟିର ଉଚ୍ଚତା ୧୨ ଫୁଟ ଏବଂ ପରିଧି ୩୬ ଫୁଟ୍ । ଏଥିରେ କେବେବି କଳଙ୍କି ଲାଗି ନଥାଏ । ସବୁବେଳେ ଏହା ଉପରେ ପତାକା ଉଡୁଥାଏ ।

ଦ୍ୱାପର ଯୁଗରେ ଭଗବାନ୍ ଶ୍ରୀକୃଷ୍ଣ ଦୁଷ୍ଟ ଦଳନ ପାଇଁ ଏହି ଚକ୍ରଟିର ବିଶେଷ କାରବାର କରିଥିଲେ । ଅବତାର ଶେଷରେ ଶ୍ରୀକୃଷ୍ଣଙ୍କ ନିଜ ବଂଶ ଯଦୁବଂଶ ବା ଯାଦବମାନେ ମଦଗର୍ବୀ ହୋଇ ପ୍ରଚୁର ମଦିରା ପାନ କରି ଦିନେ ନିଜ ନିଜ ମଧ୍ୟରେ ହଣାହଣି ହୋଇ ମରିଗଲେ । ଶ୍ରୀକୃଷ୍ଣ ମଧ୍ୟ ଏହା ଚାହୁଁଥିଲେ । ଏମାନଙ୍କ ମଧ୍ୟରୁ ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ କେବଳ ବଞ୍ଚିଗଲେ ।

ଶ୍ରୀକୃଷ୍ଣ ତାଙ୍କର ପୂରା ବଂଶ ନାଶ ହୋଇଯାଉ ବୋଲି ଆଶା କରୁଥିଲେ । କାରଣ, ସେତେବେଳେ କୃଷ୍ଣାବତାରର ଶେଷ ସମୟ । ଏମାନେ ବଞ୍ଚି ରହିଲେ ଭବିଷ୍ୟତରେ ପୃଥିବୀରେ ନାନା ଉତ୍ପାତ ସୃଷ୍ଟିକରିବେ ବୋଲି ଶ୍ରୀକୃଷ୍ଣ ଅନୁମାନ କରିଥିଲେ । ତେଣୁ, ସେ ନିଜ ପୁତ୍ର ପ୍ରଦ୍ୟୁମ୍ନଙ୍କୁ ବଧ କରିବା ପାଇଁ ସୁଦର୍ଶନଚକ୍ରଙ୍କୁ ଆଦେଶ ଦେଲେ । ସୁଦର୍ଶନ ଚକ୍ର ପ୍ରଦ୍ୟୁମ୍ନଙ୍କୁ ବଧ ତ କଲେ, ହେଲେ ଆଉ ଶ୍ରୀକୃଷ୍ଣଙ୍କ ହାତକୁ ଫେରିଲେ ନାହିଁ ।

– "ପ୍ରଦ୍ୟୁମ୍ନ ନାଶି ଚକ୍ର ଗଲା । କୃଷ୍ଣ କରକୁ ନ ଫେରିଲା ।"

ପରେ ପରେ ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ଜାରାଶବରର ବାଣରେ ଆହତ ହୋଇ ପ୍ରାଣତ୍ୟାଗ କଲେ । କୃଷ୍ଣାବତାର ଲୀଳା ଶେଷହେଲା ।

ଏହି ଚକ୍ର କିନ୍ତୁ ଉଡ଼ିଆସି ପୁରୀ ସମୁଦ୍ର କୂଳରେ ଏକ ସ୍ଥାନରେ ପଡ଼ିଲେ । ଯେଉଁଠାରେ ପଡ଼ିଲେ, ସେ ଜାଗାକୁ 'ଚକ୍ରତୀର୍ଥ' ବୋଲି କୁହାଯାଏ ଏବଂ ଏହା ଏକ ତୀର୍ଥ ବୋଲି ଗଣାଯାଏ । କଳିଯୁଗରେ ଭଗବାନ ଶ୍ରୀକୃଷ୍ଣ,

ପୁରୀରେ ଶ୍ରୀଜଗନ୍ନାଥ ରୂପେ ପୂଜା ପାଇବେ ବୋଲି ଆଗରୁ ନିର୍ଦ୍ଦିଷ୍ଟ ହୋଇଥିଲା । ତେଣୁ ସୁଦର୍ଶନଚକ୍ର ମହାରାଜ, ଆଗରୁ ଆସି ଶ୍ରୀଜଗନ୍ନାଥଙ୍କ ଆଗମନ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଥିଲେ । ଏଥିସହିତ ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱ ମଧ୍ୟ ସେ ମୁଣ୍ଡାଇଥିଲେ ।

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଥିଲେ ବିଷ୍ଣୁଙ୍କ ଅବତାର । ସେ ଲଙ୍କାର ଅତ୍ୟାଚାରୀ ରାବଣ ସହିତ ଅନ୍ୟାନ୍ୟ ରାକ୍ଷସଙ୍କୁ ବଧ କରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟାକୁ ଫେରିଆସିଲେ । ତୁ' ତ ତମ ସାହିତ୍ୟ ବହିରେ ପିତୃଭକ୍ତ ଶ୍ରୀରାମଙ୍କ କଥା କିଛି କିଛି ପଢ଼ିଛୁ ।

ରାମ ଅବତାରରେ ଭକ୍ତ ହନୁମାନ ଶ୍ରୀରାମଙ୍କ ପାଇଁ ବହୁ ଦୁଃସାଧ୍ୟ କାର୍ଯ୍ୟ କରିଥିଲେ । ସମୁଦ୍ର ଡେଇଁ ସୀତା ଠାବ କରିବା, ଲଙ୍କା ଦହନ କରିବା ଏବଂ ବହୁ ବଳଶାଳୀ ରାକ୍ଷସଙ୍କୁ ବଧ କରିବା କାର୍ଯ୍ୟ ମଧ୍ୟ କରିଥିଲେ । ପୁଣି ଗନ୍ଧମାଦନ ପର୍ବତ ମୁଣ୍ଡାଇ ଆଣି ବିଶଲ୍ୟକରଣୀ ଗୁଳ୍ମ ଯୋଗାଇଦେଇ ଲକ୍ଷ୍ମଣଙ୍କ ପୁନର୍ଜନ୍ମ ଲାଭରେ ସାହାଯ୍ୟ ବି କରିଥିଲେ ।

ପ୍ରଭୁ ରାମଚନ୍ଦ୍ର ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅମର ବର ଦେଇଥିଲେ । ଆଉ କହିଥିଲେ– ବତ୍ସ ହନୁମାନ ! ମୋର ତ୍ରେତୟା ଯୁଗର ଲୀଳାଖେଳା ଶେଷ ହୋଇ ଆସୁଛି । ମୁଁ ତୁମକୁ ଦ୍ୱାପର ଯୁଗରେ ଦ୍ୱାରକାଧିପତି ଶ୍ରୀକୃଷ୍ଣ ରୂପେ ଏବଂ କଳିଯୁଗରେ ପୁରୀ ଶ୍ରୀକ୍ଷେତ୍ରରେ ଦାରୁଦେବତା ଜଗନ୍ନାଥ ରୂପେ ଦର୍ଶନ ଦେବି । ତୁମେ ଯେତେବେଳେ ଚାହିଁବ, ମୋତେ ଦର୍ଶନ କରିପାରିବ । ଆଉ ହଁ, ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି– ଏହି ଚାରିଯୁଗରେ ତୁମର ପ୍ରତାପ ବଜାୟ ରହିବ । ତୁମ ବାହୁଛାୟା ତଳେ ସାଧୁସନ୍ଥମାନେ ନିର୍ଭୟରେ ଆଶ୍ରୟ ନେଇପାରିବେ ।

ଭକ୍ତରାଜ ହନୁମାନ କାନ୍ଦି କାନ୍ଦି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପାଦ ସ୍ପର୍ଶ କରି ଗନ୍ଧମାଦନ ପର୍ବତକୁ ଚାଲିଗଲେ । ସେଠାରେ ନିଭୃତରେ ବସି ରହି ଅହରହ ରାମନାମ ଜପ କରିଚାଲିଲେ । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣରୂପୀ ରାମଚନ୍ଦ୍ରଙ୍କୁ ବହୁବାର ଦର୍ଶନ କରିବାର ସୌଭାଗ୍ୟ ମଧ୍ୟ ଭକ୍ତ ହନୁମାନଙ୍କୁ ମିଳିଥିଲା ।

ଏଥିମଧ୍ୟରେ କଳିଯୁଗ ଆସିଗଲା । ଦିନକର କଥା, ଭକ୍ତରାଜ ହନୁମାନଙ୍କର ଜଗନ୍ନାଥରୂପୀ ପ୍ରଭୁ ରାମଚନ୍ଦ୍ରଙ୍କୁ ଦର୍ଶନ କରିବାର ମନ ବଳିଲା । ସେ ସୂକ୍ଷ୍ମ ରୂପରେ ଉଡ଼ିଆସି ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ବଡ଼ ଦେଉଳ ଭିତରକୁ ପଶିବାକୁ ଚେଷ୍ଟା କଲେ ।

ତତେ ତ ଆଗରୁ କହିଛି, ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱ ସୁଦର୍ଶନ ଚକ୍ର ମହାରାଜଙ୍କ ହାତରେ ରହିଛି । ତାଙ୍କ ପ୍ରଭାବ ଏବଂ ପରାକ୍ରମରେ କୌଣସି ଶକ୍ତି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିପାରନ୍ତି ନାହିଁ । ମାଛିଟିଏ ପଶିଲେ ମଧ୍ୟ ନବଖଣ୍ଡ ହୋଇଯାଇଥାଏ ।

ଚକ୍ରସୁଦର୍ଶନ ହନୁମାନଙ୍କୁ ଭିତରକୁ ଛାଡୁଛନ୍ତି କେତେକେ... ? ସେ ତ ତାଙ୍କୁ ଆଗରୁ ଜାଣିନାହାନ୍ତି । ହନୁମାନ ଯେତେ ଅନୁନୟ ବିନୟ କଲେ ମଧ୍ୟ ସୁଦର୍ଶନ ଚକ୍ର ତାଙ୍କୁ ଭିତରକୁ ଛାଡ଼ିଲେ ନାହିଁ । ଜଗନ୍ନାଥଙ୍କ ଖାସ୍ ସେବା ଦାୟିତ୍ୱରେ ଥିବାରୁ ସୁଦର୍ଶନଚକ୍ର ଗର୍ବରେ ଫାଟି ପଡୁଥାଆନ୍ତି । ନିଜର ତେଜ ଦେଖାଇ ସେ ହନୁମାନଙ୍କୁ ଧମକାଇବାକୁ ଲାଗିଲେ ଏବଂ ବହୁ କଟୁକଥା ମଧ୍ୟ କହିଲେ । ସେ ବା କାହୁଁ ଜାଣନ୍ତେ, ଯିଏ ଜଗନ୍ନାଥ, ସେଇ ହିଁ ଶ୍ରୀକୃଷ୍ଣ ଏବଂ ସେଇ ହିଁ ପ୍ରଭୁ ଶ୍ରୀରାମଚନ୍ଦ୍ର ବୋଲି । ଏଥିସହିତ, ସେ ବା' କାହୁଁ ଜାଣନ୍ତେ, ହନୁମାନଙ୍କ ଶକ୍ତି କେତେ ବୋଲି ?

ଏତେବାଟ ଆସି ହନୁମାନ କ'ଣ ପ୍ରଭୁଙ୍କୁ ଦର୍ଶନ ନ କରି ଖାଲି ଖାଲି ଫେରିଯିବେ... ?

ଶେଷରେ ହନୁମାନ ନିଜ ଶକ୍ତି ଦେଖାଇ ଚକ୍ରସୁଦର୍ଶନଙ୍କୁ ଓଟାରି ଆଣି ନିଜ କାଖତଳେ ଜାକିଦେଲେ । ହନୁମାନଙ୍କ କାଖ ତଳେ ଜାକି ହୋଇ ରହି ସୁଦର୍ଶନ ଚକ୍ର ଖଣ୍ଡ ଖଣ୍ଡ ହୋଇ ଚାରିଖଣ୍ଡ ହୋଇ ଭାଙ୍ଗି ତଳେ ପଡ଼ିଗଲେ । ହନୁମାନ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଭିତରକୁ ଚାଲିଗଲେ ।

ପରେ ପ୍ରଭୁ ଜଗନ୍ନାଥ ହନୁମାନଙ୍କୁ ଚାହିଁ ଟିକିଏ ହସିଦେଲେ ଏବଂ ସମସ୍ତ କଥା ଅବଗତ ହୋଇଗଲେ । ଶେଷରେ ସୁଦର୍ଶନଙ୍କ ପ୍ରାର୍ଥନାରେ ପ୍ରଭୁ ଜଗନ୍ନାଥ ସମସ୍ତ ଭଙ୍ଗାଖଣ୍ଡକୁ ଯୋଡ଼ିଦେଲେ । କିନ୍ତୁ, ତାଙ୍କର ପୂର୍ବ ଭଳି ଥିବା ଗୋଲାକାର ରୂପ ଆଉ ରହିଲା ନାହିଁ; ରହିଲା କେବଳ ସରଳ-ସଳଖ ଦଣ୍ଡ ଭଳି ରୂପ । ରଥଗୁଡ଼ିକର ସୁରକ୍ଷା ପାଇଁ ଏହି ଦଣ୍ଡରୂପ ସୁଦର୍ଶନଚକ୍ର ମଧ୍ୟ ସୁଭଦ୍ରାଙ୍କ ରଥରେ ବସି ରଥଯାତ୍ରାରେ ଯାଇଥାଆନ୍ତି ।

ଆଉ ହଁ... ସେହିଦିନଠାରୁ ଗର୍ବଗଞ୍ଜନ ହନୁମାନ ବିଗ୍ରହ ଶ୍ରୀମନ୍ଦିର ଗୁମୁଟ କାନ୍ଥରେ ପୂଜା ପାଇବାକୁ ଲାଗିଲେ । ତାଙ୍କୁ ପ୍ରତ୍ୟହ ଜଗନ୍ନାଥଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା ।

ଅବଶ୍ୟ, ସୁଦର୍ଶନ ଚକ୍ରଙ୍କ ଦଣ୍ଡାକୃତି ଧାରଣ କରିବାର ଉପାଖ୍ୟାନଟି, ଅନ୍ୟତ୍ର ଅନ୍ୟ ଭାବେ ଲେଖାଯାଇଥିବାର ଦେଖିବାକୁ ମିଳିଥାଏ । ତେବେ, ଏଇଟି ବିଶେଷ ଯୁକ୍ତିଯୁକ୍ତ ବୋଲି ବୋଧ ହୋଇଥାଏ ।

କଥା ଶେଷ ହେଲାବେଳକୁ, ମୋ ସହଧର୍ମିଣୀ ରାତ୍ରିଭୋଜନ ପାଇଁ ଆମକୁ ଡାକିଦେଲେ ।

ମଣ୍ଡାସାହି, ଜଗତସିଂହପୁର-୭୫୪୧୧୪

* ନେତାଜୀ ସୁଭାଷ ବୋଷ ଗାନ୍ଧିଙ୍କୁ ପ୍ରଥମେ ପିତାଜୀ ଆଖ୍ୟା ଦେଇଥିଲେ ।
* ରବୀନ୍ଦ୍ରନାଥ ଠାକୁର ଗାନ୍ଧିଜୀଙ୍କୁ ମହାତ୍ମା ଆଖ୍ୟା ଦେଇଥିଲେ ।
* ଗାନ୍ଧିଙ୍କର ଜନ୍ମଦିବସ ୨ ଅକ୍ଟୋବର ଦିନ ସାରା ପୃଥିବୀରେ ଅହିଂସା ଦିବସ ଭାବେ ପାଳନ କରାଯାଏ ।
* ଦକ୍ଷିଣ ଆଫ୍ରିକା ୭ଜୁନ୍ ୧୯୪୩ ଦିନ ଗାନ୍ଧିଙ୍କର ସମ୍ମାନାର୍ଥେ ତାଙ୍କର ଫଟୋଚିତ୍ର ରଖି ପୋଷ୍ଟେଜ୍ ଷ୍ଟାମ୍ପ ପ୍ରକାଶ କରିଥିଲେ ।
* ସାଧାରଣତନ୍ତ୍ର ଦକ୍ଷିଣ ଆଫ୍ରିକା ହେଉଛି ୪୩ତମ ରାଷ୍ଟ୍ର ଗାନ୍ଧିଙ୍କୁ ମହାମାନବ ରୂପେ ସ୍ୱୀକୃତି ଦେଇଛି ।

--**ଶ୍ରୀ ଅଜିତାନନ୍ଦ ଗୋସ୍ୱାମୀ,** କଟକ-୧୨

ବାହାଘର ଗାଲା ଭାଙ୍ଗି

ମନୋରମା ସାହୁ

ବଣ ରାଇଜଟା ତରତର
ସବୁ ଜୀବଜନ୍ତୁ ହରବର
ଚାରିଆଡ଼େ ଖାଲି ଘୋ' ଘୋ' ଲାଗିଛି
ବିଲେଇନାନୀର ବାହାଘର ।
ବର ସାଜିଅଛି ବିଲୁଆନନା
ହାତେ ହାତଘଡ଼ି ଦେହରେ ଜାମା
ମୁଣ୍ଡରେ ନାଇଛି ନାଲିଆ ପଗଡ଼ି
ଧଳା ଜରିପକା ସିଲିକି କନା ।
ବିଲେଇ ନାନୀର କନିଆ ବେଶ
ହଳଦୀ ଚନ୍ଦନେ ହୋଇ ସୁବେଶ
ସଜ ମଲ୍ଲୀମାଳ ବେଣୀରେ ଖଞ୍ଜିଛି
ଦିଶୁଅଛି ଆଜି ଭାରି ସରସ ।
ବେଦିକି ଯିବାର ହୋଇଲା ବେଳ
ବରକନ୍ୟାଙ୍କର କଉଡ଼ି ଖେଳ
ହାତଗଣ୍ଠି ବେଳେ ପଚାରେ ବିଲୁଆ
ଯଉତୁକ କାହିଁ ଆଣ ସଅଳ ।
ବିଲେଇନାନୀ ରାଗରେ ଉଠି
କହିଲା, ଥାଉ ଏ ହାତଗଣ୍ଠି
ଶାଢ଼ି, ଚୁଡ଼ି କାଢ଼ି ଫୋପାଡ଼ିଦେଲା ସେ
ବିଲୁଆ ଉପରେ ସବୁଯାକଟି ।
ଯାଉ ଯାଉ ସିଏ କହିଲା ଶୁଣ
ବାହାହେବିନି ମୁଁ କରୁଛି ପଣ
ପାଠ ପଢ଼ି ମୁହିଁ ଚାକିରି କରିବି
ରଖିବି ନିଶ୍ଚୟ ମୋହରି ଟାଣ ।
ବାହାବା କରିଲେ ସଭିଏଁ ତାକୁ
ବିଲୁଆର ମୁଣ୍ଡ ହେଲା ତଳକୁ
ଶିଶୁପାଳ ହୋଇ ଫେରିଲା ଲାଜରେ
ମୁହଁ ଦେଖାଇବ ଆଉ କାହାକୁ !

ପାରିଓରଡ ପ୍ରକଳ୍ପ ଉ:ପ୍ରା ବିଦ୍ୟାଳୟ, ପାରିଓରଡ଼, ଖୋର୍ଦ୍ଧା

ପାଟିସୁଆଦି

ଜଣେ ମଦୁଆ ସାଙ୍ଗଙ୍କ ସହ ଭୋଜି କରିବାକୁ ନିଜ ଘରୁ ଛେଳି ଚୋରିକଲା । ରାତିରେ ଭୋଜି କରି ସକାଳୁ ଘରେ ପହଞ୍ଚି ଦେଖିଲା ଛେଳି ବନ୍ଧା ହୋଇଛି ।

ମଦୁଆ (ସ୍ତ୍ରୀକୁ)- ଏ ଛେଳି କୋଉଠୁ ଆସିଲା ?

ସ୍ତ୍ରୀ- ଛେଳି କଥା ମାର ଗୁଲି, ଆଗ କୁହ କାଲି ରାତିରେ ତମେ ମୋ କୁକୁରକୁ ନେଇ କୁଆଡ଼େ ଯାଇଥିଲ ?

* * *

ମାଆ- କିରେ, କାହିଁକି କାନ୍ଦୁଛୁ ?

ପୁଅ- ମୋ ଗୋଡ଼ରେ ଗୋଟିଏ କଣ୍ଟା ଗଳିଗଲା ।

ମାଆ- କେତେବେଳେ ?

ପୁଅ- ଘଣ୍ଟାଏ ହେଲା ।

ମାଆ- ଏତେବେଳେ କ'ଣ କାନ୍ଦୁଛୁ ?

ପୁଅ- ତୁମେ ତ ଘରେ ନଥିଲ, କାନ୍ଦିଥିଲେ କ'ଣ ହୋଇଥାଆନ୍ତା ?

ଶ୍ରୀ ସୁରେଶ କୁମାର ପଣ୍ଡା

ଗୋ'ମାତାର ଦୁଧ :

ଥରେ ବୀରବଲଙ୍କୁ ସମ୍ରାଟ ଆକବର ପଚାରିଲେ, "ଗାଈ, ମଇଁଷି, ଓଟ ଓ ଛେଳି ମଧ୍ୟରୁ କାହାର ଦୁଧ ସର୍ବଶ୍ରେଷ୍ଠ ?"

କିଛି ସମୟ ଚିନ୍ତା କରି ବୀରବଲ କହିଲେ, "ଜହାଁପନା ! ମଇଁଷିର ।"

ବୀରବଲଙ୍କ କଥା ଶୁଣି ଆକବର ସ୍ତବ୍ଧ ହୋଇଗଲେ । ସିଏ କେବେ ତାଙ୍କଠାରୁ ଏଭଳି ଉତ୍ତର ଆଶା କରି ନ ଥିଲେ । ଆକବର ଭାବିଥିଲେ ଜଣେ ନୈଷ୍ଠିକ ହିନ୍ଦୁ ହୋଇଥିବାରୁ ବୀରବଲ ଗୋ'ମାତାର ଦୁଧକୁ ହିଁ ଶ୍ରେଷ୍ଠ ବୋଲି କହିବେ ।

ସମ୍ରାଟଙ୍କୁ ଚାହିଁରହିବା ଦେଖି ବୀରବଲ କହିଲେ, "ଜହାଁପନା ! ଆପଣ ଗାଈର ଦୁଧକୁ ଦୁଧ ବୋଲି କହିପାରନ୍ତି, କିନ୍ତୁ ଆମେ ତାକୁ ଦୁଧ ନୁହେଁ ଅମୃତ ମନେକରୁ । ସେ କ୍ଷେତ୍ରରେ ଗାଈର ଦୁଧ ସହିତ ଅନ୍ୟ କାହାର ଦୁଧକୁ କିପରି ତୁଳନା କରାଯାଇପାରିବ ? ଗୋ'ମାତାର ଦେହରେ ତେତ୍ରିଶ କୋଟି ଦେବତା ନିବାସ କରନ୍ତି ବୋଲି ଆମେ ମନେକରିଥାଉ । ହଁ, ଯଦି କେବଳ ଦୁଧ କଥା କୁହନ୍ତି, ତା'ହେଲେ ନିଶ୍ଚିତ ଭାବରେ ମଇଁଷି ଦୁଧ ଶ୍ରେଷ୍ଠ ।

ମୃତ୍ୟୁ ପର୍ଯ୍ୟନ୍ତ ଶିଖିବା ଉଚିତ :

ସ୍ୱାମୀ ରାମତୀର୍ଥ ଜାହାଜରେ ଜାପାନ ଯାତ୍ରା କରୁଥିଲେ । ସେଇ ଜାହାଜରେ ଜଣେ ଜାପାନୀ ଭଦ୍ରବ୍ୟକ୍ତି ମଧ୍ୟ ଥାଆନ୍ତି । ତାଙ୍କର ବୟସ ପ୍ରାୟ ନବେ ବର୍ଷ । ତାଙ୍କର ଦୃଷ୍ଟିଶକ୍ତି କମି ଯାଇଥିଲା । ତାହା ସତ୍ତ୍ୱେ ସିଏ ଚୀନ୍ ଭାଷା ଶିଖିବାକୁ ଚେଷ୍ଟା କରୁଥିଲେ ।

ଚୀନ୍ ହେଉଛି ଏକ କଠିନ ଭାଷା । ଏହା ଶିକ୍ଷା କରିବାକୁ ଅନେକ ବର୍ଷ ଲାଗିଯାଏ । ତାକୁ ଦେଖି ରାମତୀର୍ଥ ଅତ୍ୟନ୍ତ ପ୍ରଭାବିତ ହେଲେ । ଦିନେ ପଚାରିଲେ, "ମହାଶୟ ! ଏଇ ବୟସରେ ଆପଣ ଚୀନ୍ ଭାଷା ଶିକ୍ଷା କରୁଛନ୍ତି । ଆପଣଙ୍କ ଭାଷାଶିକ୍ଷା କେବେ ସମାପ୍ତ ହେବ ଆଉ ଆପଣ ତାହାର ଉପଯୋଗ କରିବେ ?"



ବୃଦ୍ଧ ଭଦ୍ରବ୍ୟକ୍ତିଜଣଙ୍କ ତାଙ୍କ ମୁହଁକୁ ଭଲ ଭାବେ ନିରୀକ୍ଷଣ କରି କହିଲେ, "ଯେତେଦିନ ପର୍ଯ୍ୟନ୍ତ ମୁଁ ଜୀବିତ ଅଛି, ସେତେଦିନ ପର୍ଯ୍ୟନ୍ତ କିଛି ନା କିଛି ଶିଖିବାକୁ ଚେଷ୍ଟା କରୁଛି । ତା' ନହେଲେ ମୋତେ ଲାଗିବ ମୋର ଏଇ ଜୀବନ ବ୍ୟର୍ଥ ହୋଇଗଲା । ମରିବା ତ ଦିନେ ନା ଦିନେ

ଲେଖନୀର ପାଠଶାଳା

ରାମକୃଷ୍ଣ ନନ୍ଦ

ଆମେ ପୂର୍ବରୁ ଥରେ କହିଥିଲୁ ଏବଂ ବର୍ତ୍ତମାନ ପୁଣି କହୁଛୁ– ଡ, ଢ ଏବଂ ଡ଼, ଢ଼– ଏ ଅକ୍ଷର ମଧ୍ୟରେ ଥିବା ପ୍ରଭେଦ ପ୍ରତି ଅନେକ ଲେଖକ ଦୃଷ୍ଟି ଦେଉନାହାନ୍ତି ।ସେମାନେ ବୋଧହୁଏ ଭାବନ୍ତି, ଯେମିତି ଲେଖିଲେ ସୁଦ୍ଧା ପ୍ରେସ୍‌ରେ ତାହା ସଜଡ଼ା ହୋଇଯିବ; କିନ୍ତୁ ଏହା ସମ୍ଭବ ନୁହେଁ । ତେଣୁ ଛାପା ବହିରେ ଡ ସ୍ଥାନରେ ଡ଼ ଓ ଡ଼ ସ୍ଥାନରେ ଡ ଛପା ହୋଇଯାଉଛି । ଉଚ୍ଚାରଣ ଦୃଷ୍ଟିରୁ ଦେଖିଲେ ଏହି ପ୍ରଭେଦର ଆବଶ୍ୟକତା ରହିଛି । ଡ ଓ ଡ଼ ର ଉଚ୍ଚାରଣ ଏକାପ୍ରକାର ନୁହେଁ । ପ୍ରଥମଟି ଡଙ୍ଗା, ଡାଳ ଏବଂ ଦ୍ୱିତୀୟଟି ଝଡ଼, ଖଡ଼ାରେ ବ୍ୟବହୃତ । ଏଗୁଡ଼ିକୁ ନିଜେ ଉଚ୍ଚାରଣ କରି ପ୍ରଭେଦ ଦେଖ । ଏହି ଦୃଷ୍ଟିରୁ ଡ ଓ ଢ ତଳେ ବୁନ୍ଦା ଦେଇ ଅଲଗା ଅକ୍ଷର ତିଆରି କରାଯାଇଛି ।

ମାତ୍ର ଲେଖିଲାବେଳେ ଏ ପ୍ରଭେଦକୁ ଦୃଷ୍ଟି ଦିଆଯାଉନାହିଁ । ଲେଖକ ଯଦି 'ଡିମ୍ବ'କୁ 'ଡ଼ିମ୍ବ' ଏବଂ 'ମେଢ଼' କୁ 'ମେଢ' ଲେଖିବେ, ପ୍ରେସରେ ସେହିପରି ଛପା ହୋଇଯିବା ସ୍ୱାଭାବିକ, ହେଉଛି ମଧ୍ୟ । ତେଣୁ ସମସ୍ତେ ଏ ପ୍ରଭେଦ ପ୍ରତି ଦୃଷ୍ଟି ଦେଇ ଲେଖିବା ଉଚିତ । ତା' ନହେଲେ ଅକ୍ଷର ସଂଖ୍ୟା ବଢ଼ିବା କେବଳ ସାର ହେବ; କିନ୍ତୁ ଲିପି-ପାର୍ଥକ୍ୟର କୌଣସି ମୂଲ୍ୟ ରହିବ ନାହିଁ ।

ଗଲା ମାସରେ ଆମର ପାଠକମାନେ ପଚାରିଥିବା କେତେକ ପ୍ରଶ୍ନ ସମ୍ବନ୍ଧରେ ବର୍ତ୍ତମାନ ଲେଖୁଛୁ । ଜଣେ ପଚାରିଛନ୍ତି– 'ଅନାଟନ' ଶବ୍ଦ ଠିକ୍ କି ? ଆମେ ଏଥିପୂର୍ବରୁ ଏ ସମ୍ବନ୍ଧରେ ଏକାଧିକବାର ଆଲୋଚନା କରିଛୁ । ତାର ମର୍ମ ହେଲା– କେତେକ ଶବ୍ଦ ବ୍ୟାକରଣ ନିୟମ ଦୃଷ୍ଟିରୁ ଅଶୁଦ୍ଧ ହେଲେହେଁ ଦୀର୍ଘକାଳର ପ୍ରୟୋଗ ଫଳରେ ନିଜର ଆସନ ଦୃଢ଼ କରିନେଇଛନ୍ତି । ତେଣୁ ସେଗୁଡ଼ିକୁ ଭାଷାରୁ ବାହାର କରି ହେବନାହିଁ । ନ+ଅଟନ (ଚଳନ) = ଅନଟନ ଅର୍ଥାତ୍ ଅଚଳ ଅବସ୍ଥା; କିନ୍ତୁ ଏହି ଅର୍ଥରେ 'ଅନାଟନ' ଦୀର୍ଘକାଳ ହେଲା ପ୍ରଚଳିତ ହେଉଥିବାରୁ ତାହାକୁ ଭାଷାରେ ସ୍ଥାନ ଦେବାକୁ ହେବ । ଏହିପରି ଆଉ କେତୋଟି ଶବ୍ଦ ହେଉଛି ପ୍ରଯୁଜ୍ୟ, ଉପରୋକ୍ତ, ବିରୁଦ୍ଧରେ, ଏକତ୍ରିତ, ଆବଶ୍ୟକୀୟ, ନିର୍ଦ୍ଧନ । ଏଗୁଡ଼ିକର ଶୁଦ୍ଧରୂପ– ପ୍ରଯୋଜ୍ୟ, ଉପର୍ଯୁକ୍ତ, ବିରୋଧରେ, ଏକତ୍ର, ଆବଶ୍ୟକ, ନିର୍ଧନ । କିନ୍ତୁ ଦୀର୍ଘ ପ୍ରଚଳନ ଯୋଗୁ ଏ ଅଶୁଦ୍ଧ ପ୍ରୟୋଗଗୁଡ଼ିକୁ ଶୁଦ୍ଧ ବୋଲି ଧରିନିଆଯାଉଛି ।

ଅନ୍ୟ ଜଣେ ପାଠକ ଲେଖିଛନ୍ତି– 'ସଂସାର'ରେ ଛପାଯାଇଛି 'କ'ଣ ଘର ମନେ ପଡୁଚି ?' ଏହି 'ପଡୁଚି' ପରି ଭୁଲ୍ ଶବ୍ଦ 'ସଂସାର'ରେ ଦେଖି ମୁଁ ଦୁଃଖିତ । ପାଠକଙ୍କ ମତକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ଆମେ କହିବୁ– 'ଆସୁଚି' ଭୁଲ ନୁହେଁ । ଆସୁଅଛି, ଆସୁଛି,

---

ନିଶ୍ଚିତ, କିନ୍ତୁ ତାହା କେବେ ଆସି ପହଞ୍ଚିବ, କିଏ କହିପାରିବ ? ମନୁଷ୍ୟ ଯଦି ସବୁବେଳେ କେବଳ ମୃତ୍ୟୁ ବିଷୟ ଚିନ୍ତା କରିବ, ସିଏ ଜୀବନରେ କିଛି ମଧ୍ୟ କରିପାରିବ ନାହିଁ ।"

ବୃଦ୍ଧବ୍ୟକ୍ତିଙ୍କ ମୁଖରୁ ଏତକ ଶୁଣି ରାମତୀର୍ଥ ଅତ୍ୟନ୍ତ ପ୍ରୀତ ହେଲେ ।

ଗୁମୁଡ଼ା, ଭୈରବସିଂହ ପୁର, କୋରାପୁଟ- ୭୬୪୦୫୭

ଆସୁଚି– ଏ ତିନୋଟି ଏକାର୍ଥକ ଶବ୍ଦ । ଯୁଗର ଗତି ଅନୁସାରେ ଭାଷା କ୍ରମେ ସହଜ ଓ ସଂକ୍ଷିପ୍ତ ରୂପକୁ ଧରିନେଉଛି । ତଳଲିଖିତ ଉଦାହରଣଗୁଡ଼ିକୁ ପରୀକ୍ଷା କଲେ ତାହା ସ୍ପଷ୍ଟ ହେବ ।

ତୁମ୍ଭେ - ତୁମେ, ତାହାଠାରୁ - ତାହାଠୁଁ - ତା'ଠୁଁ
ମୋହର - ମୋର, ସବୁଠାରେ - ସବୁଠି
ହେବ - ହବ, ଯାଉନାହୁଁ - ଯାଉନୁ
ଯାଉନାହିଁ - ଯାଉନି, କେଉଁଆଡ଼େ - କୁଆଡ଼େ
ଚାରିଶହ - ଚାରିଶ, କାହିଁ - କାଇଁ
ଏହି - ଏଇ, ନହୋଇଲେ - ନୋହିଲେ - ନଇଲେ

ଏହିପରି 'ଆସୁଅଛି' କ୍ରମେ 'ଆସୁଛି' ଓ 'ଆସୁଚି' ରୂପ ଧରିନେଉଛି । ଏହା ଭୁଲ୍ ନୁହେଁ । ପଚାଶ ବର୍ଷ ତଳେ 'ଆସୁନି' 'ଦେଖୁନି'ର ପ୍ରୟୋଗ ଆପତ୍ତିଜନକ ଥିଲା; କିନ୍ତୁ ଆଜି ତାହା ଶୁଦ୍ଧ ବୋଲି ସ୍ୱୀକୃତ । ଏପରି ସମୟ ଆସିବ, ଯେତେବେଳେ 'ଆସୁଅଛି' ଆଉ କେହି କହିବେ ନାହିଁ କି ଲେଖିବେ ନାହିଁ । ମନେରଖିବାକୁ ହେବ ଭାଷା କେତେବେଳେ ସ୍ଥିର ରହେନାହିଁ । ଏହା ଗତିଶୀଳ ।

'ଘର କ'ଣ ମନେପଡୁଚି ?'– ଏପରି କଥୋପକଥନରେ କଥିତ ଭାଷାର ପ୍ରୟୋଗ ବରଂ ସ୍ୱାଭାବିକ; କିନ୍ତୁ ସବୁଠାରେ ଏହା ବ୍ୟବହୃତ ନ ହେଉ ।

(୧୯୮୬ ମସିହାରେ ସଂସାରରେ ପ୍ରକାଶିତ ।)

ବାପା

ଶ୍ରୀ ନୀଳମଣି ଚାନ୍ଦ

ଅଳପ ହେଉ କି ବହୁତ ହେଉ
ମୋ'ଠାରେ ରହିଛି ଯାହାଙ୍କ ଗୁଣ
ଯିଏ ମୋ' ଆଦର୍ଶ, ମୋ' ପାଇଁ ମହାନ୍
ସିଏ 'ବାପା' ତାଙ୍କ କଥାଟି ଶୁଣ ।

'ପୁଅ', 'ଝିଅ' ମାନେ ହାତଲଗା 'ଚାରା'
ସବୁଦିନ ତାଙ୍କ ଆଖିରେ ସାନ
ବାପାଙ୍କ ସପନ ବଡ଼ ହୋଇ ପିଲେ
ବଢ଼େଇବ ଦେଶ, ଜାତିର ମାନ ।

ଘର ଜଞ୍ଜାଳର ବୋଝକୁ ଉଠେଇ
ବୋହି ଚାଲିଥା'ନ୍ତି ମଥାରେ ଲଦି

'ଭୂମିକମ୍ପ' ପରି ଘର ଉଠେପଡ଼େ
କେବେ ସିଏ ରାଗିଯାଆନ୍ତି ଯଦି ।

ପରିବାର ଟି ତ 'ବୃତ୍ତ'ଟିଏ ହେଲେ
'କେନ୍ଦ୍ରବିନ୍ଦୁ' ତା'ର ହୋଇବେ ବାପା
ପିଲାଙ୍କ ଦୁଃଖରେ ଆଖି ଛଳଛଳ
ଆଗ ପରି ଗଳା ନ ଥାଏ ଚାପା ।

ଆମ ଲାଗି ଯିଏ ପ୍ରେରଣାର ଉତ୍ସ
କଥା ସବୁ ଉପଦେଶରେ ଭରା
ପିଲାଙ୍କ ପାଇଁରେ ସବୁଦିନେ ସିଏ
'ଶୁଭଚିନ୍ତକ' ତ ଏକା ହିଁ ପରା ।

ଯେତିକି ସେ ଶାନ୍ତ- ସେତିକି ସରଳ
ତାଙ୍କ ପରି ଜଣେ ଦେଖୁ ତ ନାହିଁ
ଏ କଥାଟି ସତ, ଘର-ଦେବାଳୟେ
ବଡ଼ ଦିଅଁ ସିଏ ଆମରି ପାଇଁ ।

ଏଫ୍- ୦୯୪, କସ୍‌ମୋପୋଲିସ୍, ଡୁମ୍‌ଡୁମା, ଭୁବନେଶ୍ୱର



ମାଆଙ୍କର ଚୁଡ଼ି ପିନ୍ଧା

ଶାନ୍ତି ସାମଲ

(ଓଡ଼ିଶାର କିଂବଦନ୍ତୀ ଓ ତା'ର ଲୋକକଥାଗୁଡ଼ିକରୁ ଓଡ଼ିଶା କେତେ ସମୃଦ୍ଧିଶାଳୀ ଥିଲା, ତାହା ଜଣାପଡ଼େ । ମନ୍ଦିରମାଳିନୀ ଓଡ଼ିଶାର ପ୍ରତ୍ୟେକ ମନ୍ଦିରର କିଛି କିଛି ଲୋକକଥା ଅଛି । ସେଇ ଲୋକକଥାଗୁଡ଼ିକ ପିଲାଠାରୁ ଆରମ୍ଭ କରି ବୁଢ଼ାମାନଙ୍କ ମଧ୍ୟରେ ଧର୍ମଧାରଣା ଆଣିଦେଇଥାଏ । ପୂର୍ବେ ଈଶ୍ୱର ବିଶ୍ୱାସ ଦ୍ୱାରା ଜନଜୀବନ ସୁଖଶାନ୍ତିରେ କାଳାତିପାତ କରୁଥିଲେ । ଆମର ଲୋକ-କଥାଗୁଡ଼ିକରୁ ଆମର ଭଗବତ ବିଶ୍ୱାସ ଦୃଢ଼ ହୋଇଥାଏ । ଏହି ଲୋକକାହାଣୀ ଶ୍ରୁତିରେ ଶ୍ରୁତିରେ ଯୁଗ ଯୁଗ ଧରି ଜନଜମାନସକୁ ସମୃଦ୍ଧ କରିଚାଲିଥିବ ।)

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଗାଁରେ ମାଆ କୀଚେକେଶ୍ୱରୀଙ୍କର ମନ୍ଦିର ଅଛି । ସେ ଗାଁ'ଟିର ନାଁ ବହଲଦା । ସେଇ ବହଲଦା ଗାଁରେ ଦେବୀଙ୍କ ପାଇଁ ବାର ମାସରେ ତେର ପର୍ବ ପାଳନ ହୁଏ । ଅନେକ ଯାନିଯାତ୍ରା ଦେବୀଙ୍କ ସମ୍ମାନରେ ହୁଏ । ସେଥିମଧ୍ୟରେ ଇନ୍ଦ୍ରପର୍ବ ସବୁଠାରୁ ବଡ଼ ପର୍ବ । ସେଇ ସମୟରେ ସେଇ ଗାଁ'ରେ ଗୋଟିଏ ବଡ଼ ମେଳା ବସେ ।

ମେଳାରେ ଅନେକ ଦୋକାନ, ବଜାର, ସର୍କସ୍ ବସେ । ମୟୂରଭଞ୍ଜର ଆଦିବାସୀ ଝିଅମାନେ ଚୁଡ଼ି ପିନ୍ଧିବାକୁ ଭଲପାଆନ୍ତି ବୋଲି ଅନେକ କାଚରା ନିଜ ନିଜର କାଚ ଝୁଡ଼ି ନେଇ ମେଳାରେ ବସନ୍ତି । ଝିଅବୋହୂମାନେ ରଙ୍ଗିନ୍ ପ୍ରଜାପତି ପରି ମେଳାରେ ବୁଲି ବୁଲି ଚୁଡ଼ି ପିନ୍ଧନ୍ତି । ଚୁଡ଼ି ଦୋକାନରେ ବହୁତ ଭିଡ଼ ହୁଏ ।

ମୟୂରଭଞ୍ଜ ରାଜା କୀଚେକେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପାଇଁ ପୂଜକ ରଖିଥାଆନ୍ତି । ପୂଜକ ଅତି ନିଷ୍ଠାର ସହ ପୂଜା କରନ୍ତି । ସେ ବର୍ଷ ମେଳା ଖୁବ୍ ଜମିଥାଏ । କାଚ ଦୋକାନ ବହୁତ ଥାଏ । କିଏ କହୁଛି, "ମଉସା ମୋତେ ନାଲି ଚୁଡ଼ି ପିନ୍ଧାଇଦିଅ ତ କିଏ କହୁଛି, "ସେ କଳା ଜରିଲଗା ଚୁଡ଼ି ମୋତେ ଦିଅ ।" ଏଇ ଭିଡ଼ ମଧ୍ୟରେ ଗୋଟିଏ ସୁନ୍ଦରୀ ଝିଅ ଆସି କାଚରା ପାଖରେ ଠିଆହେଲା । କୋଡ଼ିଏ ବାଇଶି ବର୍ଷର ଝିଅଟିଏ । କଳା ରଙ୍ଗ କସା ଶାଢ଼ୀଟିଏ ପିନ୍ଧିଥାଏ । ମୁଣ୍ଡରେ ନାଲି ଟୋପାଟି ଜକଜକ କରୁଥାଏ ।

ଝିଅଟିର ଦେହରୁ ଏକପ୍ରକାର ତେଜ ବାହାରୁଥାଏ । ଝିଅଟିକୁ ଦେଖି ବୁଢ଼ା ମୁଗ୍ଧ ହୋଇ ଚାହିଁ ରହିଥାଏ । କିଛି ସମୟ ପରେ ବୁଢ଼ା ପଚାରିଲା, "ମାଆ, କେଉଁ ଚୁଡ଼ି ପିନ୍ଧିବୁ ?" ଝିଅଟି କହିଲା, "ମୋର କଳା ଚୁଡ଼ି ପସନ୍ଦ । ଭଲ କଳା ଚୁଡ଼ି ମୋତେ ପିନ୍ଧାଇଦିଅ ।

କାଚରାବୁଢ଼ାଟି ବାଛି ବାଛି କଳା ଚୁଡ଼ି ଝିଅଟିକୁ ପିନ୍ଧାଇଦେଲା । ଝିଅଟିର ଗୋରା ହାତରେ କଳା ଚୁଡ଼ି ଖୁବ୍ ସୁନ୍ଦର ମାନୁଥାଏ । ଝିଅଟି କାଚ ପିନ୍ଧି ସାରିଲା ପରେ ମଉସା ତାକୁ ପଇସା ମାଗିଲେ । ଝିଅଟି କହିଲା, "ମଉସା,

ମୋ ପାଖରେ ପଇସା ନାହିଁ । ମୋ ବାପା ପଇସା ଦେବେ । ଏଇ ମନ୍ଦିରର ପୂଜକ ମୋର ବାପା । ତାଙ୍କୁ ମାଗିଲେ ସେ ତମକୁ ମୋ ଚୁଡ଼ିର ପଇସା ଦେଇଦେବେ ।”

ମେଳା ସରିଲା । ପରେ କାଚରାବୁଢ଼ାଟି ମନ୍ଦିରର ପୂଜକଙ୍କ ପାଖକୁ ଯାଇ ଝିଅ ପିନ୍ଧିଥିବା ଚୁଡ଼ିର ପଇସା ମାଗିଲେ । ପୂଜକ କହିଲେ, “ମୋର ତ ଝିଅ ନାହିଁ । ତମେ କେଉଁ ଝିଅକୁ ଚୁଡ଼ି ପିନ୍ଧାଇ ମୋତେ ପଇସା ମାଗିବାକୁ ଆସିଛ ?” କାଚରା ବୁଢ଼ାଟି ଆଶ୍ଚର୍ଯ୍ୟ ହୋଇଗଲା । ତେବେ ସେ ଝିଅଟି କିଏ ଥିଲା ? ହଠାତ୍ ପୂଜକ କ’ଣ ଭାବି ମନ୍ଦିର ଭିତରକୁ ଯାଇ ମାଆଙ୍କୁ ଦେଖିଲେ ।

ମାଆଙ୍କ ହାତରେ ନୂଆ କଳା ଚୁଡ଼ି ଦେଖି ଖୁସିରେ ନାଚି ଉଠିଲେ ପୂଜକ । କାଚରା ବୁଢ଼ାକୁ କହିଲେ, “ତୋର ଭାଗ୍ୟ କେତେ ଭଲ ! ମାଆ ମେଳା ବୁଲିଯାଇ ତୋ ହାତରୁ ଚୁଡ଼ି ପିନ୍ଧି ଆସିଛନ୍ତି । ଦେଖିବୁ ଚାଲ୍, ମାଆଙ୍କ ହାତରେ ତୋ ଚୁଡ଼ି କିପରି ଶୋଭା ପାଉଛି !”

ପୂଜକ ସାଙ୍ଗରେ ଯାଇ ମାଆଙ୍କ ହାତରେ ଚୁଡ଼ି ଦେଖି ପଇସା ନେବ କ’ଣ, ତା’ର ସୌଭାଗ୍ୟ ବିଷୟ ଭାବି ସେଠାରେ ବସି ବସି ମାଆଙ୍କୁ ସ୍ମରଣ କଲା । ମାଆଙ୍କ ମନ୍ଦିରରେ ମେଳା ବସିଛି, ମାଆ କେମିତି ମେଳାର ଆନନ୍ଦ ଉପଭୋଗ କରିବେନି ? ଏଇ ଆମର ଦେବୀ ମାଆ । ଓଡ଼ିଶାର ରକ୍ଷାକର୍ତ୍ତ୍ରୀ ମାଆମାନେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ନାମ ନେଇ ଓଡ଼ିଶାର ଶୁଭ ମନାସୁଛନ୍ତି ।

୧ ଏନ୍, ୱାର୍ଡ- ୪୧, ଅରୁଣୋଦୟ ନଗର, କଟକ- ୧୨

ଗୋଟିଏ ଗାଈ ଜଙ୍ଗଲରେ ଦୌଡୁଥିଲା । ଏହା ଦେଖି ହାତୀଟି ଗାଈକୁ ବାଟରେ ଅଟକାଇଲା ଏବଂ ପଚାରିଲା ଯେ- ଏମିତି ଜଙ୍ଗଲଟାରେ ଦୌଡୁଛ କାହିଁକି ?

ଗାଈ- ସରକାର ଘୋଷଣା କରିଛନ୍ତି ଯେ ଜଙ୍ଗଲରେ ଯେତେ ମଇଁଷି ଅଛନ୍ତି, ସମସ୍ତଙ୍କୁ ଧରିବା ପାଇଁ ।

ହାତୀ- ହେଲେ ତୁମେ ତ ଗାଈ ! ଦୌଡୁଛ କାହିଁକି ?

ଗାଈ- ମୁଁ ଜାଣେ ମୁଁ ଗାଈ ବୋଲି; କିନ୍ତୁ ଯଦି ଧରାଳି ଆସି ମୋତେ ନେଇଗଲେ ଆଉ ମଇଁଷି ବୋଲି ଘୋଷଣା କରିଦେଲେ, ତାହାହେଲେ ମୋତେ ୨୦ବର୍ଷ ଜେଲ୍‌ରେ ରହିବାକୁ ପଡ଼ିବ ନିଜକୁ ଗାଈ ବୋଲି ପ୍ରମାଣ କରିବାକୁ ।

ଏହା ଶୁଣି ହାତୀ ମଧ୍ୟ ଗାଈର ପଛେ ପଛେ ଜଙ୍ଗଲରେ ଦୌଡ଼ିବାକୁ ଲାଗିଲା ।

କାନ୍ଧରେ ଲକ୍ଷ୍ମୀ, କଣ୍ଠରେ ସରସ୍ୱତୀ

ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ

ଅହମଦାବାଦରେ ମହାତ୍ମାଗାନ୍ଧି ବିଜ୍ଞାନ ପ୍ରତିଷ୍ଠାନ ଦେଶର ଏକ ନାମୀ ଗବେଷଣା କେନ୍ଦ୍ର । ସେଠାରେ ଗବେଷଣା କରିବା ପାଇଁ ଅନେକ ବିଜ୍ଞାନ ଛାତ୍ର ସ୍ୱପ୍ନ ଦେଖନ୍ତି । ଶହ ଶହ ଗବେଷକ ସେଠାରେ କାମ କରନ୍ତି । ପଦାର୍ଥ ବିଜ୍ଞାନରେ ଦୁଇଜଣ ଗବେଷକ କାନେ ଓ ଡାବେ ଗୋଟିଏ ନୂତନ ପ୍ରକଳ୍ପ ଉପରେ କାମ କରୁଥାଆନ୍ତି । ଅନ୍ୟ ଦିନଠାରୁ ସେଦିନ ସଅଳ ଆସି କାମରେ ଲାଗିଥାଆନ୍ତି । କାମ ସରିଲେ ସେହି ବିଭାଗର ମୁଖ୍ୟଙ୍କ ସହ ସନ୍ଧ୍ୟା ସମୟରେ ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରାଯାଇଥାଏ ।

ହଠାତ୍ ଏକ ଅଘଟଣ ଘଟିଗଲା । ପ୍ରଚଣ୍ଡ ଶବ୍ଦ କରି ଗୋଟିଏ ଯନ୍ତ୍ର ବିସ୍ଫୋରଣ କରି ଜଳିଗଲା ।



ବିଜ୍ଞାନାଗାରଟି କିଛି ସମୟ ପାଇଁ କୋଳାହଳମୟ ହୋଇଗଲା । ଡାବେ ଓ କାନେ ମୁଣ୍ଡରେ ହାତ ଦେଇ ବସିପଡ଼ିଲେ । ଯେଉଁ ଯନ୍ତ୍ରଟି ନଷ୍ଟ ହୋଇଗଲା, ତାହା ଥିଲା ଏକପ୍ରକାରର ଇଲେକ୍ଟ୍ରିକ୍ ମିଟର, ଯାହା ଉପରେ ତାଙ୍କର ପ୍ରକଳ୍ପ ଅନ୍ୟ ଯନ୍ତ୍ରପାତିର କାର୍ଯ୍ୟ ନିର୍ଭର କରୁଥିଲା । ସେହି ପ୍ରକାରର ମିଟର୍‌ଟି ଦେଶରେ ଉପଲବ୍ଧ ନ ଥିବାରୁ ବାହାରୁ ଅଣାଯାଇଥିଲା । ଅପରାଧବୋଧରେ ଦୁଇ-ଜଣଯାକ ମ୍ରିୟମାଣ ହୋଇଗଲେ । ସେହି ସ୍ୱତନ୍ତ୍ର ମିଟର୍ ପାଇଁ ତାଙ୍କର ପ୍ରକଳ୍ପ ବନ୍ଦ ହୋଇଯିବ, ଆର୍ଥିକ ଜୋରିମାନା ଓ ଗବେଷଣାଗାରରୁ ବିଦାୟ ନେବା ପରି ସମ୍ଭାବନା ମନରେ ଖେଳି ଚାଲିଲା । ଉଭୟ ଅନୁଭବ କରିପାରିଲେ ଯେ ଯେତିକି ମାତ୍ରାରେ ବିଦ୍ୟୁତ୍‌ସ୍ରୋତ ପ୍ରବାହିତ କରିବା କଥା, ତା'ଠାରୁ ଅଧିକ ବିଦ୍ୟୁତ୍‌ସ୍ରୋତ ପ୍ରୟୋଗ ଦ୍ୱାରା ଅଘଟଣଟି ଘଟିଲା । ଶେଷରେ ସ୍ଥିର ହେଲା, ନିଜର ଦୋଷ ସ୍ୱୀକାର କରି ସବୁ ଦୋଷ ବିଭାଗମୁଖ୍ୟଙ୍କୁ ଜଣାଇବେ । ଦୁଇଜଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ - କିଏ ଆଗେ କହିବ । କାନେ, ଡାବେଙ୍କୁ କହିବା ପାଇଁ କହିଲେ ଓ ଡାବେ କାନେଙ୍କୁ କହିବା ପାଇଁ କହିଲେ । ଏହିଭଳି ଆଲୋଚନା ଚାଲିଥିଲାବେଳେ ପ୍ରକଳ୍ପର ନିର୍ଦ୍ଦେଶକ ତଥା ବିଭାଗୀୟମୁଖ୍ୟ ଗବେଷଣାଗାରକୁ ପଶିଆସିଲେ । କାନେ ଓ ଡାବେଙ୍କ ମୁହଁରେ ଉଦାସର ଭାବ ଲକ୍ଷ୍ୟ କରି କ'ଣ ହୋଇଛି ବୋଲି ପଚାରିଲେ । ଅତ୍ୟଧିକ ବିଦ୍ୟୁତ୍ ସ୍ରୋତଦ୍ୱାରା କେମିତି ଯନ୍ତ୍ରଟି ନଷ୍ଟ ହୋଇଗଲା, ଡାବେ ଏକନିଃଶ୍ୱାସରେ କହିଗଲେ ।

ନିର୍ଦ୍ଦେଶକ ଦୁଇଜଣଙ୍କର କାନ୍ଧରେ ହାତ ରଖି ହସିବାରେ ଲାଗିଲେ । କହିଲେ, "ଗବେଷକମାନଙ୍କ ମନରେ ଉଦାସ ଭାବ ଶୋଭା ପାଏ ନାହିଁ । ଉଦାସ ଭାବ ରହିଲେ କାମ କରିବାର ସ୍ପୃହା କମିଯାଏ । ପିଲାମାନେ

ଭୁଲ୍ କରିବା ଏକ ସ୍ୱାଭାବିକ କଥା । ଏହାଦ୍ୱାରା ଅନେକ ଶିକ୍ଷା ମିଳିଥାଏ ।

ସେ ହସି ହସି ଅନେକ ସତର୍କତାର ସହ କାମ କରିବାକୁ ପରାମର୍ଶ ଦେଲେ । ଛାତ୍ର ଦୁଇଜଣଙ୍କୁ ସାହାଯ୍ୟ କରିବାକୁ ଯାଇ କହିଲେ, "ଏବେ ଆମର ସ୍ୱଦେଶୀ ଜ୍ଞାନକୌଶଳ ପ୍ରୟୋଗ କରି ଏପରି ଏକ ଇଲେକ୍ଟ୍ରିକ୍ ମିଟରଟିଏ ଆଗଠାରୁ ଉନ୍ନତମାନର ତିଆରି କରିବା । ଅଳ୍ପ କେତେ ଦିନର ପରିଶ୍ରମରେ ନିର୍ଦ୍ଦେଶକଙ୍କ ସହ ମିଶି ଡାବେ ଓ କାନେ ଏକ ଉନ୍ନତମାନର ନୂତନ ଯନ୍ତ୍ରଟିଏ ପ୍ରସ୍ତୁତ କଲେ । ନିର୍ଦ୍ଦେଶକ କହିଲେ, ''ତୁମର ଭୁଲ୍ ପାଇଁ ଏକ ନୂତନ ଧରଣର ଯନ୍ତ୍ରଟିଏ ତିଆରି ହୋଇପାରିଲା ।" ଡାବେ ଓ କାନେଙ୍କର ଆଖି ଛଳଛଳ ହୋଇଗଲା । ଏପରି ଏକ ଛାତ୍ରବତ୍ସଳ ଓ ହୃଦୟକୁ ଚିହ୍ନିପାରୁଥିବା ନିର୍ଦ୍ଦେଶକଙ୍କ ଅଧୀନରେ କାମ କରିବା ପାଇଁ ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ-କରୁଥିଲେ ।

ଏହି ମହାନ୍ ସରଳ ତଥା ଉଦାର ହୃଦୟର ଛାତ୍ରବତ୍ସଳ ନିର୍ଦ୍ଦେଶକ ଥିଲେ ବିଶିଷ୍ଟ ବୈଜ୍ଞାନିକ ଡ. ବିକ୍ରମ ଅମ୍ବାଲାଲ୍ ସାରାଭାଇ । ଭାରତର ମହାକାଶ ବିଜ୍ଞାନ ପ୍ରତିଷ୍ଠାନର ସେ ଥିଲେ ମୁଖ୍ୟ । ଏତେ ବଡ଼ ବୈଜ୍ଞାନିକ; ଅଥଚ ତାଙ୍କ ହୃଦୟ ଦୟା ଓ କରୁଣାରେ ଭରିରହିଥିଲା । ଏହାର ଏକ ଦୃଷ୍ଟାନ୍ତ ଦେଖିଲେ ତାଙ୍କର ମହାନୁଭବତାକୁ ଜାଣିହୁଏ ।

ଥରେ ମହାକାଶ ପ୍ରତିଷ୍ଠାନ ଯିବା ପାଇଁ ଘରୁ ବାହାରି ଯାଇଥାଆନ୍ତି । ଆଗରେ ଓ ପଛରେ ନିରାପତ୍ତା ରକ୍ଷୀମାନେ ଅନ୍ୟ ଗାଡ଼ିରେ ଥାଆନ୍ତି । ମୁଖ୍ୟ ରାସ୍ତାରୁ ପ୍ରତିଷ୍ଠାନକୁ ଯିବା ସ୍ଥାନଟି କିଛି ଉଚ୍ଚତାରେ ଥାଏ । ଗୋଟିଏ ରିକ୍ସାରେ ଜିନିଷ ବୋଝେଇ କରି ରିକ୍ସାବାଲାଟି

ଉଠାଣିକୁ ରିକ୍ସା ନେଉଥାଏ । ପ୍ରତିକୂଳ ରାସ୍ତା ଓ ଓଜନିଆ ବୋଝକୁ ଟାଣିବାରେ ରିକ୍ସାଚାଳକଟି ନୟାନ୍ତ ହୋଇଯାଉଥାଏ । ସାରାଭାଇଙ୍କ ଆଖିରେ ରିକ୍ସାଚାଳକର ଏପରି ଅବସ୍ଥା ନଜରରେ ପଡ଼ିଗଲା । ସଙ୍ଗେ ସଙ୍ଗେ ଗାଡ଼ି ଅଟକାଇବାକୁ ଡ୍ରାଇଭରକୁ ସେ ନିର୍ଦ୍ଦେଶ ଦେଲେ । ଗାଡ଼ିରୁ ଓହ୍ଲାଇପଡ଼ି ରିକ୍ସାଟିକୁ ପଛରୁ ଠେଲିବାକୁ ଲାଗିଲେ । ରିକ୍ସାଟି ପଛରୁ ଠେଲି ଠେଲି ପ୍ରତିଷ୍ଠାନ ପାଖରେ ପହଞ୍ଚାଇଦେଲେ । ନିରାପତ୍ତାରକ୍ଷୀ ଓ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ବାକ୍‌ରୁଦ୍ଧ ହୋଇ ଏହି ଦୃଶ୍ୟଟିକୁ ଦେଖୁଥାଆନ୍ତି ।

ସାରାଭାଇ ରିକ୍ସାଚାଳକଟିକୁ ପାଖରେ ପଡ଼ିଥିବା ଏକ ଚେୟାରଟିଏ ଦେଇ ବସିବାକୁ କହିଲେ ଓ ନିଜ ଗାଡ଼ି ଭିତରେ ଥିବା ଏକ ପାଣି ବୋତଲଟିଏ ବାହାର କରି ତାକୁ ପିଇବାକୁ ଦେଲେ । ଘଟଣାଟି ଏହିଠାରେ ଶେଷ ହୋଇ ନଥିଲା । ରିକ୍ସାରେ ବୋଝେଇ ହୋଇଥିବା ପ୍ରତିଷ୍ଠାନର ସରଞ୍ଜାମ ନିଜେ ବୋହିବାରେ ଲାଗିଲେ । ପ୍ରତିଷ୍ଠାନର କର୍ମଚାରୀମାନେ ଏହି କାମଟି କରିଦେବେ ବୋଲି କହିବାରୁ ସେ ହସି ହସି କହିଲେ, "ସମସ୍ତେ

ଆତ୍ମନିର୍ଭରଶୀଳ ହେବା ଉଚିତ । ଅନ୍ୟ ଉପରେ ବିଶେଷ ଭାବରେ ନିର୍ଭର କରିବା ସବୁବେଳେ ଠିକ୍ ନୁହେଁ ।"

ଶକ୍ତିଶାଳୀ ଚୁମ୍ବକ ନିକଟସ୍ଥ ଲୌହ ବସ୍ତୁଗୁଡ଼ିକୁ ନିଜର ଚୁମ୍ବକୀୟ ଶକ୍ତି ବଳରେ ଯେପରି ପ୍ରଭାବିତ କରେ, ସେହିପରି ସାରାଭାଇଙ୍କ ବିରାଟ ବ୍ୟକ୍ତିତ୍ୱ ତାଙ୍କର ଛାତ୍ର ତଥା ସହକର୍ମୀମାନଙ୍କୁ ଆକୃଷ୍ଟ କରି ରଖିଥିଲା । ତାଙ୍କ ପାଖରେ କାମ କରିବାକୁ ସମସ୍ତେ ଆନନ୍ଦ ପ୍ରକାଶ କରୁଥିଲେ । ସେହି ଅନୁଷ୍ଠାର କୌଣସି କର୍ମଚାରୀ କେବେ ବି ଛୁଟି ନେଉ ନ ଥିଲେ । ପ୍ରତିଷ୍ଠାନର ଜଣେ କର୍ମଚାରୀଙ୍କର ଡାଏରୀରେ ଲେଖାହୋଇଥିଲା ଯେ, "ମୋ ଭଳି ଅନେକ କର୍ମଚାରୀ ପ୍ରତିଷ୍ଠାନରେ ଚଳନ୍ତି-ଠାକୁର ସାରାଭାଇଙ୍କୁ ଦର୍ଶନ କରିବାକୁ ଯାଉଥିଲେ ।"

ସାରାଭାଇଙ୍କର ମହାନୁଭବତାକୁ ଦେଖି ଅନେକ ବୁଦ୍ଧିଜୀବୀ କହନ୍ତି, "ଏହା ତାଙ୍କର ସଂସ୍କାର ଓ ବାଲ୍ୟଶିକ୍ଷାର ପ୍ରଭାବ । *(ବାକି ଆରଥରକୁ)*

ମିର୍ଜା ପୋଖରୀ, ବାଲେଶ୍ୱର

ଆଜିଠୁ କରିବା ପଣ

ଶ୍ରୀ ପୀତାମ୍ବର ମିଶ୍ର

ଆମରି ମନରେ ଅହଂକାର ଯେବେ
ଆମ ଅଜଣାରେ ଆସେ,
ବିରାଡ଼ି ପରିକା ଆମରି କୋଳରେ
ଆପେ ଆପେ ଆସି ବସେ ।

ପୋଷା ପୁଷି ଭାବି ଆମକୁ ତା ସାଥେ
ଖେଳିବାକୁ ଭଲଲାଗେ,
ତାର ଖୁସି ପାଇଁ ଆମରି ଅନ୍ତରେ
ମନ୍ଦଗୁଣ ସବୁ ଜାଗେ ।

ପୋଷା ବିରାଡ଼ିର ରୂପ ବଦଳାଇ
ଅହଂକାର ସାଜେ ବାଘ,
ଆଖି ପିଛୁଳାକେ ଛଡ଼ାଇନିଏ ସେ
ଆମଠାରୁ ଅନୁରାଗ ।

ଲୋଭ, ମୋହ, ଦମ୍ଭ, ରାଗ, ରୋଷ, ଈର୍ଷା
କବଳେ ଶିକାର ହୋଇ,
ଅନ୍ୟାୟ ଅନୀତି କରିବାକୁ ବ୍ୟକ୍ତି
ପଛଘୁଞ୍ଚା ଦିଏ ନାହିଁ ।

ନେଡ଼ିଗୁଡ଼ ଯେବେ କହୁଣିକୁ ବହେ
ପାରେନାହିଁ ଜିଭ ଚାଟି,
ବେଳ ଥାଉଁ ଥାଉଁ ସାବଧାନ ହେଲେ
ବିପଦ ଯିବରେ ହଟି ।

ନିଜ ଭୁଲ୍ ନିଜେ ସୁଧାରିବା ପାଇଁ
ଆଜିଠୁ କରିବା ପଣ,
ଉତ୍ତମ ଗୁଣରେ ଗୁଣିକ ହୋଇରେ
ରଖିବା ଦେଶର ଟାଣ ।

ବାଗଦାବିନାୟକପୁର, କିଆପଡ଼ା, ବ୍ରାହ୍ମଣୀ ଗାଁ, ଭଦ୍ରକ-୭୫୬୧୬୫

କିଏ ପାରିବ କହି ?

ଶ୍ରୀ ମାଧବାନନ୍ଦ ପଣ୍ଡା

ଆମ ଧନ୍ଦାଟିରେ ପାଞ୍ଚ ଅକ୍ଷର
ନିମ୍ନ ସୂଚନାରୁ ବାହାର କର ।
ପ୍ରଥମ ଦ୍ୱିତୀୟ ତୃତୀୟ ନେବ
'ସୁବର୍ଣ୍ଣ'ର ଅନ୍ୟନାମ ହୋଇବ ।
ଚତୁର୍ଥ ପଞ୍ଚମ ଦେବ ମିଶାଇ
ମଣ୍ଡା କାକରାରେ ପାଇବ ଭାଇ ।
ଦ୍ୱିତୀୟ ପଞ୍ଚମ ମିଶାଇଦେବ
ମନୁଷ୍ୟର ଅନ୍ୟନାମ ହୋଇବ ।
ପ୍ରଥମ ପଞ୍ଚମ ମିଶିଲେ ଯାହା
ତୃତୀୟ ପଞ୍ଚମ ମିଶିଲେ ତାହା ।
ହାତ ବା ଖଜଣା ହୋଇବ ଅର୍ଥ
ସ୍ଥାନଟି ଅଟଇ ଅତି ପବିତ୍ର ।

କେଉଁ ଦେବୀଙ୍କର ଆସ୍ଥାନ ତହିଁ
କେଉଁ ଜିଲ୍ଲାରେ ସେ ଅଛଇ ରହି ।
ସେହି ଦେବୀଙ୍କର ଆଶିଷ ଲଭି
କିଏ ସେ ହୋଇଲେ ମହାନ କବି ।
କେଉଁ ଲେଖା ପାଇଁ ପ୍ରସିଦ୍ଧ ସିଏ
ଭଲପିଲା ହେବ କହିବ ଯିଏ ।
ସଂସ୍କୃତରେ ସେହି ଲେଖାର କବି
ନାମ ତାଙ୍କ କିସ କହିବ ଭାବି ।
ଆଉ ଏକ ନାମ ସେ କବିଙ୍କର
'କୃ' ହୋଇଥିବ ଆଦ୍ୟ ଅକ୍ଷର ।
ତାଙ୍କ ପିତାଙ୍କର କହିବ ନାମ
ଓଡ଼ିଶାରେ କେଉଁଠି ତାଙ୍କ ଆଶ୍ରମ ।

ସେ ସ୍ଥାନରେ ମିଶି ନଦୀ ଦୁଇଟି
ଗୋଟିଏ ନଦୀର ହୋଇଛି ସୃଷ୍ଟି ।
ସବୁ ନଦୀଙ୍କର ନାମ କହିବ
ସେ ସ୍ଥାନକୁ ଯାଇ ବୁଲିଆସିବ ।

ନୟନ ବିହାର-୩୩, କସୋଟୀ, ପାଣ୍ଡିରୀ, କେନ୍ଦ୍ରାପଡ଼ା-୫୦

(ଉତ୍ତର ୪୦ ପୃଷ୍ଠାରେ)

ମନୁଷ୍ୟ ଶରୀରର କୌତୂହଳୀ ବିଷୟ

ଡା. ଅଜିତାନନ୍ଦ ଗୋସ୍ୱାମୀ



ଲିଭର୍ ବା ଯକୃତ— ଏହା ତଳି ପେଟର ଦକ୍ଷିଣ ପାର୍ଶ୍ୱରେ ଥାଏ । ଏହାର ଓଜନ ୧.୫ କିଲୋଗ୍ରାମ୍ । ଏହା ଏକ ରୋଷେଇଘର ସଦୃଶ । ଯାହା ଖାଇଲେ ଅନ୍ତଃନଳୀରେ ତାହାର ସାରାଂଶ ଶୋଷି ହୋଇ ଲିଭରକୁ ଯାଏ ଓ ଏହାର କ୍ରମୋନ୍ନତି ହୋଇଥାଏ । ଏହାର ଗୋଟିଏ ଭାଗରେ ଭିଟାମିନ୍-୧, ଭିଟାମିନ୍-୧୨ ଓ ଗ୍ଲୁକୋଜ୍‌ଗୁଡ଼ିକ ଗ୍ଲାଇକୋଓଜନ୍ ଆକାରରେ ଭବିଷ୍ୟତର ଆବଶ୍ୟକ ପାଇଁ ସଂଗୃହୀତ ହୋଇ ରହେ । ଅନ୍ୟ ଦୁଇଭାଗ ବିଷାକ୍ତ ପଦାର୍ଥ ନଷ୍ଟ କରିଥାଏ ଓ ଶରୀରକୁ ଶକ୍ତି ଯୋଗାଏ । ହରମୋନ କ୍ଷରଣକୁ ନିୟନ୍ତ୍ରଣ କରେ ।

ପରିବର୍ତ୍ତନ

ଶ୍ରୀ ରମେଶ ଚନ୍ଦ୍ର ଦାଶ

ବୁଢ଼ାଭାଲୁ ସଦାବେଳେ କାମରେ ବ୍ୟସ୍ତ ଥାଏ; କିନ୍ତୁ ତାର ପିଲାମାନେ ମଉଜ ମଜ୍‌ଲିସ୍‌ରେ ବ୍ୟସ୍ତ ଥାଆନ୍ତି । ଏକଥା ଦେଖି ଦିନେ ବୁଢ଼ାଭାଲୁ ମନେ ମନେ ଭାବିଲା, ପିଲାମାନେ କିଛି କାମ ନ କଲେ ସେମାନେ ଅଳସୁଆ ହୋଇଯିବେ । ଅଳସୁଆ ହେଲେ ବିଭିନ୍ନ ରୋଗ ହେବ । ସେମାନେ ଖାଇବାକୁ ପାଇବେ ନାହିଁ । ଯେମିତି ହେଲେ ସେମାନଙ୍କୁ କିଛି କାମ କରାଇବାକୁ ହେବ । ତେଣୁ ବୁଢ଼ା ଭାଲୁଟି ଗୋଟିଏ କିଛି ମୂଲ୍ୟବାନ ଜିନିଷ ହଜିଯାଇଛି ବୋଲି ଘୋଷଣାକଲା । ଏଥିସହିତ ସେ ଘୋଷଣା କଲା ଯେ ଜିନିଷଗୁଡ଼ିକର ମୂଲ୍ୟ ଏତେ ଅଧିକ ଯେ ତାକୁ ପାଇଗଲେ କାହାକୁ କିଛି କାମ କରିବାକୁ ପଡ଼ିବ ନାହିଁ । ତାହାରି ମୂଲ୍ୟରେ ସବୁ ଜିନିଷ କିଣିହେବ ।

ବୁଢ଼ାଠାରୁ ଏକଥା ଶୁଣି ପିଲାମାନେ କହିଲେ– ବାପା ମିଛ କହୁଛନ୍ତି । ସେମାନେ ମୁହଁ ଆଡ଼େଇ ଚାଲିଗଲେ । ବର୍ତ୍ତମାନ ବୁଢ଼ାଭାଲୁଟି ଆଉ ଗୋଟିଏ ଅସୁବିଧାରେ ପଡ଼ିଗଲା । ସେ ଏବେ ତାର କଥାକୁ ପ୍ରମାଣିତ କରି ନ ପାରିଲେ 'ମିଛୁଆ'ଭାବରେ ଗଣାହେବ । ତାକୁ ଆଉ କେହି ଖାତିରି କରିବେ ନାହିଁ । ସେ ବହୁତ ଭାବିଲା, ଏ ବିପଦ ସମୟରେ କାହାଠାରୁ ପରାମର୍ଶ ନେବ ।

ସେତିକିବେଳେ ତା' ପାଖ ଦେଇ ବିଲୁଆ ଡେଇଁ ଡେଇଁ ଖୁବ୍ ଖୁସିରେ ଯାଉଥିଲା । ସେ ଭାଲୁର ଚିନ୍ତା ଦେଖି ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଲା । ବିପଦ ବେଳ ତ ! ଭାଲୁ ବିଲୁଆ ଆଗରେ ସବୁ ସତ କଥା କହିଗଲା ।

ବୁଢ଼ାଭାଲୁଠାରୁ କଥା ଶୁଣି ବିଲୁଆ କହିଲା, "ବ୍ୟସ୍ତ ହୁଅନି । ଏ ସମସ୍ୟା ପାଇଁ ମୋ ପାଖରେ ଉପାୟ ଅଛି । ତୁମ ପିଲାମାନଙ୍କୁ କହିଦିଅ– ଉକ୍ତ ସମ୍ପତ୍ତି ପାଇବାକୁ ହେଲେ ଜଣେ ସାଧୁଙ୍କର ପରାମର୍ଶ ନେବାକୁ ହେବ । ମୁଁ କାଲି ଗୋଟିଏ ସାଧୁ ବେଶରେ ଜଙ୍ଗଲର ଅନତିଦୂରରେ ଥିବା ବଡ଼ ଶାଳ ଗଛ ମୂଳରେ ବସି ରହିବି । ତା'ପରେ କ'ଣ ହେବ ଦେଖିବା ।"

ବୁଢ଼ାଭାଲୁ ବିଲୁଆର କଥା ଅନୁଯାୟୀ ପିଲାମାନଙ୍କୁ କହିଲା । ପିଲାମାନେ ଖୁବ୍ ଉତ୍ସାହର ସହ ସେଠାକୁ ବାହାରିଲେ । ଜଣେ ସାଧୁଙ୍କ ପାଖକୁ ଯାଉଛନ୍ତି ଯେତେବେଳେ, କିଛି ଉପହାର ମଧ୍ୟ ନେବାକୁ ଚିନ୍ତା କଲେ । ସେମାନଙ୍କର ଧନ ପ୍ରତି ବିଶେଷ ଲୋଭ ଅଛି । ତେଣୁ ଭଲ ଜିନିଷ ଉପହାର ଯୋଗାଡ଼ କରିବାକୁ ଲାଗି ପଡ଼ିଲେ ।

ସେଥିପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଲା । ସେମାନେ ଯାହା ଉପହାର ରୂପେ ନେଲେ, ବିଲୁଆ ବୁଢ଼ା ଭାଲୁଠାରୁ ଖବର ପାଇ ସେଭଳି ଜିନିଷ ବହୁତ ରଖିଥିଲା ।

ଭାଲୁର ପିଲାମାନଙ୍କର ମନରେ ବହୁତ ଗର୍ବ ଥିଲା ଯେ ସେମାନେ ଯାହା ନେଉଛନ୍ତି, ତାହା ଅତି ବିରଳ । ସେମାନେ ନେଉଥିବା ଜିନିଷ ବିଲୁଆ ପାଖରେ ଦେଖି ସେମାନଙ୍କ ଉପହାର ଫେରାଇଆଣିଲେ । ସେମାନଙ୍କ ମନକୁ ପାଇଲା ନାହିଁ । ପୁଣି ସେମାନେ ନୂଆ ଜିନିଷ ଖୋଜିବାରେ ଲାଗିଲେ । ତାହା ବି ସେହିପରି ହେଲା ।

ଏପରି ବାରମ୍ବାର ଫେରିବା ପରେ ସେମାନଙ୍କ ମନରେ ସ୍ୱତଃ ଭକ୍ତିଭାବ ଆସିଲା । ସେମାନେ ବିଲୁଆର ପାଦତଳେ ପଡ଼ି ସେମାନେ ଚାହିଁଥିବା ଧନ ସମ୍ପର୍କରେ କହିଲେ । ବିଲୁଆ ତ ଏଇ ମଉକାକୁ ଚାହିଁଥିଲା । ସେ କହିଲା, "ମୋତେ ଉପହାର ଦେଇ ଧନ ଲାଳସା ପୂରଣ କରିବା ପାଇଁ ଯେତେ ପରିଶ୍ରମ କଲଣି, ସେତିକି ପରିଶ୍ରମ କଲେ ତୁମର ବହୁତ ଲାଭ ହେବ ।

ବର୍ତ୍ତମାନ ଧର୍ମ ନାମରେ ନିଜ ପାଖରେ ଥିବା ସମ୍ପତ୍ତିକୁ ଅନ୍ୟକୁ ଦେଇ ହଇରାଣ ହେବା ଗୋଟିଏ ସାଧାରଣ କାମ ହୋଇଗଲାଣି । ଯେଉଁ ଧନ ତୁମ ପାଖରେ ଅଛି, ତାକୁ ସୁରକ୍ଷା କରିବା ସହିତ ପରିଶ୍ରମ କରି ଧନ ଉପାର୍ଜନ କରିବା ଉଚିତ । ଆମର ମନୋବୃତ୍ତି ରୂପକ ଧନର ମୂଲ୍ୟ ଆମେ କଳନା କରିପାରିବା ନାହିଁ । ଏଥିରେ ପରିବର୍ତ୍ତନ ଘଟିଲେ ବହୁତ ରୋଜଗାର ହେବ । ଏ ଧାରଣାରେ ପରିବର୍ତ୍ତନ ନ ଘଟିଲେ ପାଖରେ ଯେତେ ଧନ ଥିଲେ ବି ତାହା ଖୁବ୍ କମ୍ ସମୟରେ ଶେଷ ହୋଇଯିବ ।"

ସେମାନେ ଖୁସିହୋଇ ବୁଢ଼ାବାପାଙ୍କୁ ପ୍ରଣାମ କଲେ । ସେଦିନ ପର୍ଯ୍ୟନ୍ତ କରିଥିବା ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରି କାମରେ ମନଦେଲେ । ବୁଢ଼ାଭାଲୁ ବିଲୁଆକୁ ଭେଟି ତାର ଉପସ୍ଥିତ ବୁଦ୍ଧି ପାଇଁ ଧନ୍ୟବାଦ ଜଣାଇଲେ ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ- ୨, ପୁରୀ ।



ଇଂଲଣ୍ଡର ରିଭରହଲ ଫୁଟ୍ ବ୍ରିଜ୍ (River Hull Foot Bridge)– ଏହାର ନିର୍ମାଣ କୌଶଳ ଏଭଳି ଯେ ପଥଚାରୀ ଯାତ୍ରା କରୁଥିବା ସମୟରେ ମଧ୍ୟ ଘୂରିଥାଏ । ଏହି ପୋଲ ଜଳଯାନ ଯିବା ପାଇଁ ଖୋଲିବାକୁ ଓ ବନ୍ଦ ହେବାକୁ ମାତ୍ର ୨ ମିନିଟ୍ ସମୟ ନିଏ । ଏଥିସହିତ ପଥଯାତ୍ରୀମାନଙ୍କୁ ସହରର ଏକ ମନୋମୁଗ୍ଧକର ଦୃଶ୍ୟ ଉପଭୋଗ କରିବାକୁ ସୁଯୋଗ ଦିଏ । ରାତ୍ରିରେ ଘୂରିଲାବେଳେ ଏଥିରେ ସଂଯୋଗ ହୋଇଥିବା ବିଦ୍ୟୁତ ଆଲୋକସଜ୍ଜା ଖୁବ୍ ସୁନ୍ଦର ଦେଖାଯାଏ ।

ଅଛି ନାହିଁର ଉତ୍ତର– ୧) ଭୂଲତା ନାହିଁ, ୨) କାର୍‌ର ଡାହାଣ ପଟ ଲାଇଟ୍ ଅଲଗା, ୩) କାର୍‌ର ନମ୍ବର ପ୍ଲେଟ୍ ଲେଖା ନାହିଁ, ୪) କାର୍ ଆଗରେ ଗୋଟେ ଇଣ୍ଡିକେଟର୍ ଲାଇଟ୍ ନାହିଁ, ୫) କାର୍‌ର ବାମପଟ ଚକା ପାଖରେ ଗୋଡ଼ି ନାହିଁ ।

ଆମ ଭଗଭମାଳି

ଶ୍ରୀ ଅନ୍ତର୍ଯ୍ୟାମୀ ଲେଙ୍କା

କାହା କପାଳରେ ଖିରି ଖିରିସା
କାହା କପାଳରେ ଲଡୁ
କାହା କପାଳରେ ଖାରିଆ ଖଡ଼ା
ଚୋବାଇ ଚୋବାଇ ମରୁ ।

ଏହା କପାଳିଆ ଓ ହୀନ-କପାଳିଆଙ୍କ ଉଦ୍ଦେଶ୍ୟରେ କୁହାଯାଇଛି । ଏହି କଥାଟି ମଧ୍ୟ ବାସ୍ତବ ପକ୍ଷରେ ସତ୍ୟ । କେଉଁଠି ବଳକା ଖାଦ୍ୟ ନାଳରେ ଫୋପଡ଼ା ହେଉଛି, ଅନ୍ୟ କେଉଁଠି ଉପାସରେ ଲୋକ ଛଟପଟ ହେଉଛି । ବିଚିତ୍ର ଏପରି ଘଟଣା । ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ମନ ଗୋଳମାଳ ହୋଇଯାଉଛି ଏବଂ ଶେଷକୁ କଥାଟା ଯାଇ ପହଂଚିଯାଉଛି ଭଗବାନଙ୍କ ପାଖରେ ।

ଭଗବାନ ଏପରି କାହିଁକି କରୁଛନ୍ତି ବୋଲି ତାଙ୍କ ବିରୋଧରେ ସ୍ୱର ଉଠାଉଛୁ, ଅଭିଯୋଗ କରୁଛୁ । ବାସ୍ତବ ଘଟଣା ବା ଏହାର କାରଣ ବିଷୟରେ ଭାବୁନାହୁଁ । ତେବେ ଏ ଗୋଳମାଳିଆ କଥା ଆଡ଼କୁ ଯାଇ ପାଠକମାନଙ୍କୁ ବିରକ୍ତ କରିବା ଆମର ଉଦ୍ଦେଶ୍ୟ ନୁହେଁ । ଭୋଜନ ପୁଣି ଦିବ୍ୟ ଭୋଜନ । କିପରି ବଳେବଳେ ଆସି ପହଂଚି ଯାଏ ପ୍ରଭୁଙ୍କ ଆଦେଶରେ ତାଙ୍କର ଭୋକିଲା ଭକ୍ତଙ୍କ ନିକଟରେ, ସେହି କାହାଣୀଟି ଦେଉଛୁ ପାଠକମାନଙ୍କ ଖୁସି ମନାଇବା ପାଇଁ ।

୧୮୯୦ ମସିହାରେ ସ୍ୱାମୀ ବିବେକାନନ୍ଦ ସମଗ୍ର ଉତ୍ତର ଭାରତରେ ତୀର୍ଥାଟନ କରୁଥିଲେ । ଅଲଓ୍ୱାର ମହାରାଜାଙ୍କ ଘରେ କିଛି ଦିନ କଟାଇବା ପରେ ସେ କଲିକତା ଫେରିଯିବା ପାଇଁ ଚାହିଁଥିଲେ । ମହାରାଜା ତାଙ୍କୁ ଅନେକ ଧନରତ୍ନ, ବସନଭୂଷଣ ଦେଇ ସମ୍ମାନିତ କରିବାକୁ ଚାହିଁଲେ । କିନ୍ତୁ ସେ ମହାରାଜାଙ୍କୁ ବୁଝାଇ କହିଥିଲେ ଯେ ସେ ଜଣେ ସଂସାରତ୍ୟାଗୀ ସନ୍ନ୍ୟାସୀ । ତାଙ୍କର ଧନରତ୍ନ କ'ଣ ହେବ ? ତାଙ୍କର ଜୀବନ ପରିଚାଳନାର ଦାୟିତ୍ୱ ସେ ଭଗବାନଙ୍କ ହାତରେ ଛାଡ଼ି ଦେଇଛନ୍ତି ।

ତାଙ୍କର ଯାତ୍ରା ପାଇଁ ଅନ୍ତତଃ ବ୍ୟବସ୍ଥା କରିବା ପାଇଁ ମହାରାଜା ଅନୁରୋଧ ଜଣାଇବାରୁ ସେ କହିଥିଲେ କେବଳ ତାଙ୍କ ପାଇଁ ହାଓ୍ୱଡ଼ା ଷ୍ଟେସନ୍‌କୁ ଏକ ତୃତୀୟ ଶ୍ରେଣୀ ଟିକେଟ୍ ଖରିଦ୍ କରି ଆଣିବାକୁ । ମହାରାଜାଙ୍କଠାରୁ ସେ ଗୋଟିଏ ପଇସା ବି ଗ୍ରହଣ କଲେ ନାହିଁ । ତା' ପରଦିନ ହାଓ୍ୱଡ଼ା ଦିଗରେ ଯାତ୍ରା କରୁଥିବା ଏକ ରେଳଗାଡ଼ିରେ ସ୍ୱାମୀଜୀଙ୍କୁ ଦେଓ୍ୱାନ୍ ରାମଚନ୍ଦ୍ର ଦେବ ନିଜେ ଯାଇ ବସାଇଦେଇଥିଲେ ।

ପରବର୍ତ୍ତୀ ଷ୍ଟେସନ୍‌ରେ ଜଣେ ଖୁଚୁରା ଦୋକାନୀ ସେହି ଡବାରେ ଉଠିଥିଲା । ସେ କିଛି ସମୟ ବସିଲା ପରେ ସେହି ତରୁଣ ସନ୍ନ୍ୟାସୀଙ୍କର ଅପରିବର୍ତ୍ତନୀୟ ପ୍ରସନ୍ନତା ଦେଖି ମନେ ମନେ ଈର୍ଷା କରୁଥିଲା । ସେ ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି । ତାହାର ଏକ ଧାରଣା ରହିଆସିଥିଲା ଯେ ସବଳ ଓ କ୍ଷମ ବ୍ୟକ୍ତି ଯୁବକ ବୟସରୁ ସନ୍ନ୍ୟାସୀ ହୁଅନ୍ତି କେବଳ ସମାଜକୁ ଠକିବା ପାଇଁ । ସୁସ୍ଥ,

ସବଳ ଯୁବକମାନେ କୌଣସି ଧନ୍ଦାମୂଳକ କାର୍ଯ୍ୟରେ ହିଁ ନିଜକୁ ନିଯୁକ୍ତ କରି ଉପାର୍ଜନକ୍ଷମ ହେବା ଉଚିତ । ଯୁବକ ବୟସରେ ଗେରୁଆ ବସନ ପିନ୍ଧି ବେକାର ହୋଇ ବୁଲିବା ହେଲା ଏକ ସାମାଜିକ ଅପରାଧ । ସେମାନେ ସମାଜର ଗଳଗ୍ରହ ସଦୃଶ ।

ସେତେବେଳ ରାଜସ୍ଥାନରେ ଗ୍ରୀଷ୍ମଋତୁରେ ଜଳର ଘୋର ଅଭାବ ରହିଥିଲା । ଷ୍ଟେସନ୍‌ମାନଙ୍କରେ ପିଇବା ପାଣି ଗ୍ଲାସ୍‌କୁ ଏକ ପଇସାରେ ବିକ୍ରୟ ହେଉଥିଲା । ସ୍ୱାମୀ ବିବେକାନନ୍ଦଙ୍କ ପାଖରେ ପଇସାଟିଏ ନ ଥିବାରୁ ସେ ପିଇବା ପାଇଁ ପାଣି ବି ପାଇ ନ ଥିଲେ ।

ଏହା ନଜର କରି ସେହି ଦୋକାନୀ ତାଙ୍କୁ ପଚାରିଥିଲା ଯେ ଏହା କିପରି କଥା ତାଙ୍କ ପାଖରେ ପିଇବା ପାଣି ଖରିଦ୍ କରିବା ପାଇଁ ପଇସାଟିଏ ବି ନାହିଁ ? ବିବେକାନନ୍ଦ ସାମାନ୍ୟ ହସି ଉତ୍ତରଦେଇଥିଲେ ଯେ ତାଙ୍କ ମନିପର୍ସଟି ଭଗବାନଙ୍କ ହାତରେ । ଯେତେବେଳ ଯାହା ଦରକାର, ସେତେବେଳେ ସେ ତାହା ଦିଅନ୍ତି । ସେ ଜଣେ ସନ୍ନ୍ୟାସୀ, ତେଣୁ ଅର୍ଥ କିମ୍ବା ଆବଶ୍ୟକ ବସ୍ତୁର ବୋଝ ନିଜ ମୁଣ୍ଡରେ ରଖନ୍ତି ନାହିଁ ।

ସ୍ୱାମୀ ବିବେକାନନ୍ଦଙ୍କର ସେହି କଥାଟିକୁ ଗଣ୍ଠି କରି ଧରି ସେହି ଦୋକାନୀ ତାଙ୍କୁ ଚିଡ଼ାଇବା ପାଇଁ ବରାବର ଚେଷ୍ଟା କରୁଥିଲା । ଝୁଡ଼ିରେ ଜଳଖିଆ ଓ ଫଳ, ସୁରେଇରେ ଥଣ୍ଡା ପାଣି ନିଜ ବ୍ୟବହାର ପାଇଁ ସେ ରଖିଥିଲା, କିନ୍ତୁ ସେ ସୌଜନ୍ୟତା ରକ୍ଷା କରି ତାଙ୍କୁ ଟିକେ ବି ଯାଚି ନ ଥିଲା । ସେ ନିଜେ ଝୁଡ଼ିରୁ ଫଳ ବାହାର କରି ଖାଇଲାବେଳେ, କିମ୍ବା ସୁରେଇରୁ ପାଣି ପିଇଲାବେଳେ ଥଟ୍ଟା କରି କହୁଥିଲା, "ଭଗବାନ କେତେ ନିଷ୍ଠୁର ସତେ ! ନିଜ ଭକ୍ତକୁ ଭୋକରେ ଓ ଶୋଷରେ କଷ୍ଟ ଦେଉଛନ୍ତି !''

ସ୍ୱାମୀଜୀ ସେହି କଟୁ ମନ୍ତବ୍ୟ ନୀରବରେ ହଜମ କରୁଥିଲେ । ଉତ୍ତେଜିତ ହେଉ ନ ଥିଲେ । କେବଳ ସ୍ମିତହାସ୍ୟ ସହିତ ସେହି ବ୍ୟକ୍ତିଟିକୁ ଚାହୁଁଥିଲେ । ଏଥିରେ ସେହି ଖୁଚୁରା ଦୋକାନୀ ମନେ ମନେ ଅଧିକ ଉତ୍ତେଜିତ ହେଉଥିଲା ଏବଂ ଏହା ପରେ ସେ ନିଜେ ହିଁ ମାନସିକ ଅଶାନ୍ତି ଭୋଗୁଥିଲା ।

ସେଦିନ ଦ୍ୱିପ୍ରହର ବେଳେ ରେଳଗାଡ଼ି ଗୋଟିଏ ଛକ ଷ୍ଟେସନ୍‌ରେ ପହଞ୍ଚିଲା । ସେଠାରେ ସେମାନଙ୍କୁ ହାଓ୍ୱଡ଼ା ଯିବା ପାଇଁ ଗାଡ଼ି ବଦଳାଇବାକୁ ହେବ । ଅନ୍ୟ ଗାଡ଼ିଟି ଘଣ୍ଟାକ ପରେ ଆସିବା କଥା । ସେହି ସମୟରେ ଛୋଟ ଛୋଟ ଷ୍ଟେସନ୍‌ରେ ପ୍ରତୀକ୍ଷାଳୟ ନ ଥିଲା । ପ୍ଲାଟଫର୍ମରେ ଥିବା ବଡ଼ ଗଛର ଛାଇରେ ଯାତ୍ରୀମାନେ ପ୍ରତୀକ୍ଷା କରୁଥିଲେ । ସେହି ଖୁଚୁରା ବେପାରୀ ବରଗଛ ମୂଳରେ ଛାଇ ଜାଗା ଦେଖି ନିଜର ଦରିଟିଏ ବିଛାଇ ଦେଇ ଘରୁ ଆଣିଥିବା ଜଳଖିଆ, ଫଳ ଇତ୍ୟାଦି ବାହାର କଲା । ସୁରେଇରୁ ଥଣ୍ଡା ପାଣି ବାହାର କରି ନିଜେ ଭୋଜନରେ ବସିଗଲା ।

ସ୍ୱାମୀ ବିବେକାନନ୍ଦ ତଳେ ଚକାମାଡ଼ି ପ୍ରଫୁଲ୍ଲ ବଦନରେ ବସି ରହିଥିଲେ । ସେ ଦୋକାନୀ ସନ୍ନ୍ୟାସୀଙ୍କୁ ଚାହିଁ ତାଙ୍କ ଠାକୁରଙ୍କ ନିଷ୍ଠୁରତା ସମ୍ବନ୍ଧରେ ସୂଚାଇ କହିଥିଲା, "ଆପଣଙ୍କ ଠାକୁର କ'ଣ ତାଙ୍କ ଭକ୍ତଙ୍କୁ ଦିନସାରା ଭୋକଉପାସରେ ରଖିବେ ?" ବିବେକାନନ୍ଦ ସାମାନ୍ୟ ହସି କହିଥିଲେ, "ଭଗବାନ ମୋ କଥା ଦେଖୁଛନ୍ତି । ଆପଣ ମୋ ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ ।"

ଏହି ସମୟରେ ହଠାତ୍ ଦେଖାଗଲା ଜଣେ ବ୍ୟକ୍ତି ତାଙ୍କ ଆଡ଼କୁ ତରତର ହୋଇ ଦୌଡ଼ିଆସୁଛି । ସେ ଗୋଟିଏ ଥାଳିରେ ଖାଦ୍ୟସାମଗ୍ରୀ ଘୋଡ଼ାଇ ରଖିଥିଲା । ପିଇବା ପାଣି ଅନ୍ୟ ହାତରେ ଧରିଥିଲା । ବିବେକାନନ୍ଦଙ୍କ

ପାଖରେ ଏକ ସଫାସୁତୁରା ଜାଗା ଦେଖି ଖାଦ୍ୟ ଓ ପାଣି ରଖି ଆସନଟି ବିଛାଇଦେଲା । ଗୋଟିଏ ଖଲିପତ୍ର ଝୁଡ଼ିରୁ ବାହାର କରି ସେଥିରେ ପୁରି, ତରକାରି ଏବଂ ତିନି ରକମର ମିଠା ବାଢ଼ିଦେଲା । ତା' ପରେ ବିବେକାନନ୍ଦଙ୍କ ସାମନାକୁ ଆସି ତାଙ୍କ ଆଗରେ ହାତଯୋଡ଼ି ଠିଆ ହୋଇ କହିଲା, "ସ୍ୱାମୀଜୀ ମହାରାଜ ! ଆସନ୍ତୁ ଦୟାକରି ଏହି ସାମାନ୍ୟ ଖାଦ୍ୟ ଭୋଜନ କରନ୍ତୁ ।"

ଖୁଚୁରା ଦୋକାନୀଜଣଙ୍କ ଅତ୍ୟନ୍ତ ଉତ୍ସୁକ ହୋଇ ଏହି ସକଳ ଘଟଣା ନଜର କରୁଥିଲା । କିନ୍ତୁ ବିବେକାନନ୍ଦ ସେହି ବ୍ୟକ୍ତିକୁ ସମ୍ବୋଧନ କରି କହିଲେ, "ଭାଇ ! ତୁମର ନିଶ୍ଚୟ ଭୁଲ୍ ହେଉଛି । ମୁଁ ଏଠାକୁ ପ୍ରଥମଥର ପାଇଁ ହିଁ ଆସିଛି । ତୁମେ ମୋତେ ଚିହ୍ନିନାହଁ ଏବଂ ମୁଁ ମଧ୍ୟ ତୁମକୁ ଜାଣେନାହିଁ । ତେବେ ତୁମେ ମୋ ପାଇଁ କିପରି ଖାଦ୍ୟ ଆଣିପାରିଲ ? ଏହି ଖାଦ୍ୟ ନିଶ୍ଚୟ ଆଉ କାହା ପାଇଁ ହୋଇପାରେ, ମୋ ପାଇଁ ନୁହେଁ ।" ସେହି ବ୍ୟକ୍ତିଜଣଙ୍କ ହାତଯୋଡ଼ି ନମ୍ର ଭାବରେ କହିଲା, "ସ୍ୱାମୀଜୀ ମହାରାଜ ! ଏହା ଆପଣଙ୍କ ପାଇଁ ହିଁ ଆସିଛି । ମୁଁ ଏହି ଷ୍ଟେସନ୍ ନିକଟରେ ଏକ ଜଳଖିଆ ଦୋକାନ ଖୋଲିଛି । ପୁରି, ତରକାରି ଓ ମିଠା ବିକ୍ରୟ କରେ । ଆଜି ପୁରି, ତରକାରି ଯାହା ସବୁ ବନାଇଥିଲି, ତାହା ଷ୍ଟେସନରେ ବିକ୍ରି କରି ଦ୍ୱିପ୍ରହର ବେଳେ ବିଶ୍ରାମ ନେଉଥିଲି । ଶ୍ରୀରାମ ମୋ ନିକଟକୁ ଆସି ତାଙ୍କ ପଦସ୍ପର୍ଶ ଦ୍ୱାରା ମୋତେ ନିଦରୁ ଉଠାଇଦେଲେ । ସେହି ଦୃଶ୍ୟଟି ଏକ ସ୍ୱପ୍ନ ଭାବି ମୁଁ କର ଲେଉଟାଇ ପୁନର୍ବାର ଶୋଇପଡ଼ିଲି ।

ଏଥର ଶ୍ରୀରାମ ମୋତେ ଗୋଡ଼ରେ ଏକ ଠେଲା ଦେଇ କହିଲେ– ଆରେ ଉଠ୍ ! ମୋର ଜଣେ ଭକ୍ତ ଏହି ଷ୍ଟେସନ୍ ପ୍ଲାଟ୍‌ଫର୍ମର ସେହି ବଡ଼ ବରଗଛ ମୂଳେ ବସିଛି । ସେ କିଛି ଖାଇନାହିଁ ଏବଂ ପିଇବା ପାଣି ପାଇନାହିଁ । ତାହା ପାଇଁ ଭୋଜନ ଓ ପାନୀୟ ଜଳ ନେଇ ଚଞ୍ଚଳ ଯାଆ !

ଶ୍ରୀରାମଙ୍କ ସେହି ନିର୍ଦ୍ଦେଶ ଶୁଣି ମୁଁ ତତ୍ପର ହୋଇ ଉଠିଲି । ମୋ ନିଦ ଭାଙ୍ଗିଗଲା ଏବଂ ମୁଁ ଉପଲବ୍ଧି କଲି ଏହା କେବେ ବି ସ୍ୱପ୍ନ ନୁହେଁ, ତାଙ୍କର ବାସ୍ତବ ଆଦେଶ । ମୁଁ ସଜ ପୁରି, ତରକାରି କଲି । ଘରେ ଥିବା ମିଠା ଏବଂ ପାନୀୟଜଳ ନେଇ ଆସିଲି । ଆପଣ ଦୟାକରି ଏହି ସାମାନ୍ୟ ଭୋଜନ ଗ୍ରହଣ କରନ୍ତୁ । ସ୍ୱୟଂ ଶ୍ରୀରାମ ଆପଣଙ୍କ ପାଇଁ ଏହି ଭୋଜନ ପଠାଇଛନ୍ତି । ଆପଣଙ୍କ ଭକ୍ତିର ପ୍ରଭାବ ଯୋଗୁଁ ମୋ ଜୀବନ ଧନ୍ୟ ହୋଇଗଲା ।

ସେହି ବ୍ୟକ୍ତି ଭକ୍ତିଭରେ ଲୋତକପୂର୍ଣ୍ଣ ଚକ୍ଷୁରେ ଆସି ସ୍ୱାମୀ ବିବେକାନନ୍ଦଙ୍କ ଚରଣଧୂଳି ନିଜ ମଥାରେ ଲଗାଇଥିଲା ଏବଂ କହିଲା, "ଆପଣଙ୍କ କୃପାରୁ ମୁଁ ଆଜି ପ୍ରଭୁ ଶ୍ରୀରାମଙ୍କ ସାକ୍ଷାତ ଦର୍ଶନ ଓ ତାଙ୍କ ଚରଣକମଳର ସ୍ପର୍ଶ ଲାଭ କଲି । ଏହି ଦୃଶ୍ୟ ଦେଖି ସେହି ବେପାରୀ

ନିଜ ଭୁଲ୍ ବୁଝି ପାରି ଅନୁତାପଦଗ୍ଧ ହୋଇଗଲା । ସେ ବିବେକାନନ୍ଦଙ୍କ ସମ୍ମୁଖରେ ଠିଆ ହୋଇ କହିଲା, "ସ୍ୱାମୀଜୀ ମହାରାଜ ! ନିଜ ଅଜ୍ଞାନତା ଯୋଗୁଁ ମୁଁ ଆପଣଙ୍କୁ ଏକ ଭଣ୍ଡ ସନ୍ନ୍ୟାସୀ ଓ ପ୍ରତାରକ ରୂପେ ଧରିନେଇ ଥଟ୍ଟା କରି ଆପଣଙ୍କୁ ଓ ଠାକୁରଙ୍କୁ ଅପମାନଜନକ କଥା କହିଥିଲି । ମୋର ସେହି ଅକ୍ଷମଣୀୟ ଅପରାଧ ପାଇଁ ଆପଣ ମୋତେ କ୍ଷମା ଦିଅନ୍ତୁ । ଆପଣ ଜଣେ ମହାତ୍ମା, ଏ କଥା ମୁଁ ଏବେ ଉପଲବ୍ଧି କରିପାରିଲି ।''

ସେ ବିବେକାନନ୍ଦଙ୍କ ଚରଣରେ ପ୍ରଣାମ କରି ଲୋତକପୂର୍ଣ୍ଣ ଚକ୍ଷୁରେ କ୍ଷମା ମାଗିଥିଲା । ସ୍ୱାମୀ ବିବେକାନନ୍ଦ ଉଭୟଙ୍କ ମଥାରେ ହାତ ରଖି ଉଭୟଙ୍କୁ କରୁଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଥିଲେ, "ଭଗବାନ ପରମ କରୁଣାମୟ । ତାଙ୍କର ଶରଣାଗତ ହେଲେ ତୁମେ ଦିନେ ନା ଦିନେ ନିଶ୍ଚୟ ତାଙ୍କର କରୁଣା ଲାଭ କରିବ । ତାଙ୍କ କୃପା ଲାଭ କରିବା ପାଇଁ ବ୍ୟକ୍ତି ଅଧୀର ହେଲେ ଚଳିବ ନାହିଁ । କାରଣ ସେହି କୃପା ପାଇବା ପାଇଁ ମାନବ ହଜାର ହଜାର ବର୍ଷ ଗଭୀର ତପସ୍ୟା କଲେ ବି ସେହି କୃପାର ଯୋଗ୍ୟ ହୋଇପାରିବ ନାହିଁ । ତେଣୁ ତାହା ହେଲା ଅହେତୁକ କୃପା । ତାହା ଭଗବାନଙ୍କ ସଂକଳ୍ପ ଅନୁଯାୟୀ ଆସିଥାଏ, ମାନବର ଇଚ୍ଛାରେ ନୁହେଁ । ଭଗବାନ କାହାକୁ କାହାକୁ ଖୁବ୍ ତ୍ୱରାନ୍ୱିତ ଭାବରେ କୃପା ଢାଳି ଦେଇଥାନ୍ତି । ଅନ୍ୟ କାହାକୁ କୃପା ପାଇବା ପାଇଁ ଗୋଟିଏ ଯୁଗ ଅପେକ୍ଷା କରିବାକୁ ପଡ଼ିଥାଏ । ତାହା କୌଣସି ମାନସିକ ନୀତିନିୟମ ଦ୍ୱାରା ନିୟନ୍ତ୍ରିତ ନୁହେଁ । ତୁମେମାନେ ତାଙ୍କୁ ଆନ୍ତରିକତା ସହିତ ଦୃଢ଼ ଭକ୍ତିଭାବ ଓ ଅଖଣ୍ଡ ବିଶ୍ୱାସ ସହିତ ନିରନ୍ତର ଡାକ । ତୁମେ ତାଙ୍କ କୃପା ନିଶ୍ଚୟ ଦିନେ ଲାଭ କରିବ । ଏହି ବିଶ୍ୱର ଓ ଅନ୍ୟାନ୍ୟ ସକଳ ବିଶ୍ୱବ୍ରହ୍ମାଣ୍ଡର ସକଳ କ୍ରିୟା ସେହି ଲୀଳାମୟ ପରମେଶ୍ୱରଙ୍କର ହିଁ ଲୀଳାକ୍ଷେତ୍ର ।"

ଅତଏବ୍ ଆମ ଢଗର ମର୍ମ ଅନୁସାରେ ଆମ ଦେଶରେ ଏବଂ ବିଶ୍ୱର ଅନ୍ୟ ବହୁ ଦେଶରେ ସମସ୍ତ ଦେଶବାସୀ ସମାନ ଧରଣର ଖାଦ୍ୟ ଖାଇବାକୁ ପାଇ ନ ଥା'ନ୍ତି । ଏପରିକି ବହୁ ସଂଖ୍ୟାରେ ଲୋକ ଦିନକୁ ଗୋଟିଏ ବକ୍ତ ଥରେ ଖାଦ୍ୟ ପାଇବା ମଧ୍ୟ ସମ୍ଭବ ହୋଇ ନ ଥାଏ । ମୋ ମତରେ– ଆମ ଦେଶର ଲୋକସଂଖ୍ୟା ଅନୁସାରେ ଖାଦ୍ୟସାମଗ୍ରୀ ଯେ ନାହିଁ, ତାହା ଠିକ୍ ନୁହେଁ । ଖାଦ୍ୟ ଅଛି, ମାତ୍ର ବହୁ ଗରିବ ଲୋକଙ୍କ ପାଖରେ ପଇସା ନ ଥିବାରୁ ସେମାନେ କିଣିପାରୁନାହାନ୍ତି । ଅନେକ କ୍ଷେତ୍ରରେ ଧନ୍ଦା ମିଳି ନ ପାରିବାରୁ ରୋଜଗାର ହୋଇ ପାରୁନାହିଁ ।

ଅବଶ୍ୟ ପୂର୍ବ ଅପେକ୍ଷା ବହୁତ କିଛି ଉନ୍ନତି ଘଟିଛି । ତଥାପି ପୂର୍ଣ୍ଣ ସନ୍ତୋଷଜନକ ହୋଇପାରିନାହିଁ । ଆଉ ମଧ୍ୟ ଯାହା ଜଣାଯାଏ, ବହୁ ଖାଦ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଏବଂ ଠିକ୍ ସମୟରେ ବ୍ୟବହାର ହୋଇ ନ ପାରି ନଷ୍ଟ ହୋଇଯାଏ । ଧନୀଲୋକମାନେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାନ୍ତି ଏବଂ ଯେତିକି ଖାଆନ୍ତି, ସେତିକି ମଧ୍ୟ ନଷ୍ଟ କରି ଦେଇଥା'ନ୍ତି । ଆମର କେତେକ ଖାଦ୍ୟସାମଗ୍ରୀ ମୂଷାମାନଙ୍କ ମାଟିତଳର ଭଣ୍ଡାରମାନଙ୍କୁ ମଧ୍ୟ ଚାଲିଯାଏ ।

ରାଜାବଗିଚା, କଟକ- ୯

କିଏ ପାରିବ କହିର ଉତ୍ତର–

୧) କନକପୁର, ୨) ମା ଶାରଳା, ୩) ଜଗତ୍‌ସିଂହପୁର, ୪) ଶାରଳା ଦାସ, ୫) ମହାଭାରତ, ୬) ବ୍ୟାସ କବି, ୭) କୃଷ୍ଣ ଦ୍ୱୈପାୟନ, ୮) ମହର୍ଷି ପରାଶର, ୯) ବେଦବ୍ୟାସ (ରାଉରକେଲା), ୧୦) ଶଙ୍ଖ କୋଏଲ୍ ନଦୀ ମିଶି ବ୍ରାହ୍ମଣୀ ନଦୀର ସୃଷ୍ଟି ।



ମୂର୍ଖ ବାଳକ ଓ ଚତୁର ବିଲୁଆ

ଶ୍ରୀମତୀ ନୟନତାରା ନନ୍ଦ
(ଅନୁବାଦ- ମାୟା ମିଶ୍ର)

ଗୋଟିଏ ଗ୍ରାମରେ ଗୋଟିଏ ବ୍ରାହ୍ମଣ ଓ ତାର ପୁଅ ରହୁଥିଲେ । ବ୍ରାହ୍ମଣ ଖୁବ୍ ଜ୍ଞାନୀ ଥିଲେ ଓ ସେ ରାଜାଙ୍କର ବିଶ୍ୱାସୀ ଉପଦେଷ୍ଟା ଥିଲେ । ତାଙ୍କର ପୁଅ ଅଳସୁଆ ଓ ମୂର୍ଖ ଥିଲା । ସେ ତା'ର ସମୟକୁ ତାସ୍ ଖେଳରେ ବିତାଉଥିଲା ।

ବ୍ରାହ୍ମଣ ବୁଢ଼ା ହୋଇଯିବାରୁ ଖୁବ୍ ଚିନ୍ତିତ ହୋଇ ଦିନେ ପୁଅକୁ ଡାକି କହିଲେ, ''ମୁଁ ବେଶୀଦିନ ବଞ୍ଚିବି ନାହିଁ । ମୋ ପରେ ତୁ ଜ୍ଞାନୀ ଏବଂ ଶକ୍ତିଶାଳୀ ଲୋକଙ୍କର ସାଙ୍ଗରେ ରହିଲେ ସେମାନେ ତତେ ବିପଦରେ ପଡ଼ିଲେ ସାହାଯ୍ୟ କରିବେ । ତେଣୁ ତୁ ନିଜ କଥା ବର୍ତ୍ତମାନଠାରୁ ଚିନ୍ତାକର ।''

ଅଳ୍ପଦିନ ପରେ ବ୍ରାହ୍ମଣର ମୃତ୍ୟୁ ହେଲା । ବିଚରା ପିଲାଟି ଏକୁଟିଆ ହୋଇଗଲା । ବାପାଙ୍କର ଆତ୍ମା ଶାନ୍ତି ପାଇଁ ସବୁ ଟଙ୍କାପଇସା ତାଙ୍କ ଶ୍ରାଦ୍ଧରେ ଖର୍ଚ୍ଚ କଲା । ଗ୍ରାମର ସବୁ ଗରିବଙ୍କୁ ଭଲରେ ଖାଇବା-ପିଇବା ଦେଇ ଚର୍ଚ୍ଚା କଲା । ଯେତେବେଳେ ଦେଖିଲା, ତା'ର ପାଖେ ଗୋଟେ ପଇସା ନାହିଁ, ସେ ଭାବିଲା, ରାଜା ତ ସବୁଠାରୁ ଶକ୍ତିଶାଳୀ ଓ ଧନୀ । ବାପାଙ୍କର କଥା ଅନୁସାରେ ସେଠାକୁ ଗଲେ, ସେ ନିଶ୍ଚେ ତାକୁ ସାହାଯ୍ୟ କରିବେ ।

ଦିନେ ସେ ରାଜସଭାକୁ ଗଲା । ରାଜସଭାରେ ଦେଖିଲା, କେହି ତା' ପ୍ରତି ନଜର ଦେଉନାହାନ୍ତି । ରାଜସଭାରେ ତାକୁ ସ୍ଥାନ ମିଳିଲା ନାହିଁ । ହଠାତ୍ ସେ ଦେଖିଲା– ଜଣେ ବ୍ରାହ୍ମଣ ସେଠାରେ ପହଞ୍ଚିଲେ । ରାଜା ତାଙ୍କର ସିଂହାସନରୁ ଉଠିଆସି ତାଙ୍କୁ ଖୁବ୍ ସମ୍ମାନ ଦେଲେ । ପିଲାଟି ଏସବୁ ଦେଖି ଖୁବ୍ ପ୍ରଭାବିତ ହେଲା । ଭାବିଲା- ତା'ହେଲେ ବ୍ରାହ୍ମଣଜଣକ ନିଶ୍ଚୟ ରାଜାଙ୍କଠାରୁ ଖୁବ୍ ଶକ୍ତିଶାଳୀ ଓ ଜ୍ଞାନୀ । ତା' ନହେଲେ ରାଜା ତାଙ୍କୁ ଏତେ ସମ୍ମାନ ପ୍ରଦର୍ଶନ କରନ୍ତେ ନାହିଁ । ତେଣୁ ପିଲାଟି ବ୍ରାହ୍ମଣଙ୍କର ପଛେ ପଛେ ଚାଲିଲା । ବାଟରେ ତାକୁ ବ୍ରାହ୍ମଣ ପଚାରିଲେ, ''ତୁ ମୋ ପଛେ ପଛେ କାହିଁକି ଆସୁଛୁ ?'' ପିଲାଟି କହିଲା, ''ମୋ ବାପା କହିଛନ୍ତି– ଜ୍ଞାନୀ ଓ ଶକ୍ତିଶାଳୀ ଲୋକଙ୍କ ସହିତ ସମ୍ପର୍କ ରଖିଲେ ଭବିଷ୍ୟତରେ ମୋର ମଙ୍ଗଳ ହେବ । ତେଣୁ ମୁଁ ଦେଖିଲି ରାଜା ଆପଣଙ୍କ ନିକଟରେ ମୁଣ୍ଡ ନୁଆଁଇ ପ୍ରଣାମ କଲେ । ଆପଣଙ୍କୁ ସମ୍ମାନ

ଦେଲେ । ତେଣୁ ଭାବିଲି- ଆପଣ ଖୁବ୍ ଶକ୍ତିଶାଳୀ ଓ ଜ୍ଞାନୀ । ଆପଣଙ୍କ ସାଙ୍ଗରେ ରହି ମୁଁ ଅନେକ ଜ୍ଞାନ ହାସଲ କରିପାରିବି ।'' ବିଚରା ବ୍ରାହ୍ମଣ ବଡ଼ ଅଡୁଆରେ ପଡ଼ିଲେ । ସେ ଖୁବ୍ ଗରିବ ବ୍ରାହ୍ମଣ । ତେଣୁ ପିଲାଟିଠାରୁ ମୁକ୍ତି ପାଇବା ପାଇଁ ଉପାୟ ଚିନ୍ତା କଲେ ।

ସେତେବେଳ ଗୋଟିଏ ବିଲୁଆ ସେ ବାଟ ଦେଇ ଯାଉଥିଲା । ତାକୁ ବ୍ରାହ୍ମଣ ନମସ୍କାର କଲେ । ପିଲାଟି ଭାବିଲା– ବ୍ରାହ୍ମଣ ଯଦି ତାକୁ ନମସ୍କାର କରୁଛନ୍ତି, ତେବେ ବିଲୁଆ ବ୍ରାହ୍ମଣଠାରୁ ନିଶ୍ଚେ ବୁଦ୍ଧିଆ । ସେ ବିଲୁଆ ପଛେ ପଛେ ଦୌଡ଼ିବାକୁ ଲାଗିଲା । ବିଲୁଆ ଭାବିଲା- ବୋଧହୁଏ ପିଲାଟି ତାକୁ ମାରିବା ପାଇଁ ତା ପଛେ ପଛେ ଦୌଡୁଛି, ତେଣୁ ସେ ବିକଳ ହୋଇ ଭଗବାନଙ୍କୁ ଡାକିଲା ।

ଦେବତାମାନଙ୍କର ବିଲୁଆ ଉପରେ ଦୟା ହେଲା । ତେଣୁ ସେମାନେ ବିଲୁଆକୁ ଗୋଟିଏ କୁହୁକ ଗାଈ ଉପହାର ଦେଲେ ଏବଂ ବିଲୁଆକୁ କହିଲେ– ପିଲାଟିକୁ ଏ ଗାଈକୁ ଦେଇଦେ, ସେ ତୋତେ ଛାଡ଼ି ଚାଲିଯିବ ।

ବିଲୁଆ ପିଲାଟି କବଳରୁ ରକ୍ଷାପାଇବା ପାଇଁ ଗାଈଟିକୁ ପିଲାକୁ ଦେଲା । ଗାଈଟି ଗୋଟିଏ କୁହୁକ ଗାଈ ଥିଲା । ସେ ମୁହଁ ଖୋଲିଲେ ସ୍ୱର୍ଣ୍ଣମୁଦ୍ରା ଝରୁଥିଲା ଏବଂ ତା'ର ଚେହେରା ସୁନ୍ଦର ଓ ଆକର୍ଷଣୀୟ ଥିଲା । ପିଲାଟି ମନ ଖୁସିରେ ସେ କୁହୁକ ଗାଈଟିକୁ ନେଇ ଘରକୁ ଗଲା । ରାତିରେ ସେ ଗାଈକୁ ଜଗି ପିଣ୍ଡାରେ ଶୋଇଲା । ବଡ଼ିଭୋର୍‌ରୁ ସେ ଘରର ମାଲିକାଣୀ ସୁନ୍ଦର ଗାଈଟିଏ ବନ୍ଧା ହୋଇଥିବାର ଦେଖିଲେ ଏବଂ ସେ ଗାଈଟି ପାଖରେ ସୁନାମୁଦ୍ରା ପଡ଼ିଥିବାର ଦେଖିଲେ । ମନେମନେ ଭାବିଲେ– ବୋଧହୁଏ ଗାଈ ଆମକୁ ଏ ମୁଦ୍ରାସବୁ ଉପହାର ଦେଇଛି । ଖୁସିହୋଇ ସେ ସ୍ୱର୍ଣ୍ଣମୁଦ୍ରାଗୁଡ଼ିକୁ ଗୋଟେଇବାକୁ ଲାଗିଲେ ।

ଏହି ସମୟରେ ପିଲାଟି ନିଦରୁ ଉଠିପଡ଼ିଲା । ଆଶ୍ଚର୍ଯ୍ୟ ହୋଇ ମାଲିକାଣୀଙ୍କୁ ପଚାରିଲା– କାହିଁକି ତମେ ସ୍ୱର୍ଣ୍ଣମୁଦ୍ରାକୁ ନେଇଯାଉଛ ? ସେ ଲୋଭୀ ସ୍ତ୍ରୀଲୋକ କହିଲେ– ଏଟା ମୋ' ଘର । ତେଣୁ ସେଗୁଡ଼ିକ ମୋର ।

ଏମିତି କଳିଗୋଳ ହୋଇ ସେମାନେ ରାଜାଙ୍କ ପାଖକୁ ନ୍ୟାୟ ପାଇଁ ଗଲେ । ରାଜା ସବୁ ଶୁଣି ପିଲାଟିକୁ କହିଲେ, ''ମୁଁ କେବେ ଶୁଣିନି, ଗାଈ ତା' ପାଟିରୁ ସ୍ୱର୍ଣ୍ଣମୁଦ୍ରା ପକାଇବାର । ତୁ ମିଛ କହୁଛୁ । ତେଣୁ ତୁ ସାକ୍ଷୀ ଆଣି ତୋର କଥାର ପ୍ରମାଣ ଦେବାକୁ ପଡ଼ିବ ।''

ବିଚରା ପିଲାଟି ବାଧ ହୋଇ ବିଲୁଆକୁ ସାକ୍ଷୀ ହେବା ପାଇଁ ଡାକିଲା । ରାଜା ସ୍ଥିର କଲେ ଯେ ବିଲୁଆର ଆଖି ବାନ୍ଧି ଦିଆଯାଉ ଓ ତା' ହାତରେ ବାଡ଼ିଟିଏ ଦିଆଯାଉ । ସେ ଯଦି ବାଡ଼ିରେ ପିଲାକୁ ଛୁଇଁବ, ତେବେ ଜଣାଯିବ ଯେ ମୁଦ୍ରାଗୁଡ଼ିକ ପିଲାଟିର । ତେଣୁ ବିଲୁଆ କାଳବିଳମ୍ବ ନ କରି ତାହା ପ୍ରମାଣ କରିଦେଲା । ଏହା ଦେଖି ରାଜା ଘୋଷଣା କଲେ ଯେ ମୁଦ୍ରାଗୁଡ଼ିକ ପିଲାଟିର । ଏହା ଶୁଣି ପିଲାଟି ଖୁସିରେ ବିଲୁଆକୁ ଧନ୍ୟବାଦ ଦେଇ ସ୍ୱର୍ଣ୍ଣମୁଦ୍ରାତକ ନେଇ ଘରକୁ ଗଲା । ତା'ପରଠାରୁ ସେ ଆନନ୍ଦରେ ଘରସଂସାର କରି ଚଳିଲା ।

କେଦାରଗୌରୀ ରୋଡ୍, ଭୁବନେଶ୍ୱର

ଓଲେଇ ବୁଢ଼ୀ

ଶ୍ରୀ ମାଧବ ଚନ୍ଦ୍ର ସ୍ୱାଇଁ

ଘଡ଼ଘଡ଼ିପୁର ଓଲେଇ ବୁଢ଼ୀ
ସଭିଏଁ ତାହାକୁ ଡାକନ୍ତି ଖୁଡ଼ୀ
ବୟସ ତାହାକୁ ଅଢ଼େଇ କୋଡ଼ି
ପାନଖିଆ ଦାନ୍ତ ଗଲାଣି ପଡ଼ି
ଭୋଜି ଟିକେ ଖାଇବାକୁ
ଅତି କଅଁଳେଇ ବୁଢ଼ାକୁ କହିଲା
ପାଟି କରି ପାକୁପାକୁ ।୧।

ବୁଢ଼ୀ କଥା ଶୁଣି କହିଲା ବୁଢ଼ା
ବଅସ ଗଲାରୁ ହେଲି ମୁଁ ହଡ଼ା
ପାଟିରେ ଚୋବାଇ ନ ପାରେ ଖଡ଼ା
ଗାଆଁ ଦାଣ୍ଡ ଘାଟ ସବୁ ଖସଡ଼ା
ହେଲି ମୁଁ ତାଳ ବରଡ଼ା
ଭୋଜି ଖାଇବାକୁ ମନ କଲୁ ଯଦି
ଯିବି ମୁଁ ପରଜପଡ଼ା ।୨।

ବୁଢ଼ା କଥା ଶୁଣି ବୁଢ଼ୀ ସଅଳ
କହିଲା ଆମ ଗାଁ ଶାମ ରାଉଳ
ଭୋଜି ପାଇଁ ଆଣିଅଛି ଶେଉଳ
ମାଛ ଖାଇବାକୁ ବହୁଚି ଲାଳ
ବୁଢ଼ା କହେ ଆଗୋ ବୁଢ଼ୀ
ଦୁଇ ଜାଗାରୁ ମୁଁ ଭୋଜି ଆଣିଦେବି
କାହିଁ ମୋ' ବଙ୍କୁଲି ବାଡ଼ି ।୩।

ବାଡ଼ିଆଡ଼େ ବୁଢ଼ୀ ଗଲା ଦଉଡ଼ି
ଆଣ୍ଠାଳି ଆଣିଲା ବଙ୍କୁଲି ବାଡ଼ି
ବାଡ଼ିରୁ ଆଣିଲା ଫୁଟି କାକୁଡ଼ି
ଟିଣରୁ ବାହାର କରିଲା ମୁଢ଼ି
କହିଲା ଚକଟା ଖାଇ
ଚାଲିଯିବ ଆଗେ ପରଜାପଡ଼ାକୁ
ଉଛୁର କରିବ ନାହିଁ ।୪।

ଜଳଖିଆ ସାରି ଉଠିଲା ବୁଢ଼ା
ବଙ୍କା ବାଡ଼ି ଧରି ହୋଇଲା ଛିଡ଼ା
ଭାବିଲା ଯିବି ମୁଁ ପରଜପଡ଼ା
ସେଠାକୁ ଆସିଛି ପୁରୀ ଅଭଡ଼ା
ଖାଇଦେଲେ ବଂଚି ଉଠିବ ମଡ଼ା
ଶାମ ରାଉଳଟା ନିହାତି କଡ଼ା
ତା'ଘରକୁ ପଛେ ଯିବି
ବାଡ଼ି ଧରି ବୁଢ଼ା ଘରୁ ବହାରିଲା
ଏଇ କଥା ଭାବି ଭାବି ।୫।

ଗାଆଁ ମୁଣ୍ଡେ ତାକୁ ସଂଜ ହୋଇଲା
ଟୁଙ୍ଗିରେ ଚାଲିଛି ତ୍ରିନାଥ ମେଳା
ବୁଢ଼ାକୁ ଡାକିଲା ସନା ପାଗଳା
ଟାଣିଦିଅ ଭାଇ ଦି' ତିନି ପୁଳା
ବୁଢ଼ା ଟାଣିଦେଇ ବେଦମ ହେଲା
ଚଉପାଢ଼ି ପାଖେ ଶୋଇପଡ଼ିଲା
ରାତିରେ ଉଠିଲା ବିଳିବିଳେଇ
ଭୋଜି ଖାଇ କିଏ କୁଆଡ଼େ ଗଲେଣି
କି' ବୁଦ୍ଧି କରିବ ଭାଇ ? ।୬।

ଶୈଳ ନିବାସ, ସେକ୍ଟର- ୭, ମର୍କତନଗର, କଟକ- ୧୪

ଦରଦୀ ସନ୍ଥ

ଶ୍ରୀ ବଙ୍ଗାଳି ଚରଣ ଯତି

ମହାରାଷ୍ଟ୍ର ନିବାସୀ ତୁକାରାମ ଥିଲେ ଖ୍ୟାତନାମା ସନ୍ଥ । ଯାହାକିଛି ଉପାର୍ଜନ କରୁଥିଲେ, ଆବଶ୍ୟକତା ଥିବା ଗରିବ ଲୋକଙ୍କୁ ତାହା ବାଣ୍ଟିଦେଉଥିଲେ । କାହାରି ଦୈନ୍ୟ ଆଖିରେ ଦେଖି ସେ ସହି ପାରୁ ନ ଥିଲେ । ଏଭଳି ନୀତି ଯୋଗୁଁ ପତ୍ନୀ ତାଙ୍କ ଉପରେ ବହୁତ ଖପ୍ପା ହେଉଥିଲେ । ତାଙ୍କର ସମ୍ପୂର୍ଣ୍ଣ ବିପରୀତ ସ୍ୱଭାବର ଥିଲେ ପତ୍ନୀ । ତୁକାରାମଙ୍କୁ ସେ ନିକମା ବ୍ୟକ୍ତି ଭାବରେ ସର୍ବଦା ସମ୍ବୋଧନ କରୁଥିଲେ । ଖାଲି ସେତିକି ନୁହେଁ, ତାଙ୍କୁ ଆକ୍ଷେପ କରି ନାନା କଟୁକଥା କହୁଥିଲେ । ସନ୍ଥ ତୁକାରାମ ସେ ସବୁକୁ ନିର୍ବିକାରରେ ସହି ନେଉଥିଲେ ।

କ୍ରମେ ଏହି ଦାନର ଆଉ ସୀମାସରହଦ ରହିଲା ନାହିଁ । ଏକଦା ଘରେ ଯାହାକିଛି ଖାଦ୍ୟ ଥିଲା, ସେସବୁକୁ ଗରିବଙ୍କ ମଧ୍ୟରେ ବାଣ୍ଟିଦେଲେ । ଖାଇବାକୁ ଆଉ କିଛି ହେଲେ ନ ଥିଲା । ଏବେ ଭୋକରେ ରହିବା ଅବଶ୍ୟମ୍ଭାବୀ ହୋଇ ପଡ଼ିଲା । ପତ୍ନୀ ଏଥିରେ ଅତ୍ୟନ୍ତ ମର୍ମାହତ ହୋଇ କହିଲେ, "ତୁମେ ଯଦି କିଛି କମାଇବାକୁ ଅଯୋଗ୍ୟ, ଅନ୍ତତଃପକ୍ଷେ କ୍ଷେତକୁ ଯାଇ କିଛି ଆଖୁ ଆଣ, ଯାହାକୁ ଖାଇ କିଛି ଘଣ୍ଟା ରହିଯିବା ।

ପତ୍ନୀଙ୍କ ଏକଥାରେ ଅଗତ୍ୟା ବାଧ୍ୟ ହୋଇ ତୁକାରାମ କ୍ଷେତକୁ ଗଲେ । କ୍ଷେତକୁ କିଛି ଆଖୁଗଛ ସଂଗ୍ରହ କଲେ । ଖୁବ୍ ମୋଟା ମୋଟା ଆଖୁଗଛରୁ କେତେକ ଏକାଠି କରି ସେ ସବୁକୁ ଏକ ଦଉଡ଼ିରେ ବାନ୍ଧି ଘର ଅଭିମୁଖେ ଆସିଲେ ।

ଆଖୁବିଡ଼ାକୁ ମୁଣ୍ଡରେ ମୁଣ୍ଡାଇ ବେଶ୍ ଖୁସିରେ ଘରକୁ ଆସୁଥା'ନ୍ତି । ଅତି ମାତ୍ରାରେ ଖୁସି ଥିଲେ ଏଇଥିପାଇଁ ଯେ ଅନ୍ତତଃପକ୍ଷେ ଆଜି ତାଙ୍କର ସ୍ତ୍ରୀ ଏହି ଆଖୁବିଡ଼ାକୁ ଦେଖି ବହୁତ ଖୁସି ହୋଇଯିବେ ଆଉ ଉପାସରେ ରହିବାର ଅବକାଶ ରହିବନି ଦିନେ ଦି' ଦିନ ପାଇଁ ।

ଆଖୁବିଡ଼ାକୁ ମୁଣ୍ଡାଇ ବସ୍ତି ମଧ୍ୟ ଦେଇ ଆସୁଥିବାବେଳେ ତାଙ୍କୁ ଦେଖି ଭିକାରିମାନେ ଘେରିଗଲେ । ସନ୍ଥ ତୁକାରାମ ପ୍ରତ୍ୟେକ ଭିକାରିକୁ ଏକ ଏକ କରି ଆଖୁଗଛ ଧରାଇଦେଲେ । ସେମାନେ ମନ ଆନନ୍ଦରେ ଏହାକୁ ନେଇ ଚାଲିଗଲେ । ଆଗକୁ ଆଗେଇଲାବେଳେ ବାଟରେ କିଛି ବାଳକଙ୍କୁ ଭେଟିଲେ । ସେମାନେ ମଧ୍ୟ ଦରଦୀ ତୁକାରାମଙ୍କୁ ଦେଖି ଆଖୁ ଖାଇବାକୁ ମାଗିଲେ । ତୁକାରାମ ବିନା ଦ୍ୱିଧାରେ ସେମାନଙ୍କ ମଧ୍ୟରେ କିଛି ଆଖୁ ବାଣ୍ଟିଦେଲେ । ଏହିଭଳି ବାଣ୍ଟିବା ଭିତରେ ସବୁ ସରିଯାଇଥିଲା । ପାଖରେ ଥିଲା

ମାତ୍ର ଗୋଟିଏ ଆଖୁଗଛ । ଏବେ ସେ ଦୃଢ଼ନିଶ୍ଚୟ କଲେ –ଏହାକୁ ଯେ କେହି ମାଗିଲେ ବି କାହାରିକୁ ଦେବି ନାହିଁ । ଏ ଖଣ୍ଡକୁ ଘରକୁ ନେବି ।

ସେଇ ଖଣ୍ଡେ ଆଖୁଗଛ ଧରି ଗୃହରେ ପହଞ୍ଚିଲେ । ପତ୍ନୀ ଯେତେବେଳେ ଦେଖିଲେ ଯେ ହାତରେ ଗୋଟିଏମାତ୍ର ଆଖୁଗଛ ଧରି ଆସିଛନ୍ତି, ସେତେବେଳେ ତାଙ୍କର କ୍ରୋଧ ସମସ୍ତ ସୀମା ଲଂଘନ କଲା । ରାଗରେ ଚକ୍ଷୁଦୁଇଟି ରକ୍ତବର୍ଣ୍ଣ ହୋଇଗଲା । ତାଙ୍କୁ ବୋଧହେଲା –ଏଭଳି ଏକ ନିହାତି ନିକମା ଲୋକଟି ଯୋଗୁଁ ଆଜି ତାଙ୍କୁ ଖାଡ଼ା ଉପାସ ରହିବାକୁ ହେବ । ଏତେ ସମୟ ବାହାରକୁ ଯାଇ ଗୋଟିଏ ମାତ୍ର ଆଖୁଗଛ ଧରି ଆସିଛନ୍ତି ।

ରାଗରେ ତୁକାରାମଙ୍କ ହାତରୁ ସେଇ ଆଖୁଗଛଟି ଛଡ଼ାଇନେଲେ । ଦୁଇତିନିଥର ପିଟିବା ଭିତରେ ସେଇ ଆଖୁଦଣ୍ଡଟି ଦି'ଖଣ୍ଡ ହୋଇଗଲା । ତୁକାରାମ ବହୁତ ଖୁସି ହୋଇ କହିଲେ, "ହେ ଭାଗ୍ୟବତୀ ! ଏବେ ପିଟିବା ବନ୍ଦ କରନ୍ତୁ । ଆଖୁଖଣ୍ଡକ ଦି'ଖଣ୍ଡ ହୋଇଯାଇଛି । ତୁମେ ଖଣ୍ଡେ ଖାଇବ, ଆଉ ଖଣ୍ଡଟି ମୁଁ ଖାଇବି । ଦ୍ୱନ୍ଦ୍ୱର ଅବକାଶ ରହିବ ନାହିଁ ।"

ପତ୍ନୀ ଆଶ୍ଚର୍ଯ୍ୟ ହୋଇ ଏଭଳି ଏକ ଅଦ୍ଭୁତ ଲୋକ ମୁହଁକୁ ଚାହିଁ ରହିଥିଲେ ବିସ୍ମୟରେ । ତାଙ୍କର ରାଗର ଭଙ୍ଗା ପଡ଼ିଯାଇଥିଲା ତତ୍‌କ୍ଷଣାତ୍ ।

ଗାୟତ୍ରୀ ପରିବାର, ବାରିପଦା, ୱାର୍ଡ ନଂ ୧୭, ୭୫୭୦୧୨

ସା.ଜ୍ଞା. ଉତ୍ତର–

୧) ନେପାଳ, ୨) ବ୍ରାଜିଲ, ୩) ବାରାକ୍ ଓବାମା, ୪) ଶଙ୍କର ଆଚାର୍ଯ୍ୟ, ୫) ଏଲିସି ପ୍ରାସାଦ, ୬) ସେନ୍‌ସେଇ, ୭) ମାପଲ, ୮) କବି ବିଶ୍ୱନାଥ ଖୁଣ୍ଟିଆ, ୯) ବୃଶାଳୀ, ୧୦) ଛତିଶଗଡ଼



ଗୁରୁ ଓ ଶିଷ୍ୟ ପରମ୍ପରା ବହୁ ପୁରାତନ । ପୂର୍ବେ ଆଶ୍ରମରେ ବିଦ୍ୟାଦାନ ସହିତ ଅନେକ ପ୍ରକାରର ଶିକ୍ଷା ଦିଆଯାଉଥିଲା । ମହାଭାରତରେ, ରାମାୟଣରେ ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ବିଦ୍ୟାଧ୍ୟୟନ ସହିତ ଅନେକ ପ୍ରକାରର ଶିକ୍ଷା ଅର୍ଜନ କରୁଥିଲେ । ଧନୁର୍ବିଦ୍ୟା, ମଲ୍ଲଯୁଦ୍ଧ, କୁସ୍ତିକସରତ ଏବଂ ଆଶ୍ରମର ସମସ୍ତ କାର୍ଯ୍ୟପ୍ରଣାଳୀର ଦାୟିତ୍ୱ ନେଉଥିଲେ ଶିଷ୍ୟମାନେ । ଗୁରୁ ଓ ଗୁରୁପତ୍ନୀଙ୍କର ସେବାଶୁଶ୍ରୂଷା ମଧ୍ୟ କରୁଥିଲେ । ରୋଷେଇ ପାଇଁ କାଠ, ଜାଳ, ସଂଗ୍ରହ କରିବାଠାରୁ ପାଣି ଆଣିବା, ଆଶ୍ରମ ପରିଷ୍କାର, ପରିଚ୍ଛନ୍ନ କରିବା ଇତ୍ୟାଦି ଏସବୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସେମାନେ ଭାବୁଥିଲେ ।

ଧୀରେ ଧୀରେ ଏ ପରମ୍ପରାର ଭଙ୍ଗା ପଡ଼ି ପଡ଼ି ବିଦ୍ୟାଳୟର ପ୍ରଥା ଆସିଲା । ପିଲାମାନେ ଠିକ୍ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହି ପାଠପଢ଼ା ସାରି ଘରକୁ ଫେରିଲେ । ଏଥିସହିତ ଖେଳ ପାଇଁ, ସଙ୍ଗୀତ, ନୃତ୍ୟ ପାଇଁ, ଶିଳ୍ପକଳା, ଚିତ୍ରକଳା ପାଇଁ ଅନେକ ଅନୁଷ୍ଠାନ ଧୀରେ ଧୀରେ ଗଢ଼ିଉଠିଲା । ପିଲାମାନଙ୍କର ଇଚ୍ଛା ଅନୁଯାୟୀ ସେମାନେ ଶିକ୍ଷା ଗ୍ରହଣ କଲେ ଓ ପରୀକ୍ଷା ଦେଲେ । ପରୀକ୍ଷାରେ କୃତକାର୍ଯ୍ୟ ଓ ଅକୃତକାର୍ଯ୍ୟ ତାଙ୍କର ପାଠପଢ଼ା ଅନୁଯାୟୀ ଓ ପ୍ରଶ୍ନୋତ୍ତର ଅନୁଯାୟୀ ସେମାନଙ୍କୁ ପ୍ରଦାନ କରାଗଲା ।

ଏହା ମଧ୍ୟ ପରିବର୍ତ୍ତିତ ହେଲା ଯୁଗ ଅନୁସାରେ

ତାଳ ଦେଇ । ପିଲାମାନେ ପରୀକ୍ଷାର ଢାଞ୍ଚାକୁ ଚାହିଁ ତାଙ୍କର ପାଠପଢ଼ାକୁ ଗ୍ରହଣ କଲେ ।

ପରୀକ୍ଷାର ନମ୍ବର ସବୁ ମଧ୍ୟ ବଦଳିଗଲା । ଆଗେ ଯେଉଁ ଡିଭିଜନ୍ ପ୍ରଥା ଥିଲା, ତାହା ମଧ୍ୟ ବଦଳିଗଲା । ଏଥରକ ମୋ ନାତୁଣୀର ସିବିଏସ୍‌ସିର ଦଶମର ଫଳ ପଚାରିଲି । ସେ କହିଲା– ସି.ଜି.ପି- ୯, CGP (Cumilative Grade Point) । ତା' ବ୍ୟତୀତ ଆଉ କିଛି ଜାଣିବାର ଉପାୟ ନାହିଁ । ପୁଣି ଦ୍ୱାଦଶ ପରୀକ୍ଷା ଫଳରେ ବିଭ୍ରାଟ ଯୋଗୁଁ ଅନେକ ଛାତ୍ରଛାତ୍ରୀ ଉପଯୁକ୍ତ ନମ୍ବର ପାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଗଣ୍ଡଗୋଳରେ ମାତିଛନ୍ତି । ଆଜି ଖବରକାଗଜରେ ଦେଖିଲି ପ୍ରଧାନମନ୍ତ୍ରୀଙ୍କୁ ଏ ବିଷୟରେ ଅବଗତ କରାଇ ପତ୍ର ଲେଖିଛନ୍ତି ।

ଆଗ କାଳରେ ଅଳ୍ପ ପିଲା ପରୀକ୍ଷା ଦେଉଥିଲେ । ଅଳ୍ପ ଫଳାଫଳ ଖବରକାଗଜ ବା ଫଳାଫଳ ପୁସ୍ତିକାରୁ ଜାଣୁଥିଲେ । ଏବେ କିନ୍ତୁ ନେଟ୍‌ରୁ ସବୁ ଜଣାଯାଉଛି । ସେଥିରେ ପୁଣି ଅସୁବିଧା । ଅନେକ ପୁନଃମୂଲ୍ୟାୟନ ପାଇଁ ଦରଖାସ୍ତ କରିଥିଲେ । ତା'ର ଫଳାଫଳରେ ମଧ୍ୟ ସେମାନେ ସନ୍ତୁଷ୍ଟ ହେଲେନାହିଁ । ଏମିତି ବି ହୋଇଛି ଯେ ଜଣେ ଛାତ୍ର ଆତ୍ମହତ୍ୟା କରିବା ପାଇଁ ଚେଷ୍ଟା କରୁକରୁ ରକ୍ଷାପାଇଗଲେ ।

ଏସବୁ କ'ଣ, କାହିଁକି– କିଛି ଜଣାପଡୁନି, ଗୁରୁମାନଙ୍କର କି ଛାତ୍ରମାନଙ୍କର ଅବହେଳାରୁ ହେଉଛି, ତାହା ଜାଣିବା ମୁସ୍କିଲ୍ । ଏତେ ପରୀକ୍ଷା ଖାତା, ଏତେ ପିଲା– ସେହି ଅନୁସାରେ ଗୁରୁମାନଙ୍କର ଖାତା ଦେଖିଲାବେଳେ ଏକାଗ୍ରତା ଦରକାର, ଯାହାକି ପିଲାମାନଙ୍କର ଭବିଷ୍ୟତ ତାହାରି ଉପରେ ନିର୍ଭର କରୁଛି । ତେଣୁ ଖାତା ଯେଉଁ ଗୁରୁମାନେ ବା ଜ୍ଞାନୀମାନେ ଦେଖୁଛନ୍ତି, ସେମାନେ ଅନ୍ୟମନସ୍କ ହୋଇ ଖାତା ଦେଖିଲେ ବା ଖାମଖିଆଲି ଭାବରେ ଦେଖିଲେ ଏଭଳି ଅସୁବିଧା ହୁଏ ।

ଏହା ବ୍ୟତୀତ ଛାତ୍ରମାନେ ଯଦି ଠିକ୍ ଭାବେ ଉତ୍ତର ଲେଖି ନ ଥିବେ, ତେବେ ଗୁରୁମାନେ ସେହି ଅନୁଯାୟୀ ହିଁ ନମ୍ବର ଦେବେ । ଆଜିକାଲିର ଅଧିକାଂଶ ପିଲା ୮୦, ୯୦ ଉପରକୁ ନମ୍ବର ନ ଲେଖିଲେ, କଲେଜ ବା ସ୍କୁଲରେ ନାମ ଲେଖାଇବା ପାଇଁ ସ୍ଥାନ ପାଉନାହାନ୍ତି । ସବୁଠାରୁ ଅଧିକ ନମ୍ବର ୧୦୦ରୁ ୧୦୦ ପର୍ଯ୍ୟନ୍ତ ମଧ୍ୟ ପିଲାମାନେ ରଖୁଛନ୍ତି । ପିଲାମାନଙ୍କର ଜ୍ଞାନ ବୃଦ୍ଧି ଯୁଗ ଅନୁସାରେ ଆଗକୁ ଆଗକୁ ଚାଲିଛି । ତେଣୁ ଏଭଳି ପରିସ୍ଥିତିରେ ଗୁରୁମାନଙ୍କର ଓ ଛାତ୍ରମାନଙ୍କର ମଧ୍ୟରେ ଗୋଟିଏ ଦୃଢ଼ ସେତୁ ରହିବା ଆବଶ୍ୟକ ବୋଲି ମୁଁ ମନେକରେ ।

ଜଣେ ଛାତ୍ରୀ କାନ୍ଦି କାନ୍ଦି କହିଲା, "ମୁଁ ମ୍ୟାଟ୍ରିକ୍‌ରେ ଏତେ ନମ୍ବର ରଖିଥିଲି । କେବେ ବି ଏତେ କମ୍ ନମ୍ବର ରହିବ ବୋଲି ମୁଁ ଭାବି ନ ଥିଲି ।" ମୁଁ ତାକୁ କହିଲି, "ଦେଖ୍, ତୁ ଯଦି ସବୁ ଠିକ୍ ଠିକ୍ ଲେଖିଛୁ, କେଉଁଥିରେ ଖରାପ କରିନାହୁଁ, ତା'ହେଲେ ତୁ ନିଶ୍ଚୟ ଭଲ ଫଳ ପାଇବା ଉଚିତ ।"

ସେ ଚୁପ୍ ରହିଲା; କିନ୍ତୁ ମୁଁ ଜାଣିଛି ଯେ ସେ ଇତିହାସରେ ଦୁର୍ବଳ । ସେଇଥିରେ ହୁଏତ ଖରାପ ହୋଇଥିବ । ତେଣୁ ପିଲାମାନଙ୍କର ପୁନଃମୂଲ୍ୟାୟନରେ ଅସନ୍ତୋଷ ପ୍ରକାଶ କରିବା ପାଇଁ ସେମାନଙ୍କର ସେତିକି ଦୃଢ଼ତା ଦରକାର । ଭାବିଚିନ୍ତି ସବୁକିଛି କରିବା ଉଚିତ । ଖାଲିଟାରେ ପାଟିତୁଣ୍ଡ, ଗଣ୍ଡଗୋଳ କରି କିଛି ଲାଭ ନାହିଁ ।

ତା'ପରେ ଆଜିକାଲି ପରୀକ୍ଷାଫଳ ଉପରେ

ନିର୍ଭର କରିବାକୁ ପଡୁନାହିଁ । କାରଣ ସ୍ନାତକୋତ୍ତର ଶ୍ରେଣୀ, ଡାକ୍ତରୀ ପାଇଁ, ଇଂଜିନିୟରିଂ ପାଇଁ ପୁଣିଥରେ ପ୍ରବେଶ ପରୀକ୍ଷା ଦେବାକୁ ପଡୁଛି । ସେଥିରେ କୃତକାର୍ଯ୍ୟ ହେଲେ ତମେ ଅନ୍ୟ ପାଠ୍ୟକ୍ରମରେ ପ୍ରବେଶ କରିପାରିବ ।

ମୋଟ କଥା ହେଲା, ଆଜିକାଲି ଯେଉଁ ପରିମାଣରେ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି, ସେହି ପରିମାଣରେ ପରୀକ୍ଷା ଖାତା-ନିରୀକ୍ଷକଙ୍କର ଆବଶ୍ୟକତା ରହିଛି ଏବଂ ସେତିକି ପରିମାଣର ସତର୍କତା ଜରୁରୀ ହୋଇପଡିଛି । କମ୍ପ୍ୟୁଟରର ସତର୍କତା ଉପରେ ମଧ୍ୟ ନିର୍ଭରଶୀଳ ହେବାକୁ ପଡୁଛି ।

ଏସବୁକୁ ଦୃଷ୍ଟିରେ ରଖି ଆଜିକାଲିର ଛାତ୍ରଛାତ୍ରୀମାନେ ହତୋତ୍ସାହ ହୋଇ ଜୀବନକୁ ବାଜି ଲଗେଇବା ଅନୁଚିତ । ଗୁରୁଜନ ତଥା ପିତାମାତାଙ୍କର ମଧ୍ୟ ଏଥିପାଇଁ ଯଥେଷ୍ଟ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ପିଲାଟିର ମାନସିକ ସ୍ଥିତିକୁ ସଜାଡ଼ିବାର ଦାୟିତ୍ୱ ସେମାନଙ୍କର । ତେଣୁ ମୋର ଶେଷକଥା ହେଉଛି– ପିଲାମାନଙ୍କର ଭବିଷ୍ୟତର ରାସ୍ତା ଈଶ୍ୱର, ଗୁରୁ କିମ୍ବା ପିତାମାତା ତିଆରି କରି ରଖିନାହାନ୍ତି । ସେମାନଙ୍କୁ ନିଜକୁ ନିଜର ରାସ୍ତା ତିଆରି କରିବାକୁ ହେବ । ଏହି ରାସ୍ତା ନିର୍ମାଣ ସମୟ ମଧ୍ୟରେ ସେମାନେ ଯଦି ହତୋତ୍ସାହ ହେବେ, ଗଣ୍ଡଗୋଳ କରିବେ, ପ୍ରତିବାଦ କରିବେ; ତା'ହେଲେ ସେ ରାସ୍ତାର ଅବସ୍ଥା ବା ଫଳାଫଳ ତାହା ହିଁ ହେବ– ଯାହା ସେମାନେ ତିଆରି କରି ଆସିଛନ୍ତି । ଧୀରେ, ସୁସ୍ଥେ, ଧୈର୍ଯ୍ୟର ସହ ସବୁ କିଛିର ମୁକାବିଲା କରିବାକୁ ପଡ଼ିବ, ତା' ହେଲେ ନିଜର ଭବିଷ୍ୟତ ଦୋଦୁଲ୍ୟମାନ ହେବନାହିଁ ।

-ଅନସୂୟା ନନ୍ଦ



କୌଶିକ କୁମାର ହୋତା, ସପ୍ତମ ଶ୍ରେଣୀ,
କେରଳା ପବ୍ଲିକ ସ୍କୁଲ, ରାଇରଙ୍ଗପୁର, ମୟୂରଭଞ୍ଜ ।

ସାଇସ୍ମିତା ମହାନ୍ତି, ତୃତୀୟ ଶ୍ରେଣୀ, ସରସ୍ୱତୀ ଶିଶୁ ମନ୍ଦିର,
ଆନନ୍ଦପୁର, କେନ୍ଦୁଝର ।

ତ୍ରିଦିବେଶ୍ ଦାଶ, ପ୍ରଥମ ଶ୍ରେଣୀ, ସେଣ୍ଟ ଜାଭିୟରସ୍
ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର ।

ଶ୍ରୀ କାହ୍ନୁ ନାରାୟଣ ମହାନ୍ତି

‘ମନମୋହନ’ ଭୂମିକାରେ ‘ଅନୁପମ ଖେର୍’

ସଂଜୟ ବାରୁଙ୍କ ପୁସ୍ତକ ‘ଜଣେ ଆକସ୍ମିକ ପ୍ରଧାନମନ୍ତ୍ରୀ’ର କଥାବସ୍ତୁର ଆଧାରରେ ନୂଆ ବଲିଉଡ୍ ଚିତ୍ର ନିର୍ମିତ ହେବାକୁ ଯାଉଛି । ଏହାର ମୁଖ୍ୟ ଚରିତ୍ରରେ ଚରିତ୍ର ଅଭିନେତା ‘ଅନୁପମ ଖେର୍’ଙ୍କୁ ନିଆଯାଇଛି ।

ଚଳଚ୍ଚିତ୍ର ୨୦୧୮ରେ ମୁକ୍ତିଲାଭ କରିବ । ଏହି ଛବିରେ ତତ୍‌କାଳୀନ ଅନେକ ଘଟଣାବଳୀ ପ୍ରଦର୍ଶିତ ହେବ । ସୁନୀଲ୍ ବୋହାରା ଏହାର ପ୍ରଯୋଜକ ଏବଂ ଏହାର ନିର୍ଦ୍ଦେଶକ ଅଛନ୍ତି– ରତ୍ନାକର ଗୁଟେ ।

ସୁନୀଲ୍ ବୋହାରା

ହଂସଲ ମେହଟ୍ଟା ଏହି ଛବିର କାହାଣୀ ଲେଖକ । ଚଳଚ୍ଚିତ୍ରର ଅନ୍ୟାନ୍ୟ ଚରିତ୍ରମାନଙ୍କୁ ମଧ୍ୟ ଚୟନ କରାଯାଇଛି । ଏ ଯାବତ୍ ସମସ୍ତ ଚରିତ୍ରଙ୍କର ନିର୍ଣ୍ଣୟାତ୍ମକ ଭୂମିକା ବଣ୍ଟନ ଶେଷ ହୋଇନାହିଁ ।

ସଂଜୟ ବାରୁ, ଯେ କି, ୨୦୦୪ରୁ ୨୦୦୮ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମନମୋହନ ସିଂହଙ୍କର ମିଡିଆ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ, ସେ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବହୁ ସମୟରେ ହସ୍ତକ୍ଷେପ କରୁଥିଲେ ।

ଏହାକୁ ସାଧାରଣ ଜନତା ଭଲଭାବେ ଜାଣୁଥିଲେ । ତାଙ୍କୁ ରବର ଷ୍ଟାମ୍ପ୍ ଭାବେ, ଗୋଟିଏ ରବର କଣ୍ଢେଇ ଭାବେ ସଜେଇଦେଇ ନିଜେ ଶାସିକା ପାଲଟିଥିଲେ ବୋଲି ସର୍ବତ୍ର ଆଲୋଚନା ହେଉଥିଲା । କଂଗ୍ରେସ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା ।

ତେବେ ଅନୁପମ ଖେର ଅନୁଭବୀ ଓ ପ୍ରସିଦ୍ଧ ଅଭିନେତା ଏହି ଚରିତ୍ରରେ ଅଭିନୟ କରିବେ ଜାଣି ବହୁତ ଖୁସି । ନିର୍ମାତା ସୁନିଲ ବୋହରା କହନ୍ତି– ୧୯୮୨ ମସିହାରେ ନିର୍ମିତ ଗାନ୍ଧୀ ଛବି ଭଳି ଐତିହାସିକ ପୃଷ୍ଠଭୂମିର ମୌଳିକତା ରକ୍ଷା କରିବା ଏବଂ କାହାରି ଚରିତ୍ର-ସଂହାର

କରି ବିବାଦୀୟ ହେବାର ସମ୍ଭାବନା ଏଥିରେ ନାହିଁ । ଛବିଟି ନିର୍ମିତ ହେଲେ ଉଭୟେ 'ସିଂହ' ଏବଂ 'ଖେର' ପ୍ରଶଂସିତ ହେବେ ।

ପାରିବାରିକ ନୂଆ ଛବି 'ଟିଉବ୍ ଲାଇଟ୍'

ନିର୍ଦ୍ଦେଶକ କବୀର ଖାଁ ଏବଂ ପ୍ରଯୋଜକ ସଲମନ୍ ଖାଁ ଏବଂ କଥାବସ୍ତୁ ଲେଖକ କବୀର ଖାଁ । ସହଯୋଗୀ ସ୍କ୍ରିନ୍ ପ୍ଲେ ଲେଖକ ପରଭେନ୍ ଶେଖ୍, ଡାଇଲଗ୍ ମନୁରିଷି ଚଢ଼ାଙ୍କ ଦ୍ୱାରା ନିର୍ମିତ ଛବି 'ଟିଉବ୍ ଲାଇଟ୍' ଦେଖିବା ପାଇଁ ଦର୍ଶକମାନେ ଅପେକ୍ଷାରେ ଅଛନ୍ତି । ଏହାର ଇଂରାଜୀ ଲେଖା 'ଲିଟିଲ୍ ବୟ'- ଯାହାର ଲେଖକ 'ଆଲେଜାଣ୍ଡ୍ରା ମଣ୍ଟେଭେରଗଦା' । ଅଭିନୟରେ ଅଛନ୍ତି– 'ସଲମନ ଖାଁ', 'ସୋହେଲ ଖାଁ', 'ଝୁ ଝୁ' । ସଂଗୀତ ନିର୍ଦ୍ଦେଶକ 'ପ୍ରୀତମ' ।

କବୀର ଖାଁ

ଏହି ଛବିର ଶୁଭମୁକ୍ତି ୨୫ ଜୁନ୍‌ରେ ହେବ ବୋଲି ସଲମନ୍ ଖାଁ ଓ କବୀର ଖାଁ ଫିଲ୍ମ କମ୍ପାନୀ ତରଫରୁ ଘୋଷଣା କରାଯାଇଛି । ଶହେକୋଟି ବଜେଟ୍‌ର ଏହି ଛବିର କଥାବସ୍ତୁ ହେଲା– ଜଣେ ଯୁବକ ତା'ର ପରିବାର ପାଇଁ କେତେ ମାତ୍ରାରେ ସମର୍ପିତ । ସେ ପରିବାରକୁ ଏଭଳି ଭାବରେ ବାନ୍ଧି ରଖିଛି, ଯାହା ବର୍ତ୍ତମାନ ସମୟ ପାଇଁ ଅତିମାତ୍ରାରେ ଗୁରୁତ୍ୱପୂର୍ଣ୍ଣ ।

ଅଭିନେତ୍ରୀ ଝୁ ଝୁ

ସମ୍ପୂର୍ଣ୍ଣ ମନୋରଂଜନଭରା ପାରିବାରିକ ବିଷୟକୁ ନେଇ ନିର୍ମିତ ଏବଂ ଭାରତବର୍ଷର ଉତ୍ତରାଞ୍ଚଳ ପାର୍ବତ୍ୟ ପ୍ରଦେଶରେ ଛୋଟ ଗାଁର ଘଟଣାକୁ ନେଇ ଏହି ଚଳଚ୍ଚିତ୍ର ଗତିଶୀଳ । ଭଲପାଇବାକୁ କେବେ ମୁହଁରେ କୁହାଯାଏ ନାହିଁ, ଏହା ଅନ୍ତରର କଥା । କେହି କାହାରିକୁ ଦଣ୍ଡେ ଆଘାତ ଦେବା ମଧ୍ୟ ସ୍ୱଚ୍ଛ ଭଲପାଇବାରେ ଦେଖିବାକୁ ମିଳେନାହିଁ । ସେହି ଭଲପାଇବା କେବଳ ନିମ୍ନମଧ୍ୟବିତ୍ତ ପରିବାରରେ ଦେଖିବାକୁ ମିଳିଥାଏ । ଏହାହିଁ ଏ ବିଷୟବସ୍ତୁର ସାରକଥ ॥

ବଜରଙ୍ଗୀ ଭାଇଜାନ୍ ପରେ କବୀର ଖାଁ ଏବଂ ସଲମନ୍ ଖାଁ ଏକମନ, ଏକପ୍ରାଣ ହୋଇ ଆଉ ଏକ ଚମତ୍କାର ଚଳଚ୍ଚିତ୍ର ଦର୍ଶକମାନଙ୍କୁ ଉପହାର ଦେବା ପାଇଁ ବହୁ ଶ୍ରମ କରିଛନ୍ତି । ଏହି ସତ୍‌ଉଦ୍ୟମର ଫଳ ଅବଶ୍ୟ ସଫଳ ହେବ, ଏହା ନିଶ୍ଚିତ । ସାନପିଲା ଝୁ ଝୁ ମଧ୍ୟ ଖୁବ୍ ଭଲ ଅଭିନୟ କରିଥିବା ଦେଖାଯାଏ । ସଲମନ୍ ଖାଁ ମଧ୍ୟ ତାଙ୍କ ଅଭିନୟରେ ପାରଦର୍ଶିତା ଦେଖାଇବାରେ ହେଳା କରିନାହାନ୍ତି । ଚଳଚ୍ଚିତ୍ରଟି ଖୁବ୍ ଲୋକପ୍ରିୟ ହେବା ସହ ଚର୍ଚ୍ଚାରେ ରହିବ ।

ଆଶ୍ରମ, ଶ୍ରୀବିହାର କଲୋନୀ, କଟକ- ୮

ବେଙ୍ଗବେଙ୍ଗୁଲୀ

ଶ୍ରୀମତୀ ରାଜଲକ୍ଷ୍ମୀ ତ୍ରିପାଠୀ

ବର୍ଷା ଦିନ ଆରମ୍ଭ ହୋଇଯାଇଥିଲା । ଚାରିମାସ କାଳ ବର୍ଷା ହେବ । ଖରାରେ ଧରଣୀ ଶୁଖି ଦୂବଘାସ ସହ ମରିଗଲାଣି । ମଣିଷ ତ କଷ୍ଟେମଷ୍ଟେ ସମ୍ଭାଳୁଛି । ଜୀବଜଗତ ନିରାଶା ହୋଇ ଜୀବନକୁ ପାଣି ଛଡ଼ାଇ ସାରିଲେଣି । ଏହି ସମୟରେ ଧୀରେ ଧୀରେ ବର୍ଷା ପାଣି ପାଇ ଦୂବଘାସ, ଛୋଟ ଛୋଟ ବୃକ୍ଷ ଉଦ୍ଭିଦ ସବୁ ମାଟି ଫୁଟାଇ ମୁଣ୍ଡ ଟେକି ଉଠିଲେଣି ।

ମାଟିଆ ପଡ଼ିଥିବା ଟାଙ୍ଗରା ଭୂଇଁଗୁଡ଼ିକ ସବୁଜ ସବୁଜ ଚାଦର ପଡ଼ିଲା ଭଳି ଆଖିକୁ ଦିଶିଲାଣି । ଏହି ସମୟରେ ଛତୁ ମଧ୍ୟ ଛତ୍ର ଟେକି ମାଟି ଉପରେ ଶୋଭା ପାଇଲାଣି । ଛତୁ ଫୁଟିଥିବା ଦେଖି ବେଙ୍ଗବେଙ୍ଗୁଲୀଏ ମଜାରେ ବାହାରକୁ ବାହାରି ହୁଳହୁଳି ମଧ୍ୟ ଦେଲେଣି । 'ଆଃ କି ସୁନ୍ଦର ଛତାଗୁଡ଼ା ଆମ ପାଇଁ ବିଧାତା ଗଢ଼ିଛି' ବୋଲି ବେଙ୍ଗ କହିଲା ବେଙ୍ଗୁଲୀକୁ ।

"ଆରେ ଝିପିଝିପି ମେଘରେ ଆଉ କ'ଣ ଘରେ ଦୁଃଖରେ ରହିହେଉଛି ! ଆମେ ନିଜକୁ କିଛି ଦିନ ରାଜା ଭାବି ଏ ଛତୁ ଗଛ ମୂଳେ ରହିବା । ଭାରି ମଜା ଲାଗିବ । ଏହା ଭାବି ସେମାନେ ଦୁଇଟି ବଡ଼ ଛତୁ ଗଛ ତଳେ ରହି ବର୍ଷାର ଆନନ୍ଦ ନେଲେ । ମାଟିର ଗଛପତ୍ର ଖାଇବାକୁ ଛୋଟ ଛୋଟ ପୋକଜୋକ ଚାଲିଆସିଲେ ଓ ଆରାମରେ ଶାଗୁଆ ପତ୍ରମାନ ଚୋବାଇବାକୁ ଲାଗିଲେ ।

ଏହା ଦେଖି ବେଙ୍ଗବେଙ୍ଗୁଲୀମାନେ ରହିପାରିଲେ ନାହିଁ । କଥାବାର୍ତ୍ତା ହେଲେ– ଚାଲ ମ......ଆମେ ବି ଚରିଯିବା କିଛି । ଏହା କହି ବାହାରକୁ ବାହାରୁଛନ୍ତି, ଶାଗୁଆ ପତ୍ର ମଝିରେ ନାଲିଆ ନାଲିଆ ଫୁଲ ଫୁଟିଲା ପରି ଦେଖାଗଲା । ଆଶ୍ଚର୍ଯ୍ୟ ହୋଇ ବେଙ୍ଗୁଲୀମାନେ ପଚାରିଲେ– ଆରେ....ଏଗୁଡ଼ାକ କୋଉଠୁ ଆସିଲେ ?

ବେଙ୍ଗମାନେ କହିଲେ, "ଆଲୋ ! ଏଗୁଡ଼ାକ ହେଲେ 'ସାଧବ ବୋହୂ ପୋକ' । ଦେଖୁନୁ ନାଲି ଚକ୍‌ଚକ୍ ପାଟ ପିନ୍ଧିଲା ପରି ଥିରିଥିରି ଚାଲୁଛନ୍ତି । ତାଙ୍କ ପିଠିରେ ହାତ ମାରିଲେ ଭାରି ନରମ ଲାଗିବ । ଏହାକୁ ଭେଲ୍‌ଭେଟ୍ ଗଦି ଭଳି କହନ୍ତି ।"

"ଜୀବଜନ୍ତୁ ଓ ପୋକଜୋକଙ୍କୁ ପ୍ରାୟ ସମସ୍ତେ ଘୃଣା କରନ୍ତି, କିନ୍ତୁ ଏହି ସାଧବବୋହୂଙ୍କୁ ସମସ୍ତେ ଆଦର କରନ୍ତି । ଦେଖିବୁ ଏଇନେ ଏମାନେ ବାହାରିଲେ ପିଲାମାନେ ଦୌଡ଼ିଆସି ତାଙ୍କୁ ଧରିବେ ଓ ସଜାଇକରି ଘରେ ରଖିବେ ।

ବେଙ୍ଗୁଲୀ ପାଟିରୁ ଟିକେ ଲାଳ ଠପ୍‌ଠପ୍ ହୋଇ ବାହାରିପଡ଼ିଲା । ସେ ପଚାରିଲା, ''ଆରେ ଦୁଇ ଚାରିଟା

ପାଟିରେ ପକାଇବା କି?" ଛି ଛି କହି ବେଙ୍ଗ ଥୁ ଥୁ କରିଦେଲା ।

"ନାଇଁ ଲୋ ନାଇଁ, ତା' ଦେହରୁ ଗୋଟିଏ ପ୍ରକାର ଦୁର୍ଗନ୍ଧ ବାହାରେ, ଯାହାଦ୍ୱାରା କି ଲୋଭରେ ଆସୁଥିବା ଜୀବ ଖାଇ ନ ପାରି ପଳାଇଯାଏ । ଯିଏ ଖାଇବ, ନାମ ନେବ । ତେଣୁ ସେମାନେ ବହୁ ସଂଖ୍ୟାରେ ମାଟିରେ ବୁଲୁଥା'ନ୍ତି ଓ ମାଟି ଭିତରେ ଲୁଚିଯା'ନ୍ତି ।

ଆମକୁ ତ ସବୁବେଳେ ଭୟ, କାଳେ କିଏ ଧରି ନେବ ଓ ମାରିଦେବ ବୋଲି । ଏହି ସାଧବ ବୋହୂଙ୍କୁ ସଭିଏଁ ଆଦର କରନ୍ତି ଓ ଧରନ୍ତି ।

ତେଣୁ ବର୍ଷାକାଳ ଆସିବା ପୂର୍ବରୁ ଚାଲ ଆମେ ସବୁ ସାବଧାନ ହେବା ଓ ନିଜର ସୁରକ୍ଷା କରିବା ।" ଏହାକହି ବେଙ୍ଗବେଙ୍ଗୁଲୀ ଡେଇଁ ଡେଇଁ ଚାଲିଗଲେ ।

ମାର୍ଫତ୍- ଇଂ ପଦ୍ମନାଭ ମିଶ୍ର, କ୍ୱାର୍ଟର ନଂ- ଇ-୯, ଏସ୍.ଆଇ.ପି କଲୋନି, ଲକ୍ଷ୍ମୀପୁର, ବାରିପଦା- ୭୫୭୧୦୭

କୁକୁଡ଼ା ଚୋର ସେକସ୍‌ପିଅର

କୌତୁକ ହେଲେ ବି କଥାଟା ସତ ବୋଲି ଅନେକ ମତ ଦିଅନ୍ତି । ପ୍ରସିଦ୍ଧ ନାଟ୍ୟକାର ସେକସ୍‌ପିଅର ଯେତେବେଳେ ତୁମରି ପରି କିଶୋର ଥିଲେ, ସେତେବେଳେ ସେ ଥିଲେ ଭାରି ଦୁଷ୍ଟ । ଦିନେ ପାଟି ଲାଳସାରେ... ସେ ଜଣେ ଜମିଦାରଙ୍କ କୁକୁଡ଼ା ଚୋରିକଲେ । ସେ ଜମିଦାର ଥିଲେ ଖୁବ୍ କଡ଼ା ମିଜାଜର । କାଳେ ସେ ଜାଣିପାରିଲେ ଦଣ୍ଡ ଦେବେ, ଏଇ ଭୟରେ ସେକସ୍‌ପିଅର ରାତାରାତ୍ ଗଣ୍ଠିଲି ବାନ୍ଧି ଲଣ୍ଡନକୁ ପଳେଇ ଗଲେ ।

ସେଇ କୁକୁଡ଼ା-ଚୋର ବାଳକ, ଏତେବଡ଼ ସାହିତ୍ୟିକ ହେବ, ସେ କଥା କିଏ ଜାଣିଥିଲା ?



ପୁସ୍ତକ ପରିଚୟ

ଅଭୁଲା ସ୍ମୃତି-- ଲେଖକ- **ଶ୍ରୀ ଫକୀର ଚରଣ ପାଢ଼ୀ,** ପ୍ରକାଶନ- ନୀଳଚକ୍ର ପ୍ରକାଶନ, ବଡ଼ଗୁଆଳିପଡ଼ା, ବେରବୋଇ, ପୁରୀ । ଦୂରଭାଷ- ୯୯୩୮୩୯୪୪୯୬

ଗାନ୍ଧିଜୀଙ୍କ ଲୁଣ, ସାହସୀ ବାଳକ, ଗାନ୍ଧିଜୀଙ୍କ କଥା ଚାତୁରୀ, ଗାନ୍ଧିଜୀଙ୍କ ଦୌଡ଼ ପ୍ରତିଯୋଗିତା, ସେ ପେଡ଼ିପୁଟୁଳା ହେଉଛି ଆମର ଇତ୍ୟାଦି– ଏଗାରଟି ଶିକ୍ଷଣୀୟ ବିଷୟ ଏହି ପୁସ୍ତକଟିରେ ରହିଛି । ପ୍ରତିଟି ଗଳ୍ପର କଥାଚାତୁରୀ ଖୁବ୍ ଆକର୍ଷଣୀୟ ଓ ଜ୍ଞାନବର୍ଦ୍ଧକ । ପ୍ରଚ୍ଛଦଟି ରଙ୍ଗିନ୍ ଏବଂ ପ୍ରିୟନେତା ଜବାହରଲାଲ ନେହେରୁଙ୍କ ଚିତ୍ର ଖୁବ୍ ସୁନ୍ଦର ହୋଇଛି । ପୁସ୍ତକଟି ଶିଶୁ-କିଶୋର ପାଠକମାନଙ୍କ ଦ୍ୱାରା ଆଦୃତ ହେବାର ଆଶା ରଖୁଛୁ ।

କୁନା ଓ ଜଳପରୀ-- ଲେଖିକା- **ଶ୍ରୀମତୀ ପ୍ରମିଳା ପତି,** ଶିକ୍ଷୟିତ୍ରୀ- ସରକାରୀ ପ୍ରେସ୍ କଲୋନି ଉ.ପ୍ରା ବିଦ୍ୟାଳୟ, ନୂଆପଡ଼ା, ମଧୁପାଟଣା, କଟକ-୧୦, ଦୂରଭାଷ- ୯୭୭୭୧୮୦୯୪୯ । ମୂଲ୍ୟ- ୮୦ଟଙ୍କା ।

ଏହି କ୍ରାଉନ୍ ଆକାରର ଶିଶୁ-ଗଳ୍ପ ପୁସ୍ତକଟିରେ ମାତୃଋଣ, ବଣରାଇଜ ଭାରି ମଉଜ, ପାଠ ଦେଖାଏ ଭଲ ବାଟ, ମତ୍ସ୍ୟକନ୍ୟା ଓ ମୁନୁ ଇତ୍ୟାଦି ୧୬ଟି ବିଷୟବସ୍ତୁ ରହିଛି । ପ୍ରତିଟି ଗଳ୍ପର ସ୍ୱାଦ ଭିନ୍ନ । ଚିତ୍ର ମଧ୍ୟ ବିଷୟବସ୍ତୁକୁ ଆହୁରି ଶାଣିତ କରିଛି । ବଡ଼ ଅକ୍ଷର ଓ ସରଳ ସ୍ପଷ୍ଟ ଅକ୍ଷରରେ ଲେଖା ଶିକ୍ଷଣୀୟ ଗଳ୍ପଗୁଡ଼ିକ ଶିଶୁମାନଙ୍କ ମନରେ ରେଖାପାତ କରିବ । ରଂଗିନ୍ ପ୍ରଚ୍ଛଦରେ ଜଳପରୀ ଓ ପିଲାଟିର ଦୃଶ୍ୟ ଚମତ୍କାର । ପୁସ୍ତକଟିର ପ୍ରଚାର ଓ ପ୍ରସାର କାମନା କରୁ ।

ବାଘ ନୀସ ହନାଲା-- ଲେଖକ- **ଶ୍ରୀଯୁକ୍ତ କଳାକର ମହାନ୍ତ,** ରଜିଆ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଦୋଳିତା,

ଚମ୍ପୁଆ, କେନ୍ଦୁଝର, ଦୂରଭାଷ- ୯୪୩୭୪୩୭୨୪୮ । ମୂଲ୍ୟ- ୨୫ଟଙ୍କା ।

ଡିମେଇ ଆକାରର ଏହି ଶିଶୁକବିତା ପୁସ୍ତକଟିରେ ବ୍ୟାୟାମ, ଭାରତ ରତ୍ନ ଅବଦୁଲ୍ କଲାମ୍, ହଇଜା, କୁଷ୍ଠ, ଜଳାତଙ୍କ ଇତ୍ୟାଦି ବିଷୟକୁ ନେଇ ୧୦ଟି କବିତା ରହିଛି ।

ବୈଜ୍ଞାନିକ ଢାଞ୍ଚାରେ କବି କବିତାଗୁଡ଼ିକ ରଚନା କରିଛନ୍ତି । ପିଲାମାନଙ୍କର ଜ୍ଞାନର ଜିଜ୍ଞାସାକୁ ନେଇ ପ୍ରତ୍ୟେକ କବିତା ସରଳ, ସୁନ୍ଦର ଓ ସ୍ୱଚ୍ଛ ଭାଷାରେ ଲେଖାଯାଇଛି । କବିତାରେ ଚିତ୍ର ମଧ୍ୟ ରହିଛି । ରଂଗିନ୍ ପ୍ରଚ୍ଛଦରେ ଇନ୍ଦ୍ରଧନୁର ଚିତ୍ର ଆକର୍ଷଣୀୟ । ଶିଶୁମାନଙ୍କ ଦ୍ୱାରା ଆଦୃତ ହେବାର ଆଶା ।

ମହାମାନବ ଅବଦୁଲ୍ କଲାମ୍- ଲେଖିକା- **କୁମୁଦଲତା ମହାନ୍ତି,** ବିବରଣୀ ପ୍ରକାଶନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର- ୧୪, ମୂଲ୍ୟ- ୪୦ଟଙ୍କା ।

ସମ୍ପୂର୍ଣ୍ଣ ଡିମେଇ ୧/୮ ଆକାରର ପୁସ୍ତକଟି କେବଳ ମହାମାନବ ଅବଦୁଲ୍ କଲାମ୍ଙ୍କର ଜୀବନ ଘଟଣାବଳୀ ବର୍ଣ୍ଣିତ ହୋଇଛି । ପ୍ରତି ପୃଷ୍ଠାରେ କଲାମ୍ଙ୍କର କାର୍ଯ୍ୟକଳାପର ବିବରଣୀ ସହିତ ଫଟୋଚିତ୍ର ରହିଛି, ଯାହାକି ଶିଶୁମାନଙ୍କୁ ତାଙ୍କ ବିଷୟରେ ଜାଣିବାର ଅନେକ ଖୋରାକ ଯୋଗାଇବ । ରଂଗିନ୍ ପ୍ରଚ୍ଛଦରେ କଲାମ୍ଙ୍କର ଫଟୋଚିତ୍ରଟି ଆକର୍ଷଣୀୟ ହୋଇଛି । ପୁସ୍ତକଟି ଆଦୃତ ହେବାର ଆଶା ।

--ଭାରତର ଜିତୁ ରାୟ ଓ ହିନା ସିଦ୍ଧୁ ଯୋଡ଼ିଙ୍କର ଆଇ.ଏସ୍.ଏସ୍.ଏଫ୍ ବିଶ୍ୱକପ୍ ସୁଟିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ ।

୧୫। ୬-- ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି ପି.ଏନ୍ ଭଗବତୀଙ୍କ ୯୫ ବର୍ଷରେ ପରଲୋକ ।

୧୬। ୬-- ସ୍ୱତନ୍ତ୍ର ଗୋର୍ଖାଲ୍ୟାଣ୍ଡ ରାଜ୍ୟ ଗଠନ ଦାବିରେ ଗୋର୍ଖା ଜନମୁକ୍ତି ପକ୍ଷରୁ ଆନ୍ଦୋଳନ ଉଗ୍ର ରୂପ ନେଇଛି ।

୧୭। ୬-- କୋଚି ଏବଂ ବେଙ୍ଗାଲୁରୁ ମେଟ୍ରୋ ରେଲ୍ ଉଦ୍‌ଘାଟିତ ।

୧୮। ୬-- ହକି ବିଶ୍ୱ ସେମି ଫାଇନାଲ୍‌ରେ ପାକିସ୍ତାନ ୭-୧ ଗୋଲରେ ପରାସ୍ତ ଏବଂ ଚମ୍ପିଆନ୍ ଟ୍ରଫି କ୍ରିକେଟ୍‌ରେ ପାକିସ୍ତାନଠାରୁ ଭାରତର ଶୋଚନୀୟ ପରାଜୟ ।

-- ରାମକୃଷ୍ଣ ମଠ ଓ ମିଶନର ଅଧ୍ୟକ୍ଷ ସ୍ୱାମୀ ଆତ୍ମା ସନ୍ଥ ନନ୍ଦଜୀଙ୍କର ୯୮ ବର୍ଷରେ ପରଲୋକ । ୨୦୦୭ରେ ସେ ଏହାର ଅଧ୍ୟକ୍ଷ ପଦରେ ଯୋଗଦେଇଥିଲେ ।

୧୯। ୬-- ଜାକର୍ତ୍ତାଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ୍ ସୁପର ସିରିଜ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ୍‌ରେ କିଦାମ୍ବି ଶ୍ରୀକାନ୍ତଙ୍କର ସିଙ୍ଗିଲସ୍ ଚମ୍ପିଆନ୍ ଆଖ୍ୟା ଅର୍ଜନ ।

ବିଦେଶ ଖବର

୨୦। ୫-- ଇରାନ୍‌ର ରାଷ୍ଟ୍ରପତି ଭାବେ ହାସାନ୍ ରୌହାନି ପୁନଃ ନିର୍ବାଚିତ ହୋଇଛନ୍ତି ।

୨୩। ୫-- ବ୍ରିଟିଶ ସହରର ମାଞ୍ଚେଷ୍ଟରଠାରେ ଆତ୍ମଘାତୀ ବିସ୍ଫୋରଣରେ ୨୨ଜଣଙ୍କର ମୃତ୍ୟୁ ଓ ୬୦ରୁ ଅଧିକ ଆହତ ।

୨୪। ୫-- ଜେମସ୍ ବଣ୍ଡ ୦୦୭ ଭୂମିକାରେ ଅଭିନୟ କରିଥିବା ବ୍ରିଟିଶ ଅଭିନେତା ରୋଜର ମୂରେଙ୍କର ୮୯ ବର୍ଷରେ ପରଲୋକ ।

୨୫। ୫-- ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦାହାଲାଙ୍କ (ପ୍ରଚଣ୍ଡ)ଙ୍କ ନିଜ ପଦରୁ ଇସ୍ତଫା ପ୍ରଦାନ ।

୨୮। ୫-- ଶ୍ରୀଲଙ୍କାରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ୧୧୯ ମୃତ ଓ ୧୫୦ ନିଖୋଜ । ଭାରତର ୩ଟି ଜାହାଜରେ ସହାୟତା ପ୍ରଦାନ ।

୫। ୬-- ଶକ୍ତିଶାଳୀ କ୍ଷୁଦ୍ର ରାଷ୍ଟ୍ର କ୍ୱାତାରକୁ ଆତଙ୍କବାଦକୁ ସମର୍ଥନ ଆଳରେ ଅନ୍ୟ ସମସ୍ତ ଆରବ ଦେଶ ବାସନ୍ଦ କରିଛନ୍ତି । କୂଟନୈତିକ ସମ୍ପର୍କ ଛିନ୍ନ । ଦୋହାକୁ ବିମାନ ଚଳାଚଳ ବନ୍ଦ ।

୯। ୬-- ବ୍ରିଟେନ ସାଧାରଣ ନିର୍ବାଚନରେ ଦୀର୍ଘ ବର୍ଷ ପରେ ଏକ ଝୁଲା ପାର୍ଲାମେଣ୍ଟ୍ ଗଠିତ ।

୧୪। ୬-- ବାଂଲାଦେଶର ଉତ୍ତର ପୂର୍ବାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ମାଟି ଅତଡ଼ା ଧସି ୧୫୬ ଜଣଙ୍କର ମୃତ୍ୟୁ ।

୧୬। ୬-- ଲଣ୍ଡନର ଗ୍ରୀନ୍‌ଫିଲ୍ ଟାୱାରରେ ଅଗ୍ନିକାଣ୍ଡ ଘଟି ମୃତ୍ୟୁସଂଖ୍ୟା ୩୦ ଓ ୭୬ ଜଣ ନିଖୋଜ ।

୧୮। ୬-- ପର୍ତ୍ତୁଗାଲ ଜଙ୍ଗଲରେ ନିଆଁ ଲାଗିବାରୁ ୬୨ଜଣଙ୍କର ମୃତ୍ୟୁ ଏବଂ ୬୦ଜଣରୁ ଅଧିକ ଆହତ ।

ଶବ୍ଦଧନ୍ଦା ଜୁଲାଇ-୨୦୧୭

ଶ୍ରୀ ପ୍ରିୟଦର୍ଶୀ ଶତପଥୀ

୧ । କାଗଜରେ ବା କାର୍ଡ଼ରେ ଘର କାଟି ଉତ୍ତର ଲେଖନ୍ତୁ ।
୨ । ଶୂନ୍ୟ ଘରେ ଗୋଟିଏ ମାତ୍ର ଅକ୍ଷର ବସାନ୍ତୁ ।
୩ । ଉତ୍ତର କାଗଜରେ ନାମ ଓ ଠିକଣା ଲେଖନ୍ତୁ ।
୪ । ସମ୍ପାଦିକାଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ।
୫ । ଆସନ୍ତା ସଂଖ୍ୟାରେ ଫଳ ପ୍ରକାଶ ପାଇବ ।
୬ । ଉତ୍ତର ପହଞ୍ଚିବାର ଶେଷ ତାରିଖ ୨୨ ।୦୭ ।୨୦୧୭
୭ । ନିୟମାବଳୀ ପଢ଼ି ଉତ୍ତର ଦିଅନ୍ତୁ ।

୧		୨	❋	୩		୪
	❋		❋		❋	
	❋	୫			୬	
୭			୮			❋
୯				୧୦		୧୧
	୧୨				❋	
୧୩			❋	୧୪		

ସୂଚନା

ବାମରୁ ଡାହାଣ-- ୧ । ସୀତା (୩), ୩ । ବିଚ୍ଛେଦପୀଡ଼ିତ (୩), ୫ । ରୋଗ ପ୍ରତିବିଧାନ (୩), ୭ । ଯୁଦ୍ଧ (୨), ୮ । ନିଧନ (୩), ୯ । ବିଶୁଦ୍ଧ (୩), ୧୦ । ଆନ୍ତରିକ (୩), ୧୨ । ରବିଫସଲ ବିଶେଷ (୩), ୧୩ । ବେଙ୍ଗ (୩), ୧୪ । କପି (୩) ।

ଉପରୁ ତଳ-- ୧ । ପଶୁ (୪), ୨ । ପୋକ (୨), ୩ । ବାସ କରିବାର ଇଚ୍ଛା (୩), ୪ । ସିନ୍ଦୂର (୪), ୫ । ପତାକା (୩), ୬ । ଯାତ୍ରା (୨), ୮ । ମଧ୍ୟରାତ୍ର (୩), ୯ । ବ୍ୟାଧ (୩), ୧୦ । ମକାତୀର୍ଥ ଦର୍ଶନକାରୀ (୨) ୧୧ । ସ୍ୱୀକାର (୩) ।

-- ବାଗଲପୁର, ଜଗତସିଂହପୁର- ୭୫୪୧୦୨

ଜୁନ ମାସ ଶବ୍ଦଧନ୍ଦାର ଉତ୍ତର (ବାମରୁ ଡାହାଣ)-- ୧ । ଆପଣିକ, ୪ । ଉଷ୍ଟ୍ର, ୫ । କୃପାଣ, ୬ । ବାରିଜ, ୮ । ହୟ, ୯ । ଅନ୍ତରୀକ୍ଷ, ୧୧ । କାନ୍ତି, ୧୨ । ପାଷାଣ, ୧୩ । ବଳକା, ୧୪ । ଜଞ୍ଜିର, ୧୬ । ଶିଳ, ୧୭ । ଗଭା ।

ଉପରୁ ତଳ-- ୧ । ଆଳବାଳ, ୨ । ପଥୁରି, ୩ । କଳିକା, ୪ । ଉପାକ୍ଷ, ୫ । କୃତାନ୍ତ, ୭ । ଜୟନ୍ତିକା, ୯ । ଅନୁଜ, ୧୦ । କ୍ଷଣପ୍ରଭା, ୧୧ । କାଳ, ୧୨ । ପାଞ୍ଜି, ୧୩ । ବକ୍ର, ୧୫ । ରଗ ।

ଗତମାସର ଠିକ୍ ଉତ୍ତରଦାତା- ରାସେଶ୍ୱର ମହାନ୍ତ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, ଚମ୍ପୁଆ, କେନ୍ଦୁଝର; **ରାଜକିଶୋର ସାହୁ,** ଓଡ଼ଗାଁ, ନୟାଗଡ଼; **ଶୁଭସ୍ମିତା କୁଅଁର,** ସୁଗୋ, ଜଳେଶ୍ୱର; **ରସାନନ୍ଦ ଘଡ଼େଇ,** ପୁଆଣିଆଁ, ଗମ୍ଭାରିଡିହି, ନୟାଗଡ଼; **ପ୍ରଦୀପ କୁମାର ଦାଶ,** ହରିଶଙ୍କର ରୋଡ, ବଲାଙ୍ଗୀର ।

ବିଳମ୍ବରେ ପହଞ୍ଚିଥିବା ଉତ୍ତର- ରାସେଶ୍ୱର ମହାନ୍ତ (ମେ), **ପ୍ରଦୀପ କୁମାର ଦାଶ** (ଏପ୍ରିଲ), **ମଞ୍ଜୁଲତା ନାଗ** (ଏପ୍ରିଲ), **ଶୁଭସ୍ମିତା କୁଅଁର** (ମେ) ।

ପୃଥ୍ୱୀ କ୍ଷଣ-କ୍ଷଣକେ ଆନ

ଓଡ଼ିଶା ଖବର

୨୩। ୫-- ପଞ୍ଚମ ଓଡ଼ିଶା ଯାତ୍ରା ଆୱାର୍ଡ-୨୦୧୭ ପ୍ରଦାନ ଉତ୍ସବରେ ସୀତାକାନ୍ତ ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ଏବଂ 'ରାମ ବନବାସ କାହାଣୀ ଶେଷ' ଶ୍ରେଷ୍ଠ ନାଟକ, ଅଜୟ ମିଶ୍ର- ଶ୍ରେଷ୍ଠ ନାୟକ (ରାମ ବନବାସ କାହାଣୀ ଶେଷ), ନଳିନୀ ସ୍ୱାଇଁ ଶ୍ରେଷ୍ଠ ନାୟିକା (ମାଇଚିଆ ଗୋଖେଇ ସାହୁ) ଭାବେ ସମ୍ମାନିତ ।

୨୭। ୫-- ନୃତ୍ୟକ୍ଷେତ୍ରରେ ଗୁରୁ ରତିକାନ୍ତ ମହାପାତ୍ର, ନାଟକ ପାଇଁ ଶ୍ରୀ ସତ୍ୟବ୍ରତ ବାରିକ ଏବଂ ପାଲା ପାଇଁ ସମ୍ରାଟ ଲକ୍ଷ୍ମୀଧର ରାଉତଙ୍କୁ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନର ନିଷ୍ପତ୍ତି ।

୩୦। ୫-- ବିଶିଷ୍ଟ ମର୍ଦ୍ଦଳ ଗୁରୁ ତଥା ମର୍ଦ୍ଦଳ ଏକାଡେମୀର ପ୍ରତିଷ୍ଠାତା ଗୁରୁ ଡ. ବନମାଳୀ ମହାରଣାଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ସମ୍ମାନଜନକ ସମ୍ମାନ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ-୨୦୧୬' ପ୍ରଦାନ କରାଯିବ ।

୫। ୬-- ଓଡ଼ିଆ ଝିଅ ପଦ୍ମାଳୟା ନନ୍ଦ ୟୁରୋପର ଜର୍ଜିଆରେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଲିଟିଲ୍ ମିସ୍ ୟୁନିଭର୍ସ ଇଣ୍ଟରନେଟ୍- ୨୦୧୭, ମିସ୍ ୟୁନିଭର୍ସ ଗ୍ରାନ ପିକ୍ସ ଓ ଲିଟିଲ୍ ମିସ୍ ଆକ୍ଟ୍ରେସ୍ ଆଖ୍ୟା ଅର୍ଜନ କରିଛନ୍ତି ।

୭। ୬-- ରାଜ୍ୟ ସରକାରଙ୍କର ବୈଷୟିକ ପରାମର୍ଶଦାତା ପଦରୁ ଶ୍ୟାମ ପିଟ୍ରୋଡାଙ୍କର ଇସ୍ତଫା ପ୍ରଦାନ ।

୮। ୬-- ଭାରତୀୟ ମହିଳା ଫୁଟବଲ ଦଳର ଅଧିନାୟିକା ତଥା ଜାତୀୟ ମହିଳା ଫୁଟବଲ ଦଳର ନିୟମିତ ସଦସ୍ୟା ଓଡ଼ିଶାର ସସ୍ମିତା ମଲ୍ଲିକ ୨୦୧୬ ପାଇଁ ସର୍ବଶ୍ରେଷ୍ଠ ମହିଳା ଫୁଟବଲ ଖେଳାଳି ଭାବେ ପୁରସ୍କୃତ ।

୧୮। ୬-- କେରଳର ତିରୁଓ୍ୱନନ୍ତପୁରମ୍‌ରେ ସର୍ବଭାରତୀୟ ଜୁନିଅର ରାଙ୍କିଂ ବ୍ୟାଡ୍‌ମିଣ୍ଟନ୍ ଚମ୍ପିଆନ୍‌ସିପ୍‌ରେ ଋତୁପର୍ଣ୍ଣା ପଣ୍ଡାଙ୍କର ଟାଇଟେଲ୍ ହାସଲ ।

ଭାରତ ଖବର

୧୯। ୫-- ଜିଏସ୍‌ଟି ବୈଠକରେ ସାମଗ୍ରୀ ଓ ସେବା ଉପରେ ଟିକସ୍ ଚୂଡ଼ାନ୍ତ । ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଟିକସ୍‌ମୁକ୍ତ ଏବଂ ଧାନ, ଗହମ, କ୍ଷୀର, ଦହି, ଗୁଡ଼, ଶସ୍ତା ହୋଟେଲ ଆଦି ଟିକସ୍‌ମୁକ୍ତ ହେବାର ଘୋଷଣା ।

୨୦। ୫-- ଚୀନ୍‌ର ସାଂଘାଇଠାରେ ଚାଲିଥିବା ତୀରନ୍ଦାଜ ବିଶ୍ୱ କପରେ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳଙ୍କର ସ୍ୱର୍ଣ୍ଣପଦକ ହାସଲ ।

୨୩। ୫-- ଉତ୍ତରାଖଣ୍ଡ ଉତ୍ତରକାଶୀଠାରେ ଏକ ତୀର୍ଥଯାତ୍ରୀ ବସ୍ ନଦୀକୁ ଖସି ପଡ଼ିବାରୁ ୨୨ଜଣଙ୍କର ମୃତ୍ୟୁ ।

୨୪। ୫-- ସମଗ୍ର ଦେଶରେ ପ୍ରଥମ ମେଟ୍ରୋ ସୁଡ଼ଙ୍ଗ ୩୬ ଦିନ ମଧ୍ୟରେ ଗଂଗାନଦୀରେ ନିର୍ମିତ । ଏହାର ଦୂରତ୍ୱ ୫୨୦ ମିଟର ।

୨୫। ୫-- ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପି.ଭି ସିନ୍ଧୁ ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ମହାସଂଘ (ବି.ଡବ୍ଲୁ.ଏଫ୍) ଖେଳାଳି ପରିଷଦର ସଦସ୍ୟା ନିର୍ବାଚିତ ।

-- ଭାରତୀୟ ଡାକ୍ତରାଣୀ ଉଜ୍‌ମାଙ୍କର ପାକିସ୍ତାନରୁ ଭାରତ ପ୍ରତ୍ୟାବର୍ତ୍ତନ ।

୨୬। ୫ -- ପଞ୍ଜାବରୁ ଆତଙ୍କବାଦ ଲୋପର ମୁଖ୍ୟ ଭୂମିକା ନିର୍ବାହ କରିଥିବା କଓ୍ୱଁରପାଲ ଗିଲ୍‌ଙ୍କର (କେପିଏସ୍) ୮୨ ବର୍ଷରେ ପରଲୋକ । ୧୯୮୦ ଦଶକରେ ସେ ପଞ୍ଜାବର ପୁଲିସ୍ ମହାନିର୍ଦ୍ଦେଶକ ଥିଲେ ।

୨୭। ୫-- ଦେଶର ଦୀର୍ଘତମ ଆସାମ୍ ଓ ଅରୁଣାଚଳ ଢୋଲା-ସାଦିଆ ସେତୁ ବିଶିଷ୍ଟ ଗାୟକ ଭୂପେନ୍ ହଜାରିକାଙ୍କ ନାମରେ ସମର୍ପିତ ।

୭। ୬ -- ଜୁଲାଇ ୧୭ରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ ଏବଂ ଜୁଲାଇ ୨୦ରେ ଭୋଟ ଗଣତି ହେବ ।

୧୨। ୬-- ଜ୍ଞାନପୀଠ ପୁରସ୍କାର ବିଜୟୀ ପ୍ରଖ୍ୟାତ ତେଲଗୁ ସାହିତ୍ୟିକ ତଥା ରାଜ୍ୟସଭା ସାଂସଦ ଡଃ ସି ନାରାୟଣ ରେଡ୍ଡିଙ୍କର ୮୫ ବର୍ଷରେ ପରଲୋକ ।

(ଅବଶିଷ୍ଟାଂଶ ୫୨ ପୃଷ୍ଠାରେ)

EDITED, PRINTED & PUBLISHED BY ANASUYA NANDA AT SANSAR PRESS, TALATELENGA BAZAR, CUTTACK-753009, Ph : 2420075, 2422597